# ଖ୍ରୀଷ୍ଟରେ ଏକ ନୂତନ ଜୀବନର ଆରମ୍ଭ

## ଖ୍ରୀଷ୍ଟି ଏ. ବ୍ରାଉନର୍‌ଙ୍କ ଦ୍ୱାରା

## "ଯୀଶୁଙ୍କର ପ୍ରଥମ ଏବଂ ଦ୍ୱିତୀୟ ଆଗମନ" - ଅଧ୍ୟାୟ - ୧

## ମାଥିଉ ୧ ଏବଂ ୨୪

**"ଅତଏବ ଜାଗ୍ରତ ଥାଅ, କାରଣ ତୁମ୍ଭମାନଙ୍କ ପ୍ରଭୁ କେଉଁ ଦିନ ଆସିବେ, ତାହା ତୁମ୍ଭେମାନେ ଜାଣନାହିଁ...ଏଣୁ ତୁମ୍ଭେମାନେ ମଧ୍ୟ ପ୍ରସ୍ତୁତ ହୋଇଥାଅ, କାରଣ ଯେଉଁ ଦଣ୍ଡରେ ତୁମ୍ଭେମାନେ ମନେ କରୁ ନ ଥିବ, ସେହି ଦଣ୍ଡରେ ମନୁଷ୍ୟପୁତ୍ର ଆସିବେ ।" ମାଥିଉ ୨୪:୪୨,୪୪**

** ଯଦି ସମ୍ଭବ ହୁଏ, ତେବେ ସମୂହର ପ୍ରତ୍ୟେକ ସଦସ୍ୟ ଯେଉଁମାନଙ୍କୁ ଲେଖିବା ଆସୁଛି ସେମାନେ ଏହି ଅଧ୍ୟୟନ ନିମନ୍ତେ ପେନ୍ ଏବଂ ପେପର୍ ଆଣନ୍ତୁ । ଯଦି ସମୂହଟି ଅଶିକ୍ଷିତ କିମ୍ବା ଅଳ୍ପ ଶିକ୍ଷିତ, ତେବେ ଏହି ଅଧ୍ୟୟନରେ ଭାଗ ନେବା ସମ୍ଭବ ନୁହେଁ । ହେଲେ ମଧ୍ୟ ତାହା ଚଳିବ ।*

ଏକ ସମୟ ଥିଲା ଯେତେବେଳେ ରୋମୀୟମାନେ ସାରା ଜଗତକୁ ରାଜ୍ୟ କରୁଥିଲେ । ସେତେବେଳେ ଇସ୍ରାଏଲ ଦେଶରେ ମରିୟମ ନାମକ ଜଣେ କୁମାରୀ ଥିଲେ ଯାହାର ଯୋଷେଫ ନାମକ ଜଣେ ବ୍ୟକ୍ତିଙ୍କ ସହିତ ବିବାହ ନିର୍ବନ୍ଧ ହୋଇଥିଲା । ବର୍ତ୍ତମାନ ସେମାନଙ୍କ ବିବାହପୂର୍ବେ ମରିୟମ ଗର୍ଭବତୀ ହେଲେ । କିନ୍ତୁ ଯେତେବେଳେ ଯୋଷେଫ ଏ ବିଷୟରେ ଜାଣିଲେ, ସେ ଏହି ନିର୍ବନ୍ଧକୁ ଭାଙ୍ଗିବାକୁ ଇଚ୍ଛା କଲେ । ସେ ମରିୟମଙ୍କୁ ନିନ୍ଦାର ପାତ୍ର ନ କରିବାକୁ, ଗୋଟିଏ ରାତ୍ରିରେ ଗୋପନରେ ତାଙ୍କୁ ପରିତ୍ୟାଗ କରିବାକୁ ସ୍ଥିର କଲେ ।

ଯେତେବେଳେ ଏହା ସେ ମନସ୍ଥ କରିଥିଲେ, ଦେଖ ପ୍ରଭୁଙ୍କର ଜଣେ ଦୂତ ତାଙ୍କ ପାଖକୁ ଆସିଲେ ଆଉ କହିଲେ, ଯାଅ ମରିୟମଙ୍କୁ ବିବାହ କର । କାରଣ ସେ ତାହାଙ୍କୁ ବିଶ୍ୱାସଘାତକ କରିନାହିଁ, ମାତ୍ର ପବିତ୍ରଆତ୍ମାଙ୍କ ଅଲୌକିକ ଶକ୍ତିରେ ଗର୍ଭଧାରଣ କରିଛନ୍ତି । ସ୍ୱର୍ଗଦୂତ କହି ଭାବବାଦୀଙ୍କ ଦ୍ୱାରା ଉକ୍ତ ବାକ୍ୟ ଯେପରି ସଫଳ ହୁଏ, ସେଥିନିମନ୍ତେ ଗର୍ଭଧାରଣ କରିଅଛନ୍ତି । ଯେଉଁ ପୁତ୍ରଙ୍କୁ ସେ ଗର୍ଭଧାରଣ କରିଛନ୍ତି, ତାହା ଯିଶାଇୟ ଭାବବାଦୀ ଉକ୍ତ ବାକ୍ୟ, "ଦେଖ ଜଣେ କନ୍ୟା ଗର୍ଭବତୀ ହୋଇ ପୁତ୍ର ପ୍ରସବ କରିବ, ଆଉ ଲୋକେ ତାହାଙ୍କ ନାମ ଇମ୍ମାନୁୟେଲ ଦେବେ । ଏହି ନାମର ଅର୍ଥ 'ଆମ୍ଭମାନଙ୍କ ସହିତ ଈଶ୍ୱର' ।"

ପୁଣି ଯୋଷେଫ ଦୂତଙ୍କୁ ବିଶ୍ୱାସ କଲେ ଏବଂ ମରିୟମଙ୍କୁ ନିଜ ଭାର୍ଯ୍ୟା ରୂପେ ଗ୍ରହଣ କଲେ । କିନ୍ତୁ ସେ ପୁତ୍ର ପ୍ରସବ ନ କରିବା ପର୍ଯ୍ୟନ୍ତ ତାହାଙ୍କ ସହିତ ସହବାସ କଲେ ନାହିଁ । ମାତ୍ର ସେହି ପୁତ୍ର କୁମାରୀଙ୍କଠାରୁ ଜନ୍ମ ହେଲେ । ଯୋଷେଫ ତାଙ୍କ ନାମ ଯୀଶୁ ଦେଲେ ।

*ଯୀଶୁଙ୍କ ଆଗମନ ବିଷୟରେ ବାଇବଲରେ ଅନେକ ଭାବବାଣୀ ଉକ୍ତ କରାଗଲା । ପୁରାତନ ନିୟମରେ ତାହାଙ୍କର ଜନ୍ମ ବିଷୟରେ ଭାବବାଣୀ କରାଗଲା । ତାହା ସଙ୍ଗେ ସଙ୍ଗେ ତାହାଙ୍କ ମୃତ୍ୟୁ ଓ ପୁନରୁତ୍ଥାନ ବିଷୟରେ ମଧ୍ୟ ଭାବବାଣୀ କରାଗଲା । ସ୍ୱୟଂ ଯୀଶୁ ମଧ୍ୟ ଆପଣା ବିଷୟରେ କହିଲେ, କି ସେ କିଏ ଆଉ ସେ କ'ଣ କରିବେ । ଯୀଶୁଙ୍କର କେତେକ ଭବିଷ୍ୟତ୍‌ବାଣୀ ଏବଂ ପୁରାତନ ନିୟମର କେତେକ ଭବିଷ୍ୟତ୍‌ବାଣୀ ଏପର୍ଯ୍ୟନ୍ତ ପୁରା ହୋଇନାହିଁ । ଏହି ଭବିଷ୍ୟତ୍‌ବାଣୀ କହେ ଯେ, ଯୀଶୁ ପୁଣି ଥରେ ଜଗତକୁ ଆସିବେ । ଖ୍ରୀଷ୍ଟଙ୍କର ପ୍ରଥମ ଆଗମନ ଏକ ଗରୀବ ସ୍ଥାନରେ ହୋଇଥିଲା । କାରଣ ସେ ଜଣେ ଦୁଃଖୀ ଦାସ ରୂପରେ ଆସିଥିଲେ । କିନ୍ତୁ ବାଇବଲ କହେ, ତାହାଙ୍କର ଦ୍ୱିତୀୟ ଆଗମନ ବିଲ୍‌କୁଲ୍ ଭିନ୍ନ ରୂପରେ ହେବ ।*

ଜୀତ ପର୍ବତ ଉପରେ ଯୀଶୁ ଆପଣା ଶିଷ୍ୟମାନଙ୍କୁ ତାହାଙ୍କର ଆଗମନ ବିଷୟରେ କହିଲେ । "ତୁମ୍ଭର ଆଗମନ ଏବଂ ଯୁଗର ଅନ୍ତର ଚିହ୍ନ କ'ଣ ହେବ" ଏହି ପ୍ରଶ୍ନର ଉତ୍ତରରେ ସେ ଏକଥାକୁ କହିଲେ ।

ଯୀଶୁ ପ୍ରଥମେ ସାବଧାନ କରି ସେମାନଙ୍କୁ ଉତ୍ତର ଦେଇ କହିଲେ, ସାବଧାନ କେହି ଯେପରି ତୁମ୍ଭମାନଙ୍କୁ ଧୋଖା ନ ଦିଏ । ସେ ସେମାନଙ୍କୁ କହିଲେ, ଯେମିତି ତାହାଙ୍କର ଆଗମନ ନିକଟବର୍ତ୍ତୀ ହେବ, ଅନେକ ଲୋକ ତାହାଙ୍କ ନାମରେ ଆସିବେ । ଆଉ ସେମାନେ କହିବେ, "ମୁଁ ଖ୍ରୀଷ୍ଟ ଅଟେ" । ଦୁର୍ଭାଗ୍ୟବଶତଃ, ଅନେକ ଲୋକ ସେହି ଭଣ୍ଡଭାବବାଦୀମାନଙ୍କୁ ବିଶ୍ୱାସ କରିବେ । ପୁଣି ସେହି ସମୟରେ ପୃଥିବୀସ୍ଥ ଭିନ୍ନ ଭିନ୍ନ ଲୋକଙ୍କ ମଧ୍ୟରେ ଅନେକ ଯୁଦ୍ଧ ହେବ । ସେହି ସମୟରେ ଚାରି ପ୍ରକାର ଭୟଙ୍କର ପ୍ରାକୃତିକ ବିପର୍ଯ୍ୟୟ ହେବ : ଦେଶ-ଦେଶ ଓ ଜାତି-ଜାତି ମଧ୍ୟରେ ଯୁଦ୍ଧ, ଦୁର୍ଭିକ୍ଷ, ରୋଗ ଏବଂ ଭୂମିକମ୍ପ । ଏସବୁ ମାତ୍ର ଏକ ଆରମ୍ଭ ଅଟେ । ପୁଣି ଶେଷ ସମୟରେ ଏହାଠାରୁ ମଧ୍ୟ ଅତି ଦାରୁଣ ଦୁଃଖ ଆସିବ ।

ଲୋକେ ପରସ୍ପରକୁ ବିଶ୍ୱାସଘାତ କରିବେ, ହତ୍ୟା କରିବେ, ଆଉ ଯୀଶୁଙ୍କୁ ବିଶ୍ୱାସ କରିବା ହେତୁ ପରସ୍ପରକୁ ଘୃଣା କରିବେ । ଅନେକ ଭଣ୍ଡ ଭାବବାଦୀମାନେ ଆସିବେ ଏବଂ ଲୋକମାନଙ୍କୁ ଧୋଖା ଦେବେ । ଅଧର୍ମ ବଢ଼ିବ ଏବଂ ପରସ୍ପର ପ୍ରତି ଯେଉଁ ପ୍ରେମ ଥିଲା, ତାହା ଶିଥିଳ ହେବ । ପୁଣି ଏହି ସମସ୍ତ ମଧ୍ୟରେ ଯୀଶୁଙ୍କର ସୁସମାଚାର ପ୍ରଚାର ହେବ ଯେବେ ସମସ୍ତ ଜଗତ ସୁସମାଚାରକୁ ଶୁଣିବ, ତେବେ ଯୁଗାନ୍ତ ଆସିବ ।

ସମଗ୍ର ଜଗତରେ ମହାକ୍ଳେଶ ଏବଂ ଭୟଙ୍କର କ୍ଳେଶ ଆସିବ । ଯଦି ମଣିଷ ଯାହା ଇଚ୍ଛା କରେ, ତାହା ହେବାକୁ ଈଶ୍ୱର ଅନୁମତି ଦିଅନ୍ତି, ତେବେ ଅତିଶୀଘ୍ର ମଣିଷର ବିନାଶ ହେବ । କିନ୍ତୁ ଖ୍ରୀଷ୍ଟ ବିଶ୍ୱାସୀମାନଙ୍କ ନିମନ୍ତେ ଦୁଃଖ ଏବଂ ସଙ୍କଟର ଦିନକୁ ଈଶ୍ୱର କମ୍ କରିଦେବେ ।

କାରଣ ଭଣ୍ଡ ଖ୍ରୀଷ୍ଟମାନେ ଓ ଭଣ୍ଡଭାବବାଦୀମାନେ ଉଠି ଏପରି ମହାମହା ଚିହ୍ନ ଓ ଅଦ୍ଭୁତ କର୍ମମାନ ଦେଖାଇବେ ଯେ, ଯଦି ସମ୍ଭବ ହୁଏ ତେବେ ମନୋନୀତ ଲୋକଙ୍କୁ ସୁଦ୍ଧା ଭ୍ରାନ୍ତ କରିବେ ।

କାରଣ ବିଜୁଳି ଯେପରି ପୂର୍ବ ଦିଗରୁ ମାରି ପଶ୍ଚିମ ଦିଗ ପର୍ଯ୍ୟନ୍ତ ଦେଖାଯାଏ, ସେପରି ମନୁଷ୍ୟପୁତ୍ରଙ୍କର ଆଗମନ ହେବ । ସେହି ସମୟରେ କ୍ଳେଶ ଉତ୍ତାରେ ଅକସ୍ମାତ୍ ସୂର୍ଯ୍ୟ ଅନ୍ଧକାରମୟ ହେବ ଓ ଚନ୍ଦ୍ର ଆଲୋକ ଦେବ ନାହିଁ । ପୁଣି ନକ୍ଷତ୍ରମାଳା ଆକାଶରୁ ସ୍ଖଳିତ ହେବେ ଓ ଆକାଶମଣ୍ଡଳର ଶକ୍ତିସମୂହ ବିଚଳିତ ହେବେ । ସେତେବେଳେ ଆକାଶରେ ମନୁଷ୍ୟପୁତ୍ରଙ୍କର ଲକ୍ଷଣ ଦେଖାଯିବ । ପୁଣି ସେ ସମୟରେ ପୃଥିବୀର ସମସ୍ତ ଗୋଷ୍ଠୀ ବିଳାପ କରିବେ ଏବଂ ମନୁଷ୍ୟପୁତ୍ରଙ୍କୁ ମହାପରାକ୍ରମ ଓ ମହାମହିମାସହ ଆକାଶର ମେଘମାଳାରେ ଆଗମନ କରିବା ଦେଖିବେ । ଆଉ ସେ ମହାତୂରୀଧ୍ୱନୀ ସହିତ ଆପଣା ଦୂତମାନଙ୍କୁ ପ୍ରେରଣ କରିବେ ଏବଂ ସେମାନେ ଆକାଶର ଏକ ସୀମାରୁ ଅନ୍ୟ ସୀମା ପର୍ଯ୍ୟନ୍ତ ଚତୁର୍ଦ୍ଦିଗରୁ ତାହାଙ୍କର ମନୋନୀତ ଲୋକମାନଙ୍କୁ ଏକତ୍ର କରିବେ ।

କିନ୍ତୁ ସେହି ଦିନ ଓ ଦଣ୍ଡ ବିଷୟ କେହି ଜାଣନ୍ତି ନାହିଁ, ସ୍ୱର୍ଗର ଦୂତମାନେ କିମ୍ୱା ପୁତ୍ର ସୁଦ୍ଧା ଜାଣନ୍ତି ନାହିଁ । କେବଳମାତ୍ର ପିତା ଜାଣନ୍ତି ।

ଅତଏବ, ଜାଗ୍ରତ ଥାଅ, କାରଣ ଯେଉଁ ଦଣ୍ଡରେ ତୁମ୍ଭେମାନେ ମନେ କରୁ ନ ଥିବ, ସେହି ଦଣ୍ଡରେ ମନୁଷ୍ୟପୁତ୍ର ଆସିବେ ।

## ମୌଖିକ ପ୍ରଶ୍ନ

୧. କେଉଁ ଦେଶରେ ଯୀଶୁଙ୍କର ଜନ୍ମ ହୋଇଥିଲା ?

୨. ଯୀଶୁଙ୍କର ସାଂସାରିକ ମାତାପିତାଙ୍କର ନାମ କ'ଣ ଥିଲା ?

୩. ପୃଥିବୀରେ ଯୀଶୁଙ୍କର ପ୍ରଥମ ଆଗମନରେ କ'ଣ ଅଦ୍ଭୁତ କର୍ମ ହୋଇଥିଲା ?

୪. ଯିଶାଇୟ ଭାବବାଦୀ ଭାବବାଣୀ କରି କହିଲେ ଯେ, ଯୀଶୁଙ୍କର ଜନ୍ମ ଏକ କୁମାରୀ ଗର୍ଭରୁ ହେବ ଏବଂ ସେ ଇମ୍ମାନୁୟେଲ କୁହାଯିବେ । ଯାହାର ଅର୍ଥ, "__________" ଅଟେ ।

୫. ଯେତେବେଳେ ଯୀଶୁ ଆପଣା ଶିଷ୍ୟମାନଙ୍କ ସହିତ ଜୀତ ପର୍ବତ ଉପରେ ଥିଲେ, ଶିଷ୍ୟମାନେ ତାହାଙ୍କୁ କେଉଁ ପ୍ରଶ୍ନ ପଚାରିଥିଲେ ?

୬. ଯୀଶୁ ସେମାନଙ୍କୁ କେଉଁ ପ୍ରକାର ଲୋକମାନଙ୍କ ଦ୍ୱାରା ଭ୍ରାନ୍ତ ନ ହେବାକୁ ସତର୍କ କଲେ ?

୭. କେଉଁ ପ୍ରକାରେ ଅନେକ ଲୋକ ଆସିବେ ?

୮. ଯୀଶୁ ପୃଥିବୀକୁ ଆସିବା ପୂର୍ବେ ହେବାକୁ ଥିବା ଚାରି ମହାକ୍ଳେଶ ବିଷୟରେ କହିଥିଲେ, ସେସବୁ କ'ଣ ?

ଯୁ__________, ଦୁ__________, ଋ__________ ଓ ଭୂ__________ ।

୯. ଯୀଶୁ କହିଲେ, ତାହାଙ୍କର ଅନୁସରଣକାରୀମାନେ ଦୁଃଖ ପାଇବେ । କାରଣ ସେମାନେ ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ କରୁଛନ୍ତି । ଯୀଶୁ କ'ଣ କହିଲେ ଯେ ସେମାନଙ୍କ ମଧ୍ୟରେ କ'ଣ ସବୁ ହେବ ?

୧୦. ଯୀଶୁ କହିଲେ ଭଣ୍ଡ ଭାବବାଦୀମାନଙ୍କ ପାଖରେ କେଉଁ ଶକ୍ତି ଅଛି ଯେ ସେମାନେ ମନୋନୀତମାନଙ୍କୁ ମଧ୍ୟ ଭ୍ରାନ୍ତ କରିବେ ?

୧୧. ଯୀଶୁ ଆପଣା ଦ୍ୱିତୀୟ ଆଗମନ ବିଷୟରେ ପ୍ରକୃତିର କେଉଁ ଘଟଣା ବିଷୟରେ କହିଲେ ?

୧୨. ଯେତେବେଳେ ଯୀଶୁ ପୃଥିବୀକୁ ଦ୍ୱିତୀୟ ଆଗମନ କରିବେ, ତେବେ ପୃଥିବୀର __________ ଗୋଷ୍ଠୀର ଲୋକମାନେ ତାହାଙ୍କୁ ଦେଖିବେ ।

୧୩. ଯେବେ ଯୀଶୁଙ୍କର ଦ୍ୱିତୀୟ ଆଗମନ ହେବ, ସେତେବେଳେ ସୂର୍ଯ୍ୟ, ଚନ୍ଦ୍ର ଓ ନକ୍ଷତ୍ରମାନଙ୍କର ଅବସ୍ଥା କ'ଣ ହେବ ?

୧୪. କେଉଁ ସ୍ଥାନରେ ଈଶ୍ୱରଙ୍କ ଲୋକମାନେ ଏକତ୍ର ହେବେ ?

୧୫. କିଏ ସେ ଜଣେ ବ୍ୟକ୍ତି ଯିଏ ଯୀଶୁଙ୍କର ଆଗମନ ବିଷୟରେ ଜାଣେ ?

୧୬. ଯଦି କେହି ଯୀଶୁଙ୍କ ନାମ ବିନା ଅଦ୍ଭୁତ କର୍ମ କରେ କିମ୍ୱା ଖ୍ରୀଷ୍ଟ ହେବାର ପ୍ରତିଜ୍ଞା କରେ, ତେବେ ମୋତେ କେଉଁ ପ୍ରକାର ପ୍ରତିକ୍ରିୟା କରିବା ଆବଶ୍ୟକ ?

# ଆତ୍ମିକ ସତ୍ୟ - ଅଧ୍ୟାୟ - ୧

## ମାଥିଉ ୧, ୨୪

୧. ଯେତେବେଳେ ଯୀଶୁ ଭାବବାଣୀର ପୂର୍ଣ୍ଣତା ନିମନ୍ତେ ପ୍ରଥମଥର ଆସିଥିଲେ, ଠିକ୍ ସେହିପରି ସେ ମହାପରାକ୍ରମ ଓ ମହାମହିମା ସହ ପୁନର୍ବାର ଆସିବେ । ଅନେକ ମିଥ୍ୟା ଧର୍ମ, ଭଣ୍ଡ ଭାବବାଦୀ ଓ ଅନେକ ଲୋକ ନିଜକୁ ଈଶ୍ୱର କହିବେ । ଯେତେବେଳେ ଯୀଶୁ ପୁନର୍ବାର ଆସିବେ, ତେବେ କୌଣସି ସନ୍ଦେହ ହେବ ନାହିଁ କି ସେ ଲୋକମାନଙ୍କ ନିମନ୍ତେ କିଏ ଅଟନ୍ତି । ବାଇବଲ କ'ଣ କହେ, ପ୍ରତି ଆଣ୍ଠୁ ଭାଙ୍ଗିବ, ପ୍ରତି ଜିଭ କଥା କହିବ କି ଯୀଶୁ ହିଁ ପ୍ରଭୁ ଅଟନ୍ତି । ଯେକେହି ନିଜକୁ ଜଣେ ଭାବବାଦୀ, ଜଣେ ନୂତନ ଖ୍ରୀଷ୍ଟ କିମ୍ବା ଈଶ୍ୱର କହିବ, ସେ ଜଣେ ଭାବବାଦୀ ଏବଂ ନକଲି ବ୍ୟକ୍ତି ।

୨. ସେ ଆକାଶର ଏକ ସୀମାରୁ ଅନ୍ୟ ସୀମା ପର୍ଯ୍ୟନ୍ତ ତାହାଙ୍କର ମନୋନୀତ ଲୋକମାନଙ୍କୁ ଏକତ୍ର କରିବେ ।

❖ ଯୀଶୁ ଆସିବା ନିମନ୍ତେ ପ୍ରତିଜ୍ଞା କରିଥିଲେ ଏବଂ ସେ ଆସିଲେ । ସେ ପୁଣି ଥରେ ଆସିବା ନିମନ୍ତେ ପ୍ରତିଜ୍ଞା କରିଛନ୍ତି ଓ ସେ ନିଶ୍ଚୟ ଆସିବେ । ସେ ତାହାଙ୍କର ମନୋନୀତମାନଙ୍କୁ ଏକତ୍ର କରିବା ପାଇଁ ପ୍ରତିଜ୍ଞା କରନ୍ତି । ଆଉ ସେ ନିଶ୍ଚୟ କରିବେ ।

❖ ଯଦି ଆମେ ଯୀଶୁଙ୍କୁ ଆମ୍ଭମାନଙ୍କ ଜୀବନରେ ଆହ୍ୱାନ କରିବା, ଯଦି ଆମେ ଆମ୍ଭମାନଙ୍କ ହୃଦୟକୁ ତାହାଙ୍କୁ ଦେବା, ସେ ଆମ୍ଭମାନଙ୍କୁ ପ୍ରତିଜ୍ଞା କରୁଛନ୍ତି କି, ସେ ଆମ୍ଭମାନଙ୍କୁ ଛାଡ଼ିବେ ନାହିଁ କି ପରିତ୍ୟାଗ କରିବେ ନାହିଁ । ଅର୍ଥାତ୍, ଯଦି ଆମ୍ଭେମାନେ ପାପ କଲେ ସୁଦ୍ଧା ଆମ୍ଭମାନଙ୍କ ଈଶ୍ୱର ତାହାଙ୍କର ପ୍ରତିଜ୍ଞାକୁ ପୁରା କରିବାରେ ବିଶ୍ୱସ୍ତ । ଏହାର କୌଣସି ଅର୍ଥ ନାହିଁ କି ଆମ୍ଭମାନଙ୍କୁ କ'ଣ ହୋଇଛି ଓ ଆମେ କ'ଣ କରୁଛୁ । ଯଦି ଆମେ ଆମ୍ଭମାନଙ୍କର ଜୀବନକୁ ଯୀଶୁଙ୍କୁ ଦେଇଅଛୁ, ତେବେ ସେ ଆମ୍ଭମାନଙ୍କୁ ତାହାଙ୍କ ସଙ୍ଗେ ସ୍ୱର୍ଗକୁ ଘେନିଯିବେ । ଆଉ ତାହାଙ୍କର ଦ୍ୱିତୀୟ ଆଗମନରେ ଆମେ ତାହାଙ୍କୁ ମେଘମାଳାରେ ମିଶିବା ।

୩. ତାହାଙ୍କ ଅନୁସରଣ କରିବା ହେତୁ ଈଶ୍ୱରଙ୍କ ଲୋକମାନେ ଦୁଃଖ ଉଠାଇବେ ।

ବାଇବଲରେ କୁହାଯାଏ, ଯେମିତି ପୃଥିବୀର ଅନ୍ତ ନିକଟବର୍ତ୍ତୀ ହେବ, ଅଧିକରୁ ଅଧିକ ଲୋକ ଦୁଷ୍ଟ ହେବେ, ଅଧିକ ଘୃଣା କରିବେ, ହତ୍ୟା କରିବେ, ପରସ୍ପରକୁ ଧରାଇବେ । ବାଇବଲରେ କୁହାଯାଏ, ଯୀଶୁଙ୍କର ଅନୁକାରୀମାନଙ୍କ ସହିତ ଲୋକ ଘୃଣା କରିବେ ଓ ସେମାନଙ୍କର ସହିତ ଦୁର୍ବ୍ୟବହାର କରିବେ ।

ହୋଇପାରେ ଆପଣ ଯୀଶୁଙ୍କ ପଛେ ଚାଲିବାର ନିଷ୍ପତ୍ତି ନେବା ହେତୁ ଲୋକମାନେ ଆପଣଙ୍କ ସହିତ ଭିନ୍ନ ପ୍ରକାରର ବ୍ୟବହାର କରୁଛନ୍ତି । ଯାହାକି ଆପଣ ନିଜେ ଅନୁଭବ କରୁଅଛନ୍ତି । ଅନେକ ସମୟରେ ଯେତେବେଳେ କେହି ନିଜର ଜୀବନକୁ ଯୀଶୁ ଦିଏ, ତେବେ ତାହାର ପରିବାର ଲୋକେ ସତ୍ତେଜିତ ହୋଇଯାଇଥାନ୍ତି, ଆଶ୍ଚର୍ଯ୍ୟାନ୍ୱିତ ହୋଇଥାନ୍ତି । ଆଉ ବେଳବେଳେ ପରିବାର ତାହାଙ୍କ ନିଷ୍ପତ୍ତିକୁ ଗ୍ରହଣ କରି ନ ଥାନ୍ତି । ଯେବେ ଆପଣ ଯୀଶୁଙ୍କୁ ନିଜ ହୃଦୟରେ ଆହ୍ୱାନ କଲେ, ସେହି ଦିନରୁ ଆପଣଙ୍କ ପରିବର୍ତ୍ତିତ ଜୀବନ ପ୍ରତି ଲୋକଙ୍କର ବିଚାର କ'ଣ ଅଟେ । କ'ଣ, ଆପଣ ଯେ ଯୀଶୁଙ୍କର ଅନୁଗମନ କରୁଅଛନ୍ତି । ତେଣୁ ଆପଣଙ୍କର ଘନିଷ୍ଠ ବନ୍ଧୁ ବା ପରିବାର ଲୋକେ ଆପଣଙ୍କୁ କଷ୍ଟ ଦେଉଛନ୍ତି ବା ସ୍ୱୀକାର କରୁନାହାନ୍ତି ।

ବାଇବଲ ଆମକୁ ଶିକ୍ଷା ଦିଏ, ଲୋକମାନେ ଆମକୁ ସମର୍ଥନ କରନ୍ତୁ ବା ନ କରନ୍ତୁ, ଆମ୍ଭମାନଙ୍କୁ କଷ୍ଟ ମଧ୍ୟ ଦିଅନ୍ତୁ, ତଥାପି ଆମେ ସେମାନଙ୍କୁ ପ୍ରେମ କରିବା ଆବଶ୍ୟକ (ମାଥିଉ ୫:୪୩-୪୮) । ଆମେ ସେମାନଙ୍କୁ ପ୍ରେମ କରିବା ଦରକାର । ଠିକ୍ ଏହିପ୍ରକାରେ ଯୀଶୁ ସେମାନଙ୍କ ସହିତ ବ୍ୟବହାର କଲେ, ଯେଉଁମାନେ ତାଙ୍କୁ କଷ୍ଟ ଦେଲେ, ତାଙ୍କୁ ଧରାଇ ଦେଲେ । ଆମେ ଯୀଶୁଙ୍କର ଜଣେ ଅନୁକାରୀ ରୂପେ ତାହାଙ୍କର ପ୍ରେମର ଆଦର୍ଶକୁ ମଧ୍ୟ ଅନୁସରଣ କରିବା ଦରକାର । ବାଇବଲ କହେ, ତାହାଙ୍କର ପଛେ ପଛେ ଚାଲିବା ହେତୁ ଯେଉଁମାନେ ଦୁଃଖ ପାଉଛନ୍ତି ଓ ତାଡ଼ନା ପାଉଛନ୍ତି, ସମସ୍ତ ଆନନ୍ଦକୁ ଗଣନା କର କାରଣ ଗୋଟିଏ ଦିନ ଏ ସମସ୍ତ ବିଷୟର ଯୋଗ୍ୟ ମୂଲ୍ୟ ଦିଆଯିବ ।

➢ ଯଦି ଆପଣଙ୍କୁ ଭଲ ଲାଗେ, ତେବେ ଯୀଶୁଙ୍କୁ ଗ୍ରହଣ କରିବା ଦିନଠାରୁ ଆପଣଙ୍କ ଜୀବନରେ କ'ଣ ହୋଇଅଛି, ସେହି ଅନୁଭୂତିକୁ ଅନ୍ୟକୁ ବାଣ୍ଟନ୍ତୁ । କ'ଣ ଆପଣଙ୍କର ପରିବାର ସମର୍ଥନ କରନ୍ତି ? କ'ଣ ଆପଣ ଆପଣଙ୍କ ପରିବାରରେ ଜଣେ ବିଶ୍ୱାସୀ ଅଟନ୍ତି ? ଆପଣ ଯାହା କରନ୍ତି କ'ଣ ଆପଣଙ୍କ ପରିବାର ତାହାକୁ ବୁଝେ ? କ'ଣ କେହି କେବେ ଯୀଶୁଙ୍କୁ ଗ୍ରହଣ କରିବା ଦ୍ୱାରା ତାଡ଼ନାପ୍ରାପ୍ତ ହୋଇଛି ? ଯଦି କାହରା ଏହିପ୍ରକାର କଷ୍ଟ ଥାଏ, ତେବେ ଆସନ୍ତୁ ଦଳଭାବେ ତାହାଙ୍କ ନିମନ୍ତେ ପ୍ରାର୍ଥନା କରୁ ।

➢ କିନ୍ତୁ ପ୍ରାର୍ଥନାପୂର୍ବେ, ପ୍ରତ୍ୟେକ ବ୍ୟକ୍ତି ଯିଏ ଖାତା, କିମ୍ବା ଧଳା କାଗଜ କିମ୍ବା କଲମ ଆଣିଛି ତାହାକୁ ବାହାର କରୁ । ଯଦି ଆପଣଙ୍କ ପାଖେ ଖାତା ଅଛି, ତେବେ କାଗଜର ଉପର ଭାଗରେ ଦଳର ପ୍ରତ୍ୟେକ ସଦସ୍ୟଙ୍କ ନାମ ଲେଖ । ପ୍ରତ୍ୟେକ ବ୍ୟକ୍ତିଙ୍କ ନାମ ତଳେ ସେମାନଙ୍କର ପ୍ରାର୍ଥନା ଅନୁରୋଧକୁ ଆମେ ତାଲିକାଭୁକ୍ତ କରିବା । ଯେଉଁମାନେ ଏପର୍ଯ୍ୟନ୍ତ ଯୀଶୁଙ୍କୁ ଗ୍ରହଣ କରିନାହାନ୍ତି, ଯେପରିକି ଅନ୍ୟ ପରିବାର ସଦସ୍ୟମାନେ ବା ବନ୍ଧୁମାନେ, ସେମାନଙ୍କର ମଧ୍ୟ ତାଲିକା କରିବା । ପରସ୍ପରରେ ଏହି ତାଲିକାକୁ ବଣ୍ଟନ କରନ୍ତୁ ଯଦ୍ୱାରା ଆମ୍ଭେମାନେ ଆମ୍ଭମାନଙ୍କ ବନ୍ଧୁ ଓ ପ୍ରିୟଜନମାନଙ୍କ ଯୁଦ୍ଧରେ ସାମିଲ୍ ହୋଇପାରିବା ।

➢ ଯେମିତି ଏହି ସପ୍ତାହରେ ଆମେ ବାହାରକୁ ଯାଉଛୁ, ଆସନ୍ତୁ ପରସ୍ପର ପ୍ରତିଦିନ ପ୍ରାର୍ଥନା କରିବାକୁ ସମ୍ମତ ହେବା । ଏହି ଖାତା କିମ୍ବା କାଗଜଟିକୁ ଆପଣଙ୍କ ଶୟନ କକ୍ଷରେ ରଖନ୍ତୁ ଏବଂ ଆପଣ ଶୋଇବା ପୂର୍ବରୁ ବା ଶୋଇ ଉଠିବା ପରେ ଏହାକୁ ନିଅନ୍ତୁ ଓ ପ୍ରତ୍ୟେକଙ୍କ ନିମନ୍ତେ ପ୍ରାର୍ଥନା କରିବାକୁ ସ୍ମରଣ କରନ୍ତୁ ।

➢ ଆସନ୍ତୁ ଈଶ୍ୱର ଯିଏ ତାହାଙ୍କର ପ୍ରତିଜ୍ଞାକୁ ରଖିବାରେ ବିଶ୍ୱସ୍ତ, ଧନ୍ୟବାଦ ଦେଇ ଏହି ସଭାକୁ ସମାପ୍ତ କରିବା । ଆମ୍ଭମାନଙ୍କ ପାପରୁ କ୍ଷମା କରିବା ନିମନ୍ତେ ଏହି ଜଗତକୁ ଆସିଥିବା ହେତୁ ଓ ତାହାଙ୍କର ଦ୍ୱିତୀୟ ଆଗମନର ପ୍ରତିଜ୍ଞା ହେତୁ ତାହାଙ୍କୁ ଧନ୍ୟବାଦ ଦେବା । ଆସନ୍ତା ସପ୍ତାହରେ ପ୍ରତିଦିନ ପରସ୍ପର ନିମନ୍ତେ ବିଶ୍ୱସ୍ତ ସହିତ ପ୍ରାର୍ଥନା କରିବା ନିମନ୍ତେ ତାହାଙ୍କୁ ଲୋଡ଼ିବା ଏବଂ ସେମାନଙ୍କ ନିମନ୍ତେ ପ୍ରାର୍ଥନା କରିବା ଯିଏ ଖ୍ରୀଷ୍ଟଙ୍କ ପଛେ ଚାଲିବାରେ ନିଷ୍ପତ୍ତି ନେଇଥିବା ହେତୁ ତାଡ଼ନାପ୍ରାପ୍ତ ହେଉଅଛନ୍ତି ।

# ଖ୍ରୀଷ୍ଟରେ ଏକ ନୂତନ ଜୀବନର ଆରମ୍ଭ

## ଖ୍ରୀଷ୍ଟି ଏ. ବ୍ରାଉନର୍‌ଙ୍କ ଦ୍ୱାରା

## "ମିସରକୁ ଯୀଶୁଙ୍କର ପଳାୟନ ଏବଂ ତାହାଙ୍କର ବାପ୍ତିସ୍ମ" - ଅଧ୍ୟାୟ - ୨

## ମାଥିଉ ୨-୩

**"ଯୀଶୁ ବାପ୍ତିସ୍ମ ହେଲାକ୍ଷଣି ଜଳରୁ ଉଠିଆସିଲେ, ଆଉ ଦେଖ, ଆକାଶ ଉନ୍ମୁକ୍ତ ହେଲା, ପୁଣି ସେ ଈଶ୍ୱରଙ୍କ ଆତ୍ମାଙ୍କୁ କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ଦେଖିଲେ । ଆଉ ଦେଖ, ଆକାଶରୁ ଏହି ବାଣୀ ହେଲା, ଏ ଆମ୍ଭର ପ୍ରିୟ ପୁତ୍ର, ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ" ମାଥିଉ ୩:୧୬-୧୭ ।**

### ପୁନଃବିଚାର

୧. ଯୀଶୁଙ୍କର ମା'ଙ୍କ ନାମ ______________ ଥିଲା ।

୨. ଯିଶାଇୟ ଭାବବାଦୀ କହିଲେ ଯେ ଯୀଶୁ ଇମ୍ମାନୁୟେଲ ଡକାଯିବେ, ଯାହାର ଅନୁବାଦିକ ଅର୍ଥ "ଈଶ୍ୱର ______________ ।"

୩. ଜୀତ ପର୍ବତରେ ଯେତେବେଳେ ଶିଷ୍ୟମାନେ ଯୀଶୁଙ୍କର ଆଗମନ ବିଷୟରେ ପଚାରିଲେ, ତ ଯୀଶୁ କହିଲେ ସେମାନେ ସାବଧାନ ରହିବା ଦରକାର । କାରଣ ସେମାନେ ______________ ଭାବାଦୀମାନଙ୍କ ଦ୍ୱାରା ଭ୍ରାନ୍ତ ନ ହେବେ ।

୪. ଯୀଶୁ କହିଲେ ଅନେକେ ନିଜକୁ ______________ କହି ଆସିବେ ।

୫. ଯୀଶୁ କହିଲେ ଜଗତରେ ଭୟଙ୍କର ବିଷୟସବୁ ଘଟିବ । ଯେପରିକି ଯୁ______________, ମ______________, ର______________ ଏବଂ ଭୂ______________ ।

୬. ଯୀଶୁ କହିଲେ ଖ୍ରୀଷ୍ଟଙ୍କର ଅନୁକାରୀମାନେ ମଧ୍ୟ ଦୁଃଖଭୋଗ କରିବେ, କାହିଁକି ?

୭. ଯୀଶୁ କହିଲେ, ପ୍ରକୃତିର କେଉଁ ଘଟଣା ସଦୃଶ ତାହାଙ୍କର ଆଗମନ ହେବ ?

୮. ଖ୍ରୀଷ୍ଟଙ୍କର ଆଗମନ ସମୟରେ "ବଞ୍ଚିତ" ହେବା ଏହା କ'ଣ ସମ୍ଭବ ?

୯. କିଏ ସେ ଏକମାତ୍ର ଯୀଶୁଖ୍ରୀଷ୍ଟଙ୍କର ଆଗମନକୁ ଜାଣେ ?

୧୦. ଯଦି ଜଣେ ଯୀଶୁଙ୍କ ନାମ ବିନା ଅଦ୍ଭୁତ କର୍ମ କରେ, ତେବେ ମୁଁ କିପ୍ରକାର ପ୍ରତିକ୍ରିୟା କରେ ?

୧୧. ମୁଁ ମୋର ______________କୁ ଗଣନା କରିବା ଦରକାର, ଯଦି କେହି ଖ୍ରୀଷ୍ଟଙ୍କ ନିମିତ୍ତ ମୋତେ ପରିହାସ କରେ ।

୧୨. ଯିଏ ମୋ ସହତ ଦୁର୍ବ୍ୟବହାର କରେ, ମୁଁ ତା ସହିତ ଉତ୍ତମ ବ୍ୟବହାର କରିବି କାରଣ ଖ୍ରୀଷ୍ଟ ଯେ ______________ ସହିତ ଅଛନ୍ତି ।

ଯୀଶୁ ବେଥଲିହିମରେ ଜନ୍ମିଥିଲେ ଏବଂ ଯେପର୍ଯ୍ୟନ୍ତ ପୂର୍ବ ଦେଶରୁ ପଣ୍ଡିତମାନେ ତାହାଙ୍କର ଦର୍ଶନ କରି ନ ଥିଲେ ସେପର୍ଯ୍ୟନ୍ତ ସେ ସେଠାରେ ଥିଲେ । ଏହି ପଣ୍ଡିତମାନେ ଏକ ଉଜ୍ଜ୍ୱଳ ତାରାର ଅନୁସରଣ କରି ଇସ୍ରାଏଲକୁ ଆସିଲେ । ଯିହୁଦା ପ୍ରଦେଶକୁ ପ୍ରବେଶ କରିବା ପରେ ସେମାନେ ସର୍ବପ୍ରଥମେ ରାଜଧାନୀ ନଗର ଯିରୁଶାଲମକୁ ଗଲେ । ସେଠାରେ ସେମାନେ ରାଜା ହେରୋଦଙ୍କ ପାଖକୁ ଯାଇ ପଚାରୁଛନ୍ତି, ଇସ୍ରାଏଲର ନୂତନ ରାଜା କେଉଁଠାରେ ଜନ୍ମଗ୍ରହଣ କରିଛନ୍ତି, କି ସେମାନେ ତାହାଙ୍କର ତାରା ଦେଖିଅଛନ୍ତି ।

ଏହାଶୁଣି ହେରୋଦ ରାଜା ଓ ତାହାଙ୍କର ସମୁଦାୟ ଯିରୁଶାଲମ ନିବାସୀ ଉଦ୍‌ବିଗ୍ନ ହେଲେ । ପୁଣି ସେ ଲୋକଙ୍କର ସମସ୍ତ ପ୍ରଧାନ ଯାଜକ ଓ ଶାସ୍ତ୍ରୀଙ୍କୁ ଏକତ୍ର କରି, ଖ୍ରୀଷ୍ଟ କେଉଁଠାରେ ଜନ୍ମଗ୍ରହଣ କରିବେ, ତାହା ସେମାନଙ୍କଠାରୁ ବୁଝିନେବାକୁ ଚେଷ୍ଟା କଲେ । ସେମାନେ ତାଙ୍କୁ କହିଲେ, ଯିହୁଦା ପ୍ରଦେଶର ବେଥଲିହିମରେ, କାରଣ ଭାବବାଦୀମାନଙ୍କ ଦ୍ୱାରା ଏପରି ଲେଖାଅଛି ।

କେଉଁଠାକୁ ଯିବାକୁ ହେବ ହେରୋଦ ସେମାନଙ୍କୁ କହିଲା । କିନ୍ତୁ ସେମାନେ ରାଜପ୍ରାସାଦ ଛାଡ଼ିବା ପୂର୍ବେ, ପ୍ରକୃତରେ କେତେବେଳେ ତାରା ତାଙ୍କୁ ଦେଖାଦେଇଥିଲା, ତାହା ସେ ବୁଝିନେଲା । ଏହା ଏଇଥିଯୋଗୁ ସେ ପଚାରିଲା ଯଦ୍ୱାରା ସେ ଶିଶୁର ବୟସକୁ ଅନୁମାନ କରିପାରିବ ।

ପଣ୍ଡିତମାନେ ବେଥଲିହିମକୁ ଯାତ୍ରା କରିବା ଜାରି ରଖିଲେ ଓ ଯେଉଁସ୍ଥାନରେ ଯୀଶୁଙ୍କର ଜନ୍ମ ହୋଇଥିଲା ଠିକ୍ ସେହି ସ୍ଥାନକୁ ତାରା ସେମାନଙ୍କୁ ଆଗେଇ ନେଲା । ପଣ୍ଡିତମାନେ ସେହି ସ୍ଥାନରେ ପ୍ରବେଶ କରି ତାହାଙ୍କର ଉପାସନା କଲେ । ସେମାନେ ତାଙ୍କୁ ଅତି ମୂଲ୍ୟବାନ ଉପହାର ମଧ୍ୟ ପ୍ରଦାନ କଲେ : ସୁନା, କୁନ୍ଦୁରୁ ଓ ଗନ୍ଧରସ । ସେମାନେ ସେମାନଙ୍କ ଗୃହ ଅଭିମୁଖେ ବାହାରିବା ପୂର୍ବେ, ଏହି ପଣ୍ଡିତମାନେ ଈଶ୍ୱରଙ୍କଠାରୁ ଏକ ଦର୍ଶନ ପ୍ରାପ୍ତ କଲେ । ଏହି ଦର୍ଶନରେ ଯେପରି ହେରୋଦ କହିଥିଲା, ସେହି ପ୍ରକାରେ ଯିରୁଶାଲମକୁ ବାହୁଡ଼ି ନ ଯିବାକୁ କୁହାଗଲା । ସେମାନେ ଅନ୍ୟ ମାର୍ଗ ଦେଇ ଘରକୁ ଗଲେ ।

ଯୋଷେଫ ମଧ୍ୟ ପ୍ରଭୁଙ୍କଠାରୁ ଅନ୍ୟ ଏକ ସ୍ୱପ୍ନକୁ ଦେଖିଲେ । ଏହି ସ୍ୱପ୍ନରେ ମରିୟମ ଓ ବାଳକକୁ ଘେନି ଅତିଶୀଘ୍ର ଚାଲିଯିବାକୁ ତାଙ୍କୁ କୁହାଗଲା । ସେମାନଙ୍କୁ ମିଶରକୁ ଯିବାକୁ ଥିଲା । ଯେପର୍ଯ୍ୟନ୍ତ ଈଶ୍ୱରଙ୍କଠାରୁ ସେମାନଙ୍କୁ ବାକ୍ୟ ନ ଆସେ, ସେପର୍ଯ୍ୟନ୍ତ ସେମାନେ ସେଠାରେ ରହିବେ । ଯୋଷେଫଙ୍କୁ କୁହାଯାଇଥିଲା କି ହେରୋଦ ବାଳକକୁ ହତ୍ୟା କରିବାକୁ ଉଦ୍ୟମ କରୁଛି । ଏହା ପୁରାତନ ନିୟମ ଭାବବାଣୀରେ ଏକ ସଫଳ ଥିଲା; "ମିସରରୁ ଆମ୍ଭେ ଆପଣା ପୁତ୍ରଙ୍କୁ ଆହ୍ୱାନ କଲୁ ।"

ପ୍ରକୃତରେ ହେରୋଦ ପ୍ରତିଜ୍ଞାତ ବାଳକକୁ ହତ୍ୟା କରିବାକୁ ଉଦ୍ୟମ କରୁଥିଲା । ଦୁଇବର୍ଷ ଓ ସେଥିରୁ ନ୍ୟୁନବୟସ ଯେତେ ବାଳକ ବେଥଲିହିମ, ପୁଣି ସେଥିର ସମସ୍ତ ସୀମା ମଧ୍ୟରେ ଥିଲେ, ହେ ସମସ୍ତଙ୍କୁ ସେ ବଧ କରାଇଲା ।

ହେରୋଦଙ୍କ ମୃତ୍ୟୁ ଉତ୍ତାରେ, ଯୋଷେଫଙ୍କୁ ଅନ୍ୟ ଏକ ସ୍ୱପ୍ନରେ ଇସ୍ରାଏଲକୁ ଚାଲିଯିବାକୁ କୁହାଗଲା । ଯୋଷେଫ ଈଶ୍ୱରଙ୍କ ଆଜ୍ଞାକୁ ମାନିଲେ । ସେ ଯିହୁଦା ପ୍ରଦେଶର ଉତ୍ତର ଭାଗ ଗାଲିଲୀକୁ ପଳାଇଗଲେ ଓ ନାଜରିତ ନାମକ ନଗରରେ ଯାଇ ବାସ କଲେ ।

ସେହି କାଳରେ ବାପ୍ତିଜକ ଯୋହନ ଉପସ୍ଥିତ ହୋଇ ଯିହୁଦା ପ୍ରଦେଶର ପ୍ରାନ୍ତରରେ ଘୋଷଣା କରି କହିବାକୁ ଲାଗିଲେ । ସେ ଏହି ବାକ୍ୟ ପ୍ରଚାର କଲେ, "ମନ ପରିବର୍ତ୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ ।" ସେହି ଯୋହନ ଓଟ ଲୋମର ବସ୍ତ୍ର ପିନ୍ଧୁଥିଲେ ଓ ଆପଣା କଟିରେ ଚର୍ମପଟୁକା ବାନ୍ଧୁଥିଲେ, ପୁଣି ତାଙ୍କର ଖାଦ୍ୟ ପଙ୍ଗପାଳ ଓ ବନମଧୁ ଥିଲା ।

ସେତେବେଳେ ଯିରୁଶାଲମ ଓ ସମଗ୍ର ଯିହୁଦା ପ୍ରଦେଶ ପୁଣି ଯର୍ଦ୍ଦନ ନିକଟବର୍ତ୍ତୀ ସମସ୍ତ ଅଞ୍ଚଳର ଲୋକମାନେ ବାହାରି ତାଙ୍କ ନିକଟକୁ ଆସିବାକୁ ଲାଗିଲେ । ଆଉ ଆପଣା ଆପଣା ପାପ ସ୍ୱୀକାର କରି ତାଙ୍କ ଦ୍ୱାରା ଯର୍ଦ୍ଦନ ନଦୀରେ ବାପ୍ତିଜିତ ହେଲେ । କିନ୍ତୁ ଫାରୁଶୀ ଓ ସାଦ୍ଦୁକୀମାନଙ୍କ ମଧ୍ୟରୁ ଅନେକ ବାପ୍ତିସ୍ମ ନିମନ୍ତେ ଆସୁଅଛନ୍ତି, ଏହା ଦେଖି ସେ ସେମାନଙ୍କୁ କହିଲେ, ରେ କାଳ ସର୍ପର ବଂଶ, ଆଗାମୀ କ୍ରୋଧରୁ ପଳାୟନ କରିବା ନିମନ୍ତେ କିଏ ତୁମ୍ଭମାନଙ୍କୁ ଚେତନା ଦେଲା । କାରଣ ସେମାନେ ସେମାନଙ୍କ ପିତୃପୁରୁଷଙ୍କ ଧର୍ମ ଏବଂ ପରମ୍ପରା ଯେ ସେମାନଙ୍କୁ ରକ୍ଷା କରିବ, ଏହା ସେମାନେ ବିଶ୍ୱାସ କଲେ, ସେମାନଙ୍କ ପାପରୁ ମନପରିବର୍ତ୍ତନ କରନ୍ତୁ ଏହା ବିଶ୍ୱାସ ନ କରି ।

ବାପ୍ତିଜକ ଯୋହନ ପ୍ରଚାର କରି କହିଲେ, ମୋ' ଉତ୍ତାରେ ଯେ ଆସୁଅଛନ୍ତି, ସେ ପବିତ୍ରଆତ୍ମା ଓ ଅଗ୍ନିରେ ବାପ୍ତିସ୍ମ ଦେବେ । ସେ କହିଲେ, କି ସେ ଲୋକମାନଙ୍କୁ ଅଲଗା କରିବେ । ଯେଉଁମାନେ ତାଙ୍କୁ ବିଶ୍ୱାସ କରିବେ ସେ ସେମାନଙ୍କୁ ଏକତ୍ର କରିବେ ଏବଂ ବାକି ଅନ୍ୟମାନଙ୍କୁ ଅଲିଭା ଅଗ୍ନିରେ ଦଗ୍ଧ ହେବାକୁ ଅନୁମତି ଦେବେ ।

ସେତେବେଳେ ଯୀଶୁ ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ନିମନ୍ତେ ଗାଲିଲୀରୁ ଯର୍ଦ୍ଦନକୁ ଆସିଲେ । କିନ୍ତୁ ଯୋହନ ସେମାନଙ୍କୁ ନିବାରଣ କରିବାକୁ ଚେଷ୍ଟା କଲେ, କାରଣ ସେ ମନେକଲେ କି, ସେ ଯୀଶୁଙ୍କୁ ବାପ୍ତିସ୍ମ ଦେବାରେ ଯୋଗ୍ୟ ନୁହଁନ୍ତି । ମାତ୍ର ଯୀଶୁ କହିଲେ, ଏବେ ସମ୍ମତ ହୁଅ, କାରଣ ଏହିପ୍ରକାରେ ସମସ୍ତ ଧର୍ମକର୍ମ ସାଧନ କରିବା ଆମ୍ଭମାନଙ୍କର ଉପଯୁକ୍ତ ।

ଯୀଶୁ ବାପ୍ତିଜିତ ହେଲାକ୍ଷଣି ଜଳରୁ ଉଠି ଆସିଲେ । ଆଉ ଦେଖ, ଆକାଶ ଉନ୍ମୁକ୍ତ ହେଲା, ପୁଣି ଈଶ୍ୱରଙ୍କ ଆତ୍ମା କପୋତ ପରି ଅବତରଣ କରି ଆପଣା ଉପରକୁ ଆସିବା ପ୍ରତ୍ୟେକେ ଦେଖିପାରିଲେ । ଆଉ ଆକାଶରୁ ଏହି ବାଣୀ ହେଲା, "ଏ ଆମ୍ଭର ପ୍ରିୟପୁତ୍ର, ଏହାଙ୍କଠାରେ ଆମ୍ଭର ପରମ ସନ୍ତୋଷ ।"

## ମୌଖିକ ପ୍ରଶ୍ନ

୧. ପୂର୍ବ ଦେଶରୁ କେଉଁ ପ୍ରକାର ଲୋକ ଯୀଶୁଙ୍କୁ ଦର୍ଶନ କରିବାକୁ ଆସିଲେ ଏବଂ ସେମାନେ ତାଙ୍କୁ କ'ଣ ଦେଲେ ?

୨. କେଉଁ ନଗରରେ ପ୍ରଥମେ ଏମାନେ ରହିଥିଲେ ଓ କାହା ସହିତ ସେମାନେ କଥା ହୋଇଥିଲେ ?

୩. କାହିଁକି ଈଶ୍ୱର ଯୋଷେଫଙ୍କୁ ମିସରକୁ ପଳାୟନ କରିବାକୁ କହିଲେ ଓ କିପରି ସେ ଜାଣିପାରିଲେ କେବେ ଫେରିଯିବା ସୁରକ୍ଷିତ ଅଟେ ?

୪. କେଉଁଠାରେ ବାପ୍ତିଜକ ଯୋହନ ପ୍ରଚାର କଲେ ?

୫. ସେ କେଉଁପ୍ରକାର ଦେଖାଗଲେ ?

୬. ଲୋକମାନଙ୍କ ନିମନ୍ତେ ତାଙ୍କର କ'ଣ ବାକ୍ୟ ଥିଲା ?

୭. ଯେଉଁମାନେ ସେମାନଙ୍କ ପାପରୁ ମନଫେରଣ କଲେ, ସେମାନଙ୍କର କ'ଣ ହେଲା ?

୮. କାହିଁକି ବାପ୍ତିଜକ ଯୋହନ ଫାରୁଶୀ ଓ ସାଦ୍ଦୁକୀମାନଙ୍କୁ "କାଳସର୍ପର ବଂଶ" କହିଲେ ?

୯. ଯୋହନ କହିଲେ, ମୋ' ଉତ୍ତାରେ ଯେ ଆସୁଅଛନ୍ତି, ସେ ମୋ'ଠାରୁ ଅଧିକ ଶକ୍ତିମାନ । ସେ କହିଲେ, ସେ ଜଗତର ଲୋକମାନଙ୍କୁ ଅଲଗା କରିବେ । ଆଉ ସେ କହିଲେ, ଯେଉଁମାନେ ତାହାଙ୍କ ଉପରେ ବିଶ୍ୱାସ କରିବେ, ସେ ସେମାନଙ୍କୁ ଉଦ୍ଧାର କରିବେ, କିନ୍ତୁ ଅନ୍ୟ ସମସ୍ତେ ଯେ ଅଲିଭା ___________ରେ ଦଗ୍ଧ ହେବେ ।

୧୦. ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବା ନିମନ୍ତେ କିଏ ଗାଲିଲୀକୁ ଆସିଲେ ?

୧୧. ଯୀଶୁ କହିଲେ ଯଦିବା ଯୋହନ ଯୋଗ୍ୟ ନୁହଁନ୍ତି, ତଥାପି ସେ ତାଙ୍କୁ ବାପ୍ତିସ୍ମ ଦିଅନ୍ତୁ । ତାହାର କାରଣ ଯୀଶୁ କ'ଣ ଦେଲେ ?

୧୨. ଯେତେବେଳେ ଯୀଶୁ ଜଳରୁ ଉପରକୁ ଆସିଲେ, ସେତେବେଳେ କ'ଣ ହେଲା ?

# "ଆତ୍ମିକ ସତ୍ୟ" - ଅଧ୍ୟାୟ - ୨

## ମାଥିଉ ୨-୩

୧. <u>ଯେତେବେଳେ ଆମେ ଈଶ୍ୱରଙ୍କ ଆଜ୍ଞାକୁ ସଂପୂର୍ଣ୍ଣ ପାଳନ କରୁ, ତେବେ ଆମେ ତାହାଙ୍କର ସର୍ବୋତ୍ତମକୁ ଅନୁଭବ କରିପାରିବା ।</u> ଈଶ୍ୱର ଯୋଷେଫଙ୍କୁ ବହୁତ କିଛି କରିବାକୁ କହିଲେ ନ ହେଲେ ସେ ତାହା କରି ନ ଥାନ୍ତେ । ଯଦିବା ମରିୟମ ଗର୍ଭବତୀ ଥିଲେ ତଥାପି ସେ ଈଶ୍ୱରଙ୍କ ଆଜ୍ଞା ମାନି ମରିୟମଙ୍କୁ ବିବାହ କଲେ । ସେ ଈଶ୍ୱରଙ୍କ ଉପରେ ବିଶ୍ୱାସ କଲେ । ଯଦିବା ମରିୟମଙ୍କ ଗର୍ଭାବସ୍ଥାକୁ ବୁଝିବାରେ ତାଙ୍କୁ ଅସମ୍ଭବ ଲାଗିଥିଲା । ତା'ପରେ ସେମାନେ ବେଥଲିହିମରେ ବସବାସ କରିବାକୁ ଆରମ୍ଭ କଲେ, ପରେ ଈଶ୍ୱର ସେମାନଙ୍କୁ ମିଶରକୁ ଯିବାକୁ କହିଲେ । ମିଶର ସେମାନଙ୍କ ନିମନ୍ତେ ବିଦେଶ ଥିଲା । ସେଠାରେ ସେମାନେ ବିଦେଶୀ ଭାଷା କହିଲେ ଓ ଭଣ୍ଡ ଈଶ୍ୱରଙ୍କ ଆରାଧନା କରି ଏକ ଭିନ୍ନ ଜୀବନ ଅତିବାହିତ କଲେ । ଏହିପ୍ରକାରେ ଜଣେ ମଣିଷକୁ ଗୋଟିଏ ସ୍ତ୍ରୀ ଓ ଗୋଟିଏ ଛୁଆ ସହିତ ବୁଲିବା ସହଜ ନୁହେଁ, ଯାହାବି ହେଉ, ସେ ଆଜ୍ଞା ପାଳନ କରିବାକୁ ପସନ୍ଦ କଲେ ଏବଂ ପରିଣାମ ସ୍ୱରୂପ, ଯୀଶୁଙ୍କର ଜୀବନ ବିସ୍ତାର ହୋଇଥିଲା ।

ଯେଉଁ ପ୍ରକାରେ ଯୋଷେଫଙ୍କ ଜୀବନ ପ୍ରତି ଈଶ୍ୱରଙ୍କ ଏକ ବିଶେଷ ଯୋଜନା ଥିଲା, ସେହିପ୍ରକାରେ ଆମ ସମସ୍ତଙ୍କ ନିମନ୍ତେ ଈଶ୍ୱରଙ୍କ ପାଖରେ ବ୍ୟକ୍ତିଗତ ବିଶେଷ ଯୋଜନାସବୁ ଅଛି । ବାଇବଲରେ କୁହାଯାଏ, ଆମ୍ଭେମାନେ ମାତୃଗର୍ଭରେ ଥିବା ସମୟରୁ ହିଁ ସେ ଆମ୍ଭମାନ୍‌କୁ ଜାଣିଛନ୍ତି ଓ ଏକ ବିଶେଷ ଉଦ୍ଦେଶ୍ୟ ନିମନ୍ତେ ନିର୍ମାଣ କରିଅଛନ୍ତି । ଯଦି ଆମେ ଈଶ୍ୱରଙ୍କ ସେହି ସର୍ବୋତ୍ତମକୁ ଆମ୍ଭମାନଙ୍କ ଜୀବନ ଓ ଆମ୍ଭମାନଙ୍କ ସନ୍ତାନମାନଙ୍କ ଜୀବନ ପ୍ରତି ଚାହୁଁ, ତେବେ ଅତି ଯତ୍ନର ସହ ଆମକୁ ତାଙ୍କ ଆଜ୍ଞାସବୁକୁ ପାଳନ କରିବାକୁ ପଡ଼ିବ । ଆମ୍ଭେମାନେ ଯେପରି ତାହାଙ୍କର ବାକ୍ୟ ପଢୁ ଓ ତାହାଙ୍କୁ ପ୍ରାର୍ଥନା କରୁ । ବାକ୍ୟରେ କୁହଯାଏ, ଈଶ୍ୱର ଆମ ପ୍ରତ୍ୟେକଙ୍କ ହୃଦୟରେ କଥା କହିବାକୁ ଚାହାଁନ୍ତି । ଯେତେବେଳେ ଆମେ ତାହାଙ୍କର ବାକ୍ୟ ପଢୁ ଓ ତାହାଙ୍କୁ ପ୍ରାର୍ଥନା କରୁ । ଅନେକ ସମୟରେ ପ୍ରଭୁ ସିଧାସଳଖ ଆମ୍ଭମାନଙ୍କୁ କଥା କହିଥାନ୍ତି । ବିଶେଷ ପରିସ୍ଥିତିରେ, ବିଶେଷ ନିଷ୍ପତ୍ତି ନେବା ନିମନ୍ତେ ସେ ଆମ୍ଭମାନଙ୍କୁ କଥା କହିଥାନ୍ତି । ଏହି ମୁହୂର୍ତ୍ତରେ ହିଁ ଆମ୍ଭମାନଙ୍କୁ ବାଛିବାକୁ ପଡ଼ିବ, କଠିନ ସମୟ ଆସିବା ପୂର୍ବେ, ଆମ୍ଭେମାନେ ଯୋଷେଫଙ୍କ ସଦୃଶ ନିଷ୍ପତ୍ତି ନେବୁ ଈଶ୍ୱରଙ୍କ ଆଜ୍ଞାକୁ ପାଳନ କରିବା ନିମନ୍ତେ, ଯାହା ବି ହେଉ ନା କାହିଁକି ।

ଉଦାହରଣ ସ୍ୱରୂପ, କଲେଜରେ ମୋର ଗୋଟିଏ ଝିଅ ସାଙ୍ଗ ଅଛି, ଯିଏକି ଅତି ସୁନ୍ଦର ଓ ଜ୍ଞାନୀ ଅଟେ । ସେ ଈଶ୍ୱରଙ୍କୁ ପ୍ରେମ କରେ, କିନ୍ତୁ ବିବାହ କରିବାକୁ ବହୁତ ଆଗ୍ରହୀ ଅଟେ । ସେ ଅନେକ ପୁଅମାନଙ୍କ ସହିତ ସମୟ ବିତାଇଛି । କିନ୍ତୁ ସେମାନଙ୍କ ସମ୍ପର୍କ କିଛି କାର୍ଯ୍ୟସାଧକ ହେଲା ନାହିଁ । ଆଉ ଦିନେ ଜଣେ ପୁଅ ଯିଏକି ବହୁତ ସୁନ୍ଦର ଥିଲା ସେ ତାଙ୍କ ଜୀବନରେ ଆସିଲା । ଆଉ ମଧ୍ୟ ସେ ଜ୍ଞାନୀ, ହସହସ ଓ ଧନୀ ଥିଲା । ସେ ଝିଅ ଯାହା ଚାହୁଁଥିଲା, ତା'ଠାରୁ ଅଧିକସବୁ ସେ ପୁଅ ପାଖରେ ଥିଲା । ମାତ୍ର ଗୋଟିଏ ବିଷୟ ନ ଥିଲା, ତାହା ହେଉଛି ସେ ପୁଅର ଈଶ୍ୱରଙ୍କ ସହିତ ସମ୍ପର୍କ ନ ଥିଲା । ମୋର ସାଙ୍ଗ ଜାଣିଥିଲା ଯେ, ଈଶ୍ୱର ଚାହାଁନ୍ତି ନାହିଁ କି ଆମେ ସେମାନଙ୍କୁ ବିବାହ କରିବା ନାହିଁ ଯେଉଁମାନେ ଈଶ୍ୱରଙ୍କୁ ପ୍ରେମ କରନ୍ତି ନାହିଁ । କିନ୍ତୁ ସେହି ସମୟରେ ନିଷ୍ପତ୍ତି ନେବା ତାଙ୍କ ପାଇଁ ବହୁତ ଜଟିଳ ଥିଲା । ସେ ପ୍ରକୃତରେ ତାଙ୍କୁ ବିବାହ କରିବାକୁ ଚାହୁଁଥିଲେ । ଲାଗୁଥାଏ ତାଙ୍କର ସମସ୍ତ ସାଥୀମାନେ ସ୍ୱାମୀ ପାଇସାରିଥିଲେ । ତା' ସଙ୍ଗେ ସଙ୍ଗେ ସେହି ପୁଅଟି ମଧ୍ୟ ତାଙ୍କୁ ବହୁତ ଚାହୁଁଥିଲେ ।

ଦୁର୍ଭାଗ୍ୟବଶତଃ, ଖ୍ରୀଷ୍ଟଙ୍କୁ ମାନିବାରେ ସେ ନିଷ୍ପତ୍ତି ନେଲେ ନାହିଁ । ସେମାନଙ୍କ ସମ୍ପର୍କ ବଢ଼ିବାରେ ଲାଗିଲା ଓ ସେ ବିବାହ ନିମନ୍ତେ ନିଷ୍ପତ୍ତି ନେବାକୁ ବାଧ୍ୟ ହେଲେ । ଯେଉଁପ୍ରକାରେ ଯୋଷେଫ କରିଥିଲେ, ସେହିପ୍ରକାରେ ଖ୍ରୀଷ୍ଟଙ୍କୁ ଅନୁସରଣ କରିବାରେ ସେ ସମର୍ଥ ନ ଥିଲେ । ତେଣୁ ସେ ଗୋଟିଏ ଭୁଲ୍ ନିଷ୍ପତ୍ତି ନେଲେ ଓ ଜଣେ ଭୁଲ୍ ବ୍ୟକ୍ତିଙ୍କୁ ବିବାହ କଲେ । ଆଉ ସେହି ଭୁଲ୍ ନିଷ୍ପତ୍ତି ହେତୁ ସେ ଆଜି ମଧ୍ୟ କଷ୍ଟ ପାଉଅଛନ୍ତି ।

* କ'ଣ ଈଶ୍ୱର ଆପଣଙ୍କ ଜୀବନରେ କିଛି ବିଶେଷତା ନିମନ୍ତେ କଥା କହୁଛନ୍ତି ? କ'ଣ ସେ ଆପଣଙ୍କ ଜୀବନରେ କିଛି ପରିବର୍ତ୍ତନ ଚାହାଁନ୍ତି ଯାହାକି ଆପଣଙ୍କୁ ବଦଳାଇବାରେ କଷ୍ଟକର ଅଟେ ? ଯଦି ଏହା ହଁ ଅଟେ ଏବଂ ଆପଣ ସହଜ ମନେ କରୁନାହାନ୍ତି (ଦୟାକରି ଅନ୍ୟକୁ କୁହନ୍ତୁ ନାହିଁ, ଯାହାକି ଆପଣଙ୍କୁ ପରେ ଅସହଜ ମନେ ହେବ), ଦଳରେ ଏହା ବାଣ୍ଟନ୍ତୁ । ପ୍ରତ୍ୟେକ ବ୍ୟକ୍ତି ତାଙ୍କର ପ୍ରାର୍ଥନା ଖାତାରେ, ଆପଣଙ୍କ ନାମ ତଳେ ଏହା ଲେଖନ୍ତୁ – ମନେରଖି ସପ୍ତାହଯାକ ପ୍ରତିଦିନ ପ୍ରାର୍ଥନା କରିବାକୁ ଈଶ୍ୱର ଚାହାଁନ୍ତି ଏବଂ ବଳ ଦିଅନ୍ତି କି ତାଙ୍କୁ ଆପଣ ମାନିପାରିବେ ।

୨. ଯୀଶୁ ସ୍ୱର୍ଗକୁ ଯିବା ପୂର୍ବେ, ତାହାଙ୍କର ପୁନରୁତ୍ଥାନ ପରେ, ସେ ଆମ ସମସ୍ତ ଅନୁଗମନକାରୀଙ୍କୁ ଏକ ଆଜ୍ଞା ଦେଲେ । ଯୀଶୁ ସ୍ୱର୍ଗକୁ ଫେରିଯିବା ପୂର୍ବେ କହିଥିବା କଥାକୁ ଆସନ୍ତୁ ପୁନଃନିରୀକ୍ଷଣ କରିବା : "ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।" ଏହି ଅଧ୍ୟୟନ ପରେ ଆମ୍ଭେମାନେ ଶିଖିବୁ କି, କେମିତି ବାହାରେ ଯାଇ ଯୀଶୁଙ୍କ ବିଷୟରେ ଅନ୍ୟମାନଙ୍କୁ କହିବୁ । ତାହାଙ୍କର ଆଜ୍ଞା ପାଳନ କରିବା ନିମନ୍ତେ ଏକ ଆଜ୍ଞା ଅଛି ଯାହା ଆମେ ସମସ୍ତଙ୍କୁ ନିଶ୍ଚୟ କରିବାକୁ ପଡ଼ିବ । <u>ଆମ ସମସ୍ତଙ୍କୁ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ନେବାକୁ ପଡ଼ିବ ।</u>

❖ ବାପ୍ତିସ୍ମ ଖ୍ରୀଷ୍ଟଙ୍କର ଦତ୍ତ ଏକ ସାଧାରଣ ଆଜ୍ଞା ଅଟେ ପାଳନ କରିବାକୁ । ଖ୍ରୀଷ୍ଟରେ ଜଣେ ପରିପକ୍ୱ ବିଶ୍ୱାସୀ, ଖ୍ରୀଷ୍ଟଙ୍କର ମୃତ୍ୟୁ, ସମାଧି ଓ ପୁନରୁତ୍ଥାନକୁ ସଙ୍କେତ କରିବା ନିମନ୍ତେ ଜଳରେ ଏକ ନୂତନ ବିଶ୍ୱାସୀ ରୂପେ ଉପରକୁ ଉଠିଥାଏ । ବାପ୍ତିସ୍ମ ଏକ ଧାର୍ମିକ ପ୍ରଥା ନୁହେଁ ଯାହା ଆପଣଙ୍କୁ ଏକ ବିଶେଷ ସଂସ୍ଥା ବା ଗୋଷ୍ଠୀର ଚିହ୍ନ ଦିଏ ନାହିଁ । ଏହା ଏକ ଆତ୍ମିକ ଅନୁଭବ ନାହିଁ ଯାହାକି ପାପର

ଜୀବନକୁ ଧୋଇଥାଏ । ଏହା ଏକ ସଙ୍କେତ ଅଟେ, ଖ୍ରୀଷ୍ଟଙ୍କୁ ଅନୁସରଣ କରିବାକୁ ଏହା ଏକ ସାର୍ବଜନୀନ ପ୍ରମାଣ ।

- ଏକ ଶିଶୁ ରୂପେ ଯୀଶୁ ବାପ୍ତିସ୍ମ ନେଇ ନ ଥିଲେ । ଲୂକ ରଚିତ ସୁସମାଚାରରେ, ଆମେ ଦେଖୁଛୁ, ଏକ ଶିଶୁ ରୂପରେ ଯୀଶୁ ମନ୍ଦିରକୁ ନିଆ ଯାଇଥିଲେ । ସେଠାରେ ଯାଜକ ତାଙ୍କୁ ଓ ତାଙ୍କ ପିତାମାତାଙ୍କୁ ଆଶୀର୍ବାଦ ଦେଲେ । ଏହା ଏକ ବାପ୍ତିସ୍ମ ନ ଥିଲା ।
- ତାହାଙ୍କର ବାପ୍ତିସ୍ମ ଏକ ମନୋନୟନ ଥିଲା ଯାହା ସେ ନିଜେ ବାଛିଥିଲେ । ଏପରି ନୁହେଁ କି ଏହା ତାହାଙ୍କର ମାତାପିତାମାନେ କରିଥିଲେ । ଖ୍ରୀଷ୍ଟଙ୍କ ଉଦାହରଣରେ, ଆମ୍ଭେମାନେ ନିଜେ ଯିବାକୁ ହେବ ଏବଂ ଈଶ୍ୱରୀୟ ବ୍ୟକ୍ତିଙ୍କଠାରୁ ବାପ୍ତିସ୍ମ ନେବାକୁ ଖୋଜିବାକୁ ପଡ଼ିବ ।

* ବାପ୍ତିସ୍ମ ବିଷୟରେ ଆପଣ କ'ଣ ଭାବୁଛନ୍ତି ? କ'ଣ ଲାଗୁଛି କି ଖ୍ରୀଷ୍ଟଙ୍କ ଉଦାହରଣରେ ବାପ୍ତିସ୍ମ ନେବା ଏକ କଷ୍ଟକର ବିଷୟ ଅଟେ ? ଆପଣଙ୍କୁ ବାପ୍ତିସ୍ମ ନେବାର ଅଛି କି ? ଯଦି ଆପଣ ବାପ୍ତିସ୍ମ ନେବେ, ତେବେ ଆପଣଙ୍କ ପରିବାର ଲୋକେ କ'ଣ ଭାବିବେ ? ଆପଣ ବାପ୍ତିସ୍ମ ନେବାକୁ ଚାହାଁନ୍ତି କି ?

# ଖ୍ରୀଷ୍ଟରେ ଏକ ନୂତନ ଜୀବନର ଆରମ୍ଭ
## ଖ୍ରୀଷ୍ଟି ଏ. ବ୍ରାଉନର୍‌ଙ୍କ ଦ୍ୱାରା

## "ଖ୍ରୀଷ୍ଟଙ୍କ ପରୀକ୍ଷା" - ଅଧ୍ୟାୟ - ୩
## ମାଥିଉ ୪

**"ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ, ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ ।" ମାଥିଉ ୪:୪**

**ନେତା ମନେରଖ, ଯଦି ଆପଣଙ୍କ ଦଳରେ ଏମିତି କିଏ ସଦସ୍ୟ ଅଛନ୍ତି, ଯେଉଁମାନେ ଅଶିକ୍ଷିତ କିମ୍ବା ଅଳ୍ପ ଶିକ୍ଷିତ, ତାହାହେଲେ ଆପଣଙ୍କୁ ଜ୍ଞାନୀ ହୋଇ ସେମାନଙ୍କ ପରିସ୍ଥିତି ଅନୁଯାୟୀ ଏହି ଅଧ୍ୟାୟରେ ନିୟମକୁ ପ୍ରୟୋଗ କରିବାକୁ ପଡ଼ିବ ।*

### ପୁନଃବିଚାର

୧. ଯିଶାଇୟ ଭାବବାଦୀ କହିଲେ, ଯୀଶୁ ଇମ୍ମାନୁୟେଲ କୁହାଯିବେ, ଯାହାର ଅନୁବାଦିକ ଅର୍ଥ, "ଈଶ୍ୱର ______________" ।

୨. ଯୀଶୁ କହିଲେ ବିଜୁଳି ଯେପରି ______________ ସେପରି ମନୁଷ୍ୟପୁତ୍ରଙ୍କର ମଧ୍ୟ ପୃଥିବୀରେ ଆଗମନ ହେବ ।

୩. ଯୀଶୁ କହିଲେ, ଯେତେବେଳେ ସେ ପୃଥିବୀକୁ ଆସିବେ, ସେତେବେଳେ କେହି ହେଲେ ମଧ୍ୟ ପ୍ରକୃତ ଖ୍ରୀଷ୍ଟଙ୍କ ବିଷୟରେ ସନ୍ଦେହ କରିବେ ନାହିଁ । ______________ ମନୁଷ୍ୟପୁତ୍ରଙ୍କୁ ମହାପରାକ୍ରମ ଓ ମହାମହିମା ସହ ମେଘମାଳାରେ ଆଗମନ କରିବା ଦେଖିବେ ।

୪. ଯୀଶୁ କହିଲେ, ସେ ଆସିବା ପୂର୍ବେ ଅନେକେ ନିଜକୁ ଖ୍ରୀଷ୍ଟ କହି ଅନେକ କର୍ମ କରିବେ । ଆମ୍ଭମାନଙ୍କୁ ସାବଧାନ ରହିବାକୁ ହେବ କି ଭଣ୍ଡ ଭାବବାଦୀମାନଙ୍କ ଦ୍ୱାରା ______________ ନ ହେବା ପାଇଁ ।

୫. ଯୀଶୁ କହିଲେ, ଯଦି କେହି ଖ୍ରୀଷ୍ଟଙ୍କ ନିମିତ୍ତ ଆମକୁ ତାଡ଼ନା ଦିଅନ୍ତି, ତେବେ ଆମେ ନିଜକୁ ନିଜେ ______________ ମନେ କରିବା ଉଚିତ ।

୬. ଯୀଶୁ କହିଲେ, ତାହାଙ୍କ ଆଗମନ ବିଷୟରେ କେବଳ ______________ ହିଁ ଜାଣନ୍ତି ।

୭. ______________ ନାମକ ଜଣେ ମଣିଷ ପ୍ରାନ୍ତରରେ ମନପରିବର୍ତ୍ତନର ପ୍ରଚାର କରୁଥିଲେ, ଯିଏ ଓଟଲୋମର ବସ୍ତ୍ର ପିନ୍ଧୁଥିଲେ ଓ ପଙ୍ଗପାଳ ଖାଉଥିଲେ ।

୮. ଅନେକେ ଆପଣା ଆପଣା ______________ ସ୍ୱୀକାର କରି ଯୋହନଙ୍କ ଦ୍ୱାରା ବାପ୍ତିଜିତ ହେବାକୁ ଆସିଲେ ।

୯. ଯୋହନ କହିଲେ ଯିଏ ଆସୁଅଛନ୍ତି ସେ ପୃଥିବୀର ଲୋକମାନଙ୍କୁ ବିଭକ୍ତ କରିବେ ଏବଂ ଯେଉଁମାନେ ତାହାଙ୍କୁ ଅସ୍ୱୀକାର କରିବେ ସେ ସେମାନଙ୍କୁ ଅଲିଭା ଅଗ୍ନିରେ ନିକ୍ଷେପ କରିବେ ।

୧୦. ଯୀଶୁଙ୍କ ବାପ୍ତିସ୍ମରେ ______________ କପୋତ ପରି ଅବତରଣ କଲେ ଏବଂ ଆକାଶରୁ ______________ କହିଲେ ।

୧୧. ଯୀଶୁ ସ୍ୱର୍ଗାରୋହଣ କରିବା ପୂର୍ବେ ଶିଷ୍ୟମାନଙ୍କୁ ଶେଷ କଥା କହିଲେ, ଯେଉଁମାନେ ଖ୍ରୀଷ୍ଟଙ୍କୁ ପ୍ରଭୁ ବୋଲି ସ୍ୱୀକାର କରିବେ ସେମାନଙ୍କୁ ______________ ଦିଅ ।

୧୨. ଆମ୍ଭମାନଙ୍କ ପାପ ଯେ ଧୌତ ହେଉଛି ତେଣୁ ଆମ୍ଭମାନଙ୍କୁ ______________ ନେବା ଉଚିତ, ମାତ୍ର ଏହା ଯେ ଏକ ଚିହ୍ନ ଯାହା ଆମ୍ଭମାନଙ୍କୁ ______________ଙ୍କ ସହିତ ପରିଚୟ କରାଏ ।

୧୩. ବାପ୍ତିସ୍ମ ଯୀଶୁଙ୍କର ______________, ସମାଧି ଓ ______________କୁ ଅଙ୍କିତ କରେ ।

ତାହାଙ୍କ ବାପ୍ତିସ୍ମ ପରେ, ଯୀଶୁ ଶୟତାନ ଦ୍ୱାରା ପରୀକ୍ଷିତ ହେବା ନିମନ୍ତେ ପବିତ୍ରଆତ୍ମାଙ୍କ କର୍ତ୍ତୃକ ଦ୍ୱାରା ପ୍ରାନ୍ତରକୁ ନୀତ ହେଲେ । ପୁଣି ସେ ଚାଳିଶ ଦିନ ଓ ଚାଳିଶ ରାତ୍ରି ଉପବାସ କରି ଶେଷରେ କ୍ଷୁଧିତ ହେଲେ । ଆଉ ଶୟତାନ ତାହାଙ୍କ ନିକଟକୁ ଆସି କହିଲା, "ତୁମ୍ଭେ ଯେବେ ଈଶ୍ୱରଙ୍କ ପୁତ୍ର, ତେବେ ଏହି ପଥରଗୁଡ଼ାକ ରୋଟୀ ହେବା ପାଇଁ ଆଜ୍ଞା ଦିଅ ।" ଯୀଶୁ ପୁରାତନ ନିୟମରୁ ଏକ ବାକ୍ୟାଂଶକୁ ଉଦ୍ଧୃତ କରି କହିଲେ, "ମନୁଷ୍ୟ କେବଳ ରୋଟୀରେ ବଞ୍ଚିବ ନାହିଁ, ମାତ୍ର ଈଶ୍ୱରଙ୍କ ମୁଖରୁ ନିର୍ଗତ ପ୍ରତ୍ୟେକ ବାକ୍ୟରେ ବଞ୍ଚିବ ।"

ତହିଁ ଉତ୍ତାରେ ଶୟତାନ ତାହାଙ୍କୁ ପୁଣ୍ୟ ନଗରୀକୁ ଘେନିଯାଇ ମନ୍ଦିରର ଛାତ ଉପରେ ଠିଆ କରାଇ ତାହାଙ୍କୁ କହିଲା, "ତୁମ୍ଭେ ଯେବେ ଈଶ୍ୱରଙ୍କ ପୁତ୍ର, ତେବେ ତଳକୁ ଡେଇଁପଡ଼, କାରଣ ଲେଖାଅଛି, ସେ ଆପଣା ଦୂତମାନଙ୍କୁ ତୁମ୍ଭ ବିଷୟରେ ଆଜ୍ଞା ଦେବେ । ଆଉ କାଳେ ତୁମ୍ଭ ପାଦ ପଥରରେ ବାଜିବ, ଏଥିପାଇଁ ସେମାନେ ତୁମ୍ଭକୁ ହସ୍ତରେ ତୋଳି ଧରିବେ ।" ପୁଣି ବାକ୍ୟ ନେଇ ଯୀଶୁ କହିଲେ, "ତୁମ୍ଭେ ପ୍ରଭୁ ଆପଣା ଈଶ୍ୱରଙ୍କୁ ପରୀକ୍ଷା କରିବ ନାହିଁ ।"

ପୁନଶ୍ଚ ଶୟତାନ ତାହାଙ୍କୁ ଗୋଟିଏ ଅତି ଉଚ୍ଚ ପର୍ବତ ଉପରକୁ ଘେନି ଯାଇ ଜଗତର ସମସ୍ତ ରାଜ୍ୟ ଓ ସେସବୁର ଐଶ୍ୱର୍ଯ୍ୟ ଦେଖାଇ କହିଲା, "ତୁମ୍ଭେ ଯେବେ ଆମ୍ଭକୁ ଭୂମିଷ୍ଠ ପ୍ରଣାମ କରିବ, ତେବେ ଆମ୍ଭେ ଏହି ସମସ୍ତ ତୁମ୍ଭକୁ ଦେବା ।" ତହିଁରେ ଯୀଶୁ ତାହାକୁ କହିଲେ, "ଦୂର ହୁଅ ଶୟତାନ, କାରଣ ଲେଖାଅଛି, ତୁମ୍ଭେ ପ୍ରଭୁ ଆପଣା ଈଶ୍ୱରଙ୍କୁ ପ୍ରଣାମ କରିବ, ପୁଣି କେବଳ ତାହାଙ୍କର ଉପାସନା କରିବ ।" ଏଥିରେ ଶୟତାନ ତାହାଙ୍କୁ ମାନି ଛାଡ଼ି ଚାଲିଗଲା, ଆଉ ଦେଖ ଦୂତମାନେ ଆସି ତାହାଙ୍କର ସେବା କରିବାକୁ ଲାଗିଲେ ।

## ମୌଖିକ ପ୍ରଶ୍ନ

୧. ପବିତ୍ରଆତ୍ମା ଯୀଶୁଙ୍କୁ କେଉଁ ଜାଗାକୁ ପରୀକ୍ଷିତ ହେବା ନିମନ୍ତେ ନେଇଥିଲେ ?

୨. ଶୟତାନ ଯୀଶୁଙ୍କୁ ପରୀକ୍ଷା କରିବାକୁ ଆସିବା ପୂର୍ବେ ଚାଳିଶ ଦିନ ପର୍ଯ୍ୟନ୍ତ ଯୀଶୁ କ'ଣ କରୁଥିଲେ ?

୩. ପ୍ରଥମ ଦୁଇଟି ପରୀକ୍ଷାରେ, ଶୟତାନ ଯୀଶୁଙ୍କୁ କ'ଣ ବୋଲି ପ୍ରମାଣ କରିବାକୁ କହିଲା ?

୪. ପ୍ରଥମ ପରୀକ୍ଷାରେ, ଶୟତାନ ଯୀଶୁଙ୍କୁ ପଥରଗୁଡ଼ାକ କ'ଣ କରିବାକୁ କହିଲା ?

୫. ପ୍ରଥମ ପରୀକ୍ଷାରେ, କେମିତି ଯୀଶୁ ଶୟତାନଠାରୁ ଜିତିଲେ ?

୬. ଦ୍ୱିତୀୟ ପରୀକ୍ଷାରେ, ଶୟତାନ ଯୀଶୁଙ୍କୁ ଯିରୁଶାଲମ ମନ୍ଦିରର ଉଚ୍ଚ ଶୀଖରେ ନେଇ ତାଙ୍କୁ କ'ଣ କରିବାକୁ କହିଲା ?

୭. ଦ୍ୱିତୀୟ ପରୀକ୍ଷାରେ, ଯୀଶୁ ଶୟତାନଠାରୁ କେମିତି ଜିତିଲେ ?

୮. ତୃତୀୟ ପରୀକ୍ଷାରେ, ଶୟତାନ ଯୀଶୁଙ୍କୁ ଜଗତର ସମସ୍ତ ରାଜ୍ୟ ଦେବାକୁ ପ୍ରତିଜ୍ଞା କଲା, ଯଦି ସେ କେବଳ ଗୋଟିଏ କର୍ମ କରିବେ, ଶୟତାନ ଯୀଶୁଙ୍କୁ କ'ଣ କରିବାକୁ କହିଲା ?

୯. ତୃତୀୟ ପରୀକ୍ଷାରେ, ଯୀଶୁ କେମିତି ଶୟତାନଠାରୁ ଜୟପ୍ରାପ୍ତ ହେଲେ ?

## "ଆତ୍ମିକ ସତ୍ୟ" - ଅଧ୍ୟାୟ - ୩

## ମାଥିଉ ୪

୧. ଖ୍ରୀଷ୍ଟଙ୍କୁ ଆମେ ଆପଣା ଜୀବନ ଦେଲେ ମଧ୍ୟ, ଆମେ ପରୀକ୍ଷାର ଅନୁଭୂତି କରିଥାଉ । ଏପରିକି ଖ୍ରୀଷ୍ଟ ମଧ୍ୟ ପରୀକ୍ଷାର ସମ୍ମୁଖୀନ ହୋଇଥିଲେ । ତେଣୁ ଆମେ ମଧ୍ୟ ପରୀକ୍ଷାର ସମ୍ମୁଖୀନ ହେବା । ବାଇବଲରେ କୁହାଯାଏ, ଆମ୍ଭେ ନା କେବଳ ଶୟତାନ ଦ୍ୱାରା ପରୀକ୍ଷିତ ହୋଇଥାଉ, ମାତ୍ର ଅଧିକାଂଶ ସମୟରେ ନିଜ ଅଭିଳାଷରୁ ହୋଇଥାଉ (ଯାକୁବ ୧:୧୪) । ବାକ୍ୟରେ କୁହାଯାଏ, ଆମ୍ଭମାନଙ୍କ ହୃଦୟରେ ନିରନ୍ତର ଯୁଦ୍ଧ ହୋଇ ରହୁଛି, ଉତ୍ତମ କାର୍ଯ୍ୟ କରିବାର ଇଚ୍ଛା ଏବଂ ମନ୍ଦ କର୍ମ କରିବାର ଇଚ୍ଛା ମଧ୍ୟରେ । "କାରଣ ମୁଁ ଯାହା କରେ, ତାହା ଜାଣେ ନାହିଁ, ଯେଣୁ ମୁଁ ଯାହା ଇଚ୍ଛା କରେ, ତାହା କରେ ନାହିଁ, ବରଂ ଯାହା ମୁଁ ଘୃଣା କରେ, ତାହାହିଁ କରେ । ...କାରଣ ଯେଉଁ ଉତ୍ତମ କର୍ମ କରିବାକୁ ମୁଁ ଇଚ୍ଛା କରେ, ତାହା କରେ ନାହିଁ, କିନ୍ତୁ ଯେଉଁ ମନ୍ଦ କର୍ମ କରିବାକୁ ମୁଁ ଇଚ୍ଛା କରେ ନାହିଁ, ତାହା କରେ ।" ରୋମୀୟ ୭:୧୫ ଏବଂ ୧୯ ।

୨. କାରଣ ବର୍ତ୍ତମାନ ଆପଣଙ୍କ ପାଖରେ ଦୁଇଟି ସ୍ୱଭାବ ଅଛି । ତେଣୁ ଆପଣ ପରୀକ୍ଷାର ଅନୁଭୂତି କରିବେ । ଗୋଟିଏ ହେଉଛି ଶରୀରର ଆତ୍ମା ଏବଂ ଅନ୍ୟଟି ହେଉଛି ଈଶ୍ୱର (ପବିତ୍ରଆତ୍ମା)ଙ୍କର ଆତ୍ମା ଆପଣଙ୍କ ପାଖରେ ଅଛି । ଗାଲାତୀୟ ୫:୧୬-୧୭ରେ କୁହାଯାଏ, "ମୋହର ଭାବ ଏହି, ଆତ୍ମାଙ୍କ ଦ୍ୱାରା ଆଚରଣ କର, ତାହାହେଲେ ତୁମ୍ଭେମାନେ ଶରୀରର ଅଭିଳାଷ ପୂର୍ଣ୍ଣ କରିବ ନାହିଁ, କାରଣ ଶରୀରର ଅଭିଳାଷ ଆତ୍ମାଙ୍କ ପ୍ରତିକୂଳ, ଆଉ ଆତ୍ମାଙ୍କ ଅଭିଳାଷ ଶରୀରର ପ୍ରତିକୂଳ, ଯେଣୁ ଏହି ଦୁଇ ପରସ୍ପରର ବିପରୀତ, ଫଳତଃ ତୁମ୍ଭେମାନେ ଯାହା ଯାହା ଇଚ୍ଛା କର, ସେହିସବୁ କରିପାର ନାହିଁ ।" ଏଣୁ ଜୀବନର ଉଭୟ ଛୋଟ ଓ ବଡ଼ ବିଷୟ ନିମନ୍ତେ ଆପଣଙ୍କ ଇଚ୍ଛା ଓ ଈଶ୍ୱରଙ୍କ ଇଚ୍ଛା ମଧ୍ୟରେ ପ୍ରତିଦିନ ଯୁଦ୍ଧ ହେଉଅଛି ।

୩. ଆମ୍ଭେମାନେ ମଧ୍ୟ ଯୀଶୁଙ୍କ ସଦୃଶ ପରୀକ୍ଷା ଉପରେ ଜୟ ପାଇପାରିବା । ବାଇବଲ, ଈଶ୍ୱରଙ୍କ ଶକ୍ତିଶାଳୀ ବାକ୍ୟ ଦ୍ୱାରା । ଏବ୍ରୀ ୪:୧୨ରେ କୁହାଯାଏ, "କାରଣ ଈଶ୍ୱରଙ୍କ ବାକ୍ୟ ଜୀବନ୍ତ ଓ କାର୍ଯ୍ୟସାଧକ, ପୁଣି ଦ୍ୱିଧାର ଖଡ୍‌ଗଠାରୁ ତୀକ୍ଷ୍ଣତର, ଆଉ ପ୍ରାଣ ଓ ଆତ୍ମା, ଗ୍ରନ୍ଥି ଓ ମଜ୍ଜାର ବିଚ୍ଛେଦ ପର୍ଯ୍ୟନ୍ତ ପରିଭେଦକ ଏବଂ ହୃଦୟର ଚିନ୍ତା ଓ ଭାବର ସୂକ୍ଷ୍ମ ବିଚାରକ ଅଟେ ।" ଏହି ବାକ୍ୟକୁ ଏକରୁ ଅଧିକ ଥର ପଠନ କରନ୍ତୁ । ଦଳର ସଦସ୍ୟମାନଙ୍କୁ ଏହି ବାକ୍ୟ ବିଷୟରେ ପଚାରନ୍ତୁ, ସେମାନେ କ'ଣ ଭାବୁଛନ୍ତି ।

ଏହି ବାକ୍ୟରେ, ଈଶ୍ୱରଙ୍କ ବାକ୍ୟକୁ କେଉଁ ଅସ୍ତ୍ର ସହିତ ତୁଳନା କରାଯାଇଛି ? ଈଶ୍ୱରଙ୍କ ବାକ୍ୟ କ'ଣ କରିପାରେ ?

ଈଶ୍ୱରଙ୍କ ବାକ୍ୟ କେବଳ ଏକ ଉପଦେଶର ପୁସ୍ତକ ନୁହେଁ । ଏହି ଈଶ୍ୱରଙ୍କ ଜୀବନ୍ତ ବାକ୍ୟ ଯାହାକୁ ଈଶ୍ୱର ବ୍ୟକ୍ତିଗତ ରୂପେ ଆମ ସମସ୍ତଙ୍କ ହୃଦୟରେ କଥା କହିବାକୁ ଚାହାନ୍ତି । ଏହା ଆମ୍ଭର ଆତ୍ମାର ଗ୍ରନ୍ଥି, ମଜ୍ଜା ମଧ୍ୟରେ ପ୍ରବେଶ କରିଥାଏ, ଯାହା କେବଳ ଈଶ୍ୱର ଜାଣନ୍ତି ।

ଗୋଟିଏ ଗୁରୁତ୍ୱପୂର୍ଣ୍ଣ ବିଷୟ ଯାହା ପ୍ରତ୍ୟେକ ଖ୍ରୀଷ୍ଟ ଅନୁକାରୀମାନଙ୍କୁ କରିବାକୁ ପଡ଼େ ତାହା ହେଉଛି, ପିତାଙ୍କ ସହିତ ପ୍ରତିଦିନ ଏକାକୀ ସମୟ ବିତାଇବାକୁ ହେବ । ଈଶ୍ୱରଙ୍କ ବାକ୍ୟରୁ ଆପଣଙ୍କୁ ନିବୃତ୍ତ ରଖିବାକୁ ଶୟତାନ କିଛି ମଧ କରିପାରେ, କାରଣ ସେ ଜାଣେ କି ଈଶ୍ୱରଙ୍କ ବାକ୍ୟ ଆମ୍ଭମାନଙ୍କର ବଳର ଉତ୍ସ ଅଟେ । ସେ ଆମ୍ଭମାନଙ୍କୁ କହିବ, ଆମେ ବହୁତ ବ୍ୟସ୍ତରେ ଅଛୁ; ଆମେ ତ ବାଇବଲ ଅଧ୍ୟୟନ କରୁ, ଆମେ ବହୁତ ନିଦ୍ରାଳୁ, ବାଇବଲୁକ ବୁଝିବା ବହୁତ କଷ୍ଟ, ଏପରି ହଜାର ହଜାର ବାହାନାକୁ ଆଣିବ । ଆମ୍ଭେମାନେ ଏହିପ୍ରକାର ଚିନ୍ତାକୁ ଭଲରେ ବୁଝିବା ଆବଶ୍ୟକ କି ସେମାନେ କ'ଣ ଅଟନ୍ତି । ଆମ୍ଭମାନଙ୍କୁ ପ୍ରାଥମିକତା ଦେବାକୁ ହେବ ଯେ, ପ୍ରତିଦିନ ଆମେ ପ୍ରାର୍ଥନାରେ  ବାକ୍ୟ ପଢ଼ିବାରେ ସମୟ ଦେଉଛୁ ।

ଏଠାରେ ଅନୁସରଣ ନିମନ୍ତେ କେତେକ ସରଳ ଯୋଜନା :

୧. ଆପଣଙ୍କ ସମୟକୁ ପିତାଙ୍କ ସହିତ ଆରମ୍ଭ କରନ୍ତୁ କି ଆପଣ ତାହାଙ୍କୁ କେତେ ପ୍ରେମ କରନ୍ତି ଓ ସେ କରିଥିବା ପ୍ରତ୍ୟେକ ଅଦ୍ଭୁତ କାର୍ଯ୍ୟ ନିମନ୍ତେ ତାଙ୍କୁ ସ୍ତୁତି କରନ୍ତୁ ।

୨. ସେ ଆପଣଙ୍କ ଜୀବନରେ କରିଥିବା କାର୍ଯ୍ୟ ନିମନ୍ତେ ତାଙ୍କୁ ଧନ୍ୟବାଦ ଦିଅନ୍ତୁ । କିମ୍ୱା ଆପଣ ପ୍ରାପ୍ତ କରିଥିବା ପ୍ରାର୍ଥନାର ଉତ୍ତର ନିମନ୍ତେ ।

* ଆପଣଙ୍କ ପ୍ରାର୍ଥନା ଖାତାରେ ଗୋଟିଏ ପେଜ୍ କିମ୍ୱା ଭାଗ ଆରମ୍ଭ କରିବା ଏକ ଭଲ ଧାରଣା ହୋଇପାରେ, କୁହାଯାଏ "ଧନ୍ୟବାଦ ତୁମକୁ" ଏବଂ ସେ ଆପଣଙ୍କ ଜୀବନରେ କରିଥିବା ପ୍ରତ୍ୟେକ କାର୍ଯ୍ୟକୁ ଲେଖି ରଖନ୍ତୁ; ସର୍ବଦା ତାରିଖକୁ ଲେଖନ୍ତୁ । ଯେଉଁପ୍ରକାରେ ଶ୍ୱର କରିଥିବା କାର୍ଯ୍ୟକୁ ଆପଣ ଟିପି ରଖନ୍ତି । *(ମାନରଖନ୍ତୁ ଯଦି ଯୋଗଦାନକାରୀ ଲେଖି ନ ପାରେ, ତେବେ ଏହି ଅଂଶକୁ ବାଦ୍ ଦିଆଯାଉ ।)*

୩. ଅନ୍ୟମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ : ଆପଣଙ୍କ ବାଇବଲ ଅଧ୍ୟୟନର ଲୋକମାନେ, ଆପଣଙ୍କ ପରିବାର, ଆପଣଙ୍କ ସାଙ୍ଗମାନେ, ବିଶେଷକରି ଯେଉଁମାନେ ଖ୍ରୀଷ୍ଟଙ୍କୁ ଜାଣିନାହାନ୍ତି ଓ ବିଶେଷ ଆବଶ୍ୟକ କରୁଥିବା ଲୋକଙ୍କ ନିମନ୍ତେ । ଯଦି ପ୍ରାର୍ଥନା କରିବା ନିମନ୍ତେ ଆପଣଙ୍କ ପାଖରେ ବହୁତ ଲୋକ ଅଛନ୍ତି, ତେବେ ଆପଣ ସପ୍ତାହର ପ୍ରତିଦିନ ନିମନ୍ତେ ଗୋଟିଏ ପେଜ୍ କିମ୍ୱା ଭାଗ ବନେଇପାରିବେ । ତାକୁ ବିଭାଜନ କରି ସପ୍ତାହରେ ଥରେ ସେମାନଙ୍କ ନାମ ଧରି ପ୍ରାର୍ଥନା କରିପାରିବେ । *(ଯଦି କେହି ବ୍ୟକ୍ତି ଲେଖି କିମ୍ୱା ପଢ଼ି ନ ପାରେ, ଏହା ଗୁରୁତ୍ୱପୂର୍ଣ୍ଣ ଅଟେ କି ଅନ୍ୟଙ୍କ ନିମନ୍ତେ କହିବାର ଅଭ୍ୟାସ କରନ୍ତୁ ।)*

ଉଦାହରଣ ନିମନ୍ତେ :

| ସୋମବାର | ମଙ୍ଗଳବାର |
|---|---|
| ପାମ୍ ଆଣ୍ଟି | ବୁଢ଼ୀମା'/ଜେଜେମା' |
| ଡେଭିଡ୍ ଅଙ୍କଲ୍ | ମାମା |
| ରାଚେଲ୍ | ବାପା |
| ଜନ୍ ଡେଭିଡ୍ | ମାର୍ସେଲୋ ପାଳକ |

* ଏହା ସ୍ଥାନରେ ରହି ଏହାକୁ ବର୍ତ୍ତମାନ ସମସ୍ତେ କଲେ ସହାୟକ ହୋଇପାରିବ । ଯଦ୍ୱାରା ପରେ ଏହାକୁ ପରେ ନ କରି ପ୍ରତ୍ୟେକେ ସେମାନଙ୍କ ପ୍ରାର୍ଥନା ଆରମ୍ଭ କରିପାରିଥାନ୍ତେ ।

୪. ଈଶ୍ୱରଙ୍କ ବାକ୍ୟକୁ ପଠନ କରି ଧ୍ୟାନ କରନ୍ତ । ବାଇବଲ କହେ ଯେମିତି ଅନ୍ୟ ବହିସବୁ ପଢ଼ିଥାଉ ସେହିପ୍ରକାରେ ବାଇବଲ ପଢ଼ାଯିବା ଉଚିତ ନୁହେଁ, କିନ୍ତୁ ଆମେ ଏହାକୁ ଧ୍ୟାନ କରିବା ଉଚିତ । ଏହାର ଅର୍ଥ :

- ଧିରେ ଧିରେ ପଢ଼ନ୍ତୁ । ଯଦି ଆପଣ ପଢ଼ି ନ ପାରନ୍ତି, ତେବେ ଆପଣଙ୍କ ପାଖେ ଥିବା କାହାକୁ ଆପଣଙ୍କ ନିମନ୍ତେ ପଢ଼ିବାକୁ କୁହନ୍ତୁ ।
- ବାକ୍ୟର ଅର୍ଥକୁ ବୁଝି ଗଭୀରତାର ସହିତ ଏହାକୁ ବାରମ୍ୱାର ପଢ଼ନ୍ତୁ । ସେହି ସତ୍ୟକୁ ଜାଣିବାକୁ ହେଲେ କିମ୍ୱା ଧ୍ୟାନ କରିବାକୁ ହେଲେ, ଅନେକଥର ପଢ଼ିବାକୁ ହେବ ।
- ଯଦି ସମ୍ଭବ, ଆପଣଙ୍କର ନାମକୁ ପ୍ରୟୋଗ କରିବା ନିମନ୍ତେ ବାକ୍ୟର ସତ୍ୟତାରେ ରଖନ୍ତୁ । ଉଦାହରଣ ନିମନ୍ତେ, "ତୁମ୍ଭର ପିତା ଓ ମାତାର ଆଦର କର" । ଏହାକୁ ବ୍ୟକ୍ତିଗତ ରୂପରେ ନେବାର ଅର୍ଥ ହେଲା, "ଖ୍ରୀଷ୍ଟ, ତୁମେ ପିତା ଓ ମାତାର ଆଦର ନିଶ୍ଚୟ କରିବ ।"

  ଏହି ବାକ୍ୟକୁ ନେଇ, ଈଶ୍ୱରଙ୍କର ଆଶୀର୍ବାଦ ନିମନ୍ତେ ତାହାଙ୍କୁ ଧନ୍ୟବାଦ ଦିଅନ୍ତୁ ଏବଂ ବିଶେଷ ଆବଶ୍ୟକତା ନିମନ୍ତେ ତାହାଙ୍କୁ କୁହନ୍ତୁ । ଉଦାହରଣ ନିମନ୍ତେ, "ଧନ୍ୟବାଦ ପ୍ରଭୁ ମୋହର ବାପା ଏବଂ ମା'ଙ୍କ ନିମନ୍ତେ । ପ୍ରଭୁ ଧନ୍ୟବାଦ, ତୁମେ ମୋର ସ୍ୱର୍ଗୀୟ ପିତା, ଯିଏ ମୋର ସମସ୍ତ ଆବଶ୍ୟକତାକୁ ପୂରଣ କରୁଛ ଏବଂ ଯେତେବେଳେ ମୋର ସାଂସାରିକ ବାପା ନାହାନ୍ତି, ତୁମେ ସେଠାରେ ରହିଥାଅ ।

ବାଇବଲରେ ଅନେକ ଆତ୍ମିକ ସତ୍ୟସବୁ ରହିଛି, ଏହିକ୍ଷଣି ଆମ୍ଭମାନଙ୍କ ଜୀବନ ବିଷୟରେ ଈଶ୍ୱର ଆମ୍ଭମାନଙ୍କୁ ଯୋଗାଯୋଗ କରିବାକୁ ଚାହାନ୍ତି । କେମିତି ଈଶ୍ୱରଙ୍କ ବାକ୍ୟକୁ ଧ୍ୟାନ କରିପାରିବେ, ଏଠାରେ ତା'ର ଏକ ନମୁନା ।

* ଆଜି ଆଲୋଚନା କରିଥିବା ବିଷୟକୁ ନେଇ ଆସନ୍ତୁ ଏହି ଅଧ୍ୟାୟକୁ ଆରମ୍ଭ କରିବା । ମାଥିଉ ୫, *ଏଠାରେ ରହିବା ଏବଂ ପ୍ରତ୍ୟେକ ବ୍ୟକ୍ତି ପ୍ରଥମ ତିନି କିମ୍ୱା ଚାରୋଟି ବାକ୍ୟକୁ ପଢ଼ନ୍ତୁ । ଯଦି କେହି ପଢ଼ି ଜାଣେ ନାହିଁ, ତେବେ ନେତା ତାହାଙ୍କ ନିମନ୍ତେ ବିବରଣ ନ କରି ଅନେକଥର ପଢ଼ନ୍ତୁ ।*

* ବର୍ତ୍ତମାନ ପ୍ରତ୍ୟେକଜଣ ସେହି ବାକ୍ୟର ଅର୍ଥକୁ ବୁଝିବାକୁ ଚେଷ୍ଟା କରୁ ଏବଂ ଯଦି ଆମେ ବାକ୍ୟରେ ନିଜର ନାମକୁ ଲଗାଇପାରୁ ଭଲ ହେବ । ଈଶ୍ୱରଙ୍କ ଆତ୍ମାଙ୍କୁ ଆପଣଙ୍କୁ କଥା କହିବା ନିମନ୍ତେ ଅନୁମତି ଦେବାରେ ଭୟ କରନ୍ତୁ ନାହିଁ । ଏଠାରେ ଏକ ଉଦାହରଣ, କିନ୍ତୁ ନିଶ୍ଚିତରୂପେ ଏହାହିଁ ଏକ ମାଧ୍ୟମ ନୁହେଁ ଜଣେ ବ୍ୟକ୍ତିଙ୍କ ଜୀବନରେ ଏହାକୁ ଲାଗୁ କରିବାକୁ । ଏଗୁଡ଼ାକ ସେହି ବାକ୍ୟ ଯାହାକୁ ପ୍ରଭୁ ଜଣଙ୍କ ଜୀବନରେ କଥା କହିଥାନ୍ତି, ଯଦି ସେ ଏହି ବାକ୍ୟଗୁଡ଼ିକ ପଢ଼େ ।

ବାକ୍ୟ ୩ : "ଆତ୍ମାରେ ଦୀନହୀନ ଲୋକେ ଧନ୍ୟ, କାରଣ ସ୍ୱର୍ଗରାଜ୍ୟ ସେମାନଙ୍କର ।"

("ଆତ୍ମିକ ସତ୍ୟ"ର ଉଦାହରଣ) ବାକ୍ୟ ୩ ଯଦି ମୁଁ ଆତ୍ମାରେ ଦୀନହୀନ, ତେବେ ମୁଁ ଧନ୍ୟ । କାରଣ ମୁଁ ସ୍ୱର୍ଗରାଜ୍ୟକୁ ପ୍ରାପ୍ତ କରିବି । ପ୍ରଭୁ, ମୋତେ ଆତ୍ମାରେ ଦୀନହୀନ ହେବାକୁ ସାହାଯ୍ୟ କର । ମୁଁ ଗର୍ବିତ ହେବାକୁ ଚାହେଁ ନାହିଁ ଏବଂ ନିଜ ଆତ୍ମାରେ ପୂର୍ଣ୍ଣ ହେବାକୁ ଚାହେଁ ନାହିଁ । ଧନ୍ୟବାଦ ପ୍ରଭୁ ଯେଉଁ କାର୍ଯ୍ୟ ତୁମେ ମୋ' ଜୀବନରେ କରୁଅଛ । ଧନ୍ୟବାଦ ପ୍ରଭୁ କି ମୁଁ ଜାଣେ ମୁଁ ସ୍ୱର୍ଗରାଜ୍ୟରେ ପ୍ରବେଶ କରିବି । ସତରେ ମୁଁ ଜଣେ ଧନ୍ୟ ବ୍ୟକ୍ତି ।

ବାକ୍ୟ ୪ : "ଶୋକାର୍ତ୍ତ ଲୋକେ ଧନ୍ୟ, କାରଣ ସେମାନେ ସାନ୍ତ୍ୱନାପ୍ରାପ୍ତ ହେବେ ।"

("ଆତ୍ମିକ ସତ୍ୟ"ର ଉଦାହରଣ) ବାକ୍ୟ ୪ ଶୋକରେ ଧନ୍ୟ ହେବାର ଚିନ୍ତା କରିବା ମୋ' ପାଇଁ କଠିନ ଅଟେ, କାରଣ ଶୋକ କରିବା ଦୁଃଖର ସମୟ ଅଟେ । କିନ୍ତୁ ଖ୍ରୀଷ୍ଟ ଅନୁସରଣକାରୀ ରୂପେ, ମୁଁ ତାଙ୍କର କୃତଜ୍ଞତା ଅଟେ କାରଣ ମୁଁ ଜାଣେ ପ୍ରକୃତରେ ମୁଁ ଧନ୍ୟ ଅଟେ । ଯେଉଁମାନଙ୍କର ଖ୍ରୀଷ୍ଟଙ୍କ ଉପରେ ବିଶ୍ୱାସ ଅଛି, ସେମାନଙ୍କର ଆଶା ଅଛି । ଈଶ୍ୱର ଆଶା ଦିଅନ୍ତି ଓ ପ୍ରକୃତରେ ଏହା ସାନ୍ତ୍ୱନା ଅଟେ । ଧନ୍ୟବାଦ ପ୍ରଭୁ ମୋତେ ସାନ୍ତ୍ୱନା ଦେବା ନିମନ୍ତେ, ଯେବେ ମୁଁ ମୋର ମା'ଙ୍କର ମୃତ୍ୟୁରେ ଶୋକାର୍ତ୍ତ ଥିଲି । ମୋ' ଜୀବନରେ ସେହି ଈଶ୍ୱରୀୟ ଲୋକମାନଙ୍କୁ ଦେବା ନିମନ୍ତେ ଧନ୍ୟବାଦ ଯିଏ ମୋର ଦୁଃଖ ସମୟରେ ଭୌତିକ ସାନ୍ତ୍ୱନା ଦେଇଥାନ୍ତି । ଧନ୍ୟବାଦ ସେହି ସାନ୍ତ୍ୱନା ନିମନ୍ତେ ଯାହା ମୋତେ ପବିତ୍ରଆତ୍ମାଙ୍କ ଦ୍ୱାରା ମୋ' ଆତ୍ମାକୁ ପ୍ରାପ୍ତ ହୋଇଅଛି । ହଁ ପ୍ରଭୁ ମୁଁ ତାହା ଦେଖିପାରୁଅଛି କି ଶୋକର ସମୟର ଏକ ବିଶ୍ୱାସୀ ରୂପେ ମୁଁ ଧନ୍ୟ ଅଟେ । ମୋର ଯତ୍ନ ନେଉଥିବା ହେତୁ, ମୁଁ ତୁମକୁ ପ୍ରେମ କରେ ପ୍ରଭୁ ।

କୌଣସି ବିଶେଷ ନମୁନା ନାହିଁ, ବିଶେଷ ବାକ୍ୟ ନାହିଁ, କିମ୍ବା କୌଣସି ବିଶେଷ ମାଧ୍ୟମ ନାହିଁ । କେବଳ ଈଶ୍ୱରଙ୍କ ବାକ୍ୟକୁ ଧ୍ୟାନ କରିବା ହିଁ ଗୁରୁତ୍ୱପୂର୍ଣ୍ଣ ଅଟେ । ସେମାନଙ୍କୁ ଆପଣଙ୍କ ଆତ୍ମାର ଭୀତରେ ଅବଶୋଷ କରିବାକୁ ଅନୁମତି ଦିଅନ୍ତୁ । ଯେତେବେଳେ ସେମାନେ ଆପଣଙ୍କ ଜୀବନ ଭିତରକୁ ପ୍ରବେଶ କରିବେ, ସେଠାରେ ଈଶ୍ୱର ଆପଣଙ୍କ ଗଭୀର ସ୍ଥାନରେ କଥା କହିବେ ।

ବ୍ୟକ୍ତିଗତ ରୂପେ ନିରନ୍ତରଭାବେ ଈଶ୍ୱରଙ୍କ ବାକ୍ୟକୁ ଧ୍ୟାନ କରି ସମୟ ଅତିବାହିତ କରିବା ଦ୍ୱାରା, ଆମ୍ଭେ ଆମ୍ଭମାନଙ୍କ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଖ୍ରୀଷ୍ଟଙ୍କ ସଦୃଶ ହୋଇପାରିବା । କେବଳ ଯେ ଆମେ ପରୀକ୍ଷାକୁ ପ୍ରତିରୋଧ କରିପାରିବା ତାହା ନୁହେଁ, ମାତ୍ର ପ୍ରତ୍ୟେକ କ୍ଷେତ୍ରରେ ଆମେ ପ୍ରେମ ଓ ଈଶ୍ୱରୀୟ କାର୍ଯ୍ୟକୁ ପ୍ରଦର୍ଶନ କରିପାରିବା । ଈଶ୍ୱରଙ୍କୁ ବ୍ୟକ୍ତିଗତ ଜୀବନରେ ଜାଣିବା, ଖ୍ରୀଷ୍ଟିୟାନ ଜୀବନରେ ଏକ ବିଜୟର କଞ୍ଚି ଅଟେ ଏବଂ ଈଶ୍ୱରଙ୍କ ବାକ୍ୟକୁ ଧ୍ୟାନ କରିବା, ଈଶ୍ୱରଙ୍କୁ ଜାଣିବାର କଞ୍ଚି ଅଟେ ।

* ଯଦି ଆପଣ ସକ୍ଷମ, ଧ୍ୟାନ ନିମନ୍ତେ ବିଶେଷ କ୍ଷେତ୍ରରେ ଆପଣଙ୍କ ପ୍ରାର୍ଥନା ଖାତାକୁ ଶେଷ ଭାଗରେ ବିଭକ୍ତ କରନ୍ତୁ । ଆପଣ ଯେବେ ଯେବେ ବାଇବଲ ଖୋଲିବେ, ପ୍ରତିଦିନ ତାରିଖକୁ ଲେଖନ୍ତୁ ଏବଂ ଅତିକମ୍‌ରେ ଈଶ୍ୱର କହୁଥିବା ଗୋଟିଏ ସତ୍ୟକୁ ଲେଖିରଖନ୍ତୁ । ବାକ୍ୟକୁ ଧ୍ୟାନ କରିବାବେଳେ ଆପଣ ଆପଣଙ୍କ ବିଚାରକୁ ଲେଖିବା ବେଳେବେଳେ ଏହା ସହଜ ଅଟେ । କିମ୍ବା ଆହୁରି ଭଲ ହୋଇପାରିବ ଯଦି ଆପଣ ଈଶ୍ୱର କହୁଥିବା ବାକ୍ୟକୁ ଆପଣ ପଢ଼ିବେ । ଏହା ଆପଣ ଓ ଆପଣଙ୍କ ପ୍ରଭୁଙ୍କ ମଧ୍ୟରେ ବହୁତ ବ୍ୟକ୍ତିଗତ ଓ ବହୁମୂଲ୍ୟ କ୍ଷଣ ଅଟେ ।

* ଗୋଟିଏ ସପ୍ତାହ ନିମନ୍ତେ ଆପଣ ନିଜେ ଓ ଆପଣଙ୍କ ଦଳ ଗୋଟିଏ ପ୍ରତିଶ୍ରୁତି କରନ୍ତୁ । ପ୍ରତିଦିନ ଅତିକମ୍‌ରେ ୧୫ ମିନିଟ୍ ଆପଣଙ୍କ ସ୍ୱର୍ଗୀୟ ପିତାଙ୍କ ସହିତ ବିଶ୍ୱସ୍ତତାର ସହିତ ସମୟ ବିତାନ୍ତୁ । ଯଦି ସମ୍ଭବ ଗୋଟିଏ ଦିନ ଗୋଟିଏ ବିଷୟକୁ ଲେଖନ୍ତୁ ଯାହା ପ୍ରଭୁ ଆପଣଙ୍କୁ କହିଛନ୍ତି । ଯଦି ଆପଣ ପଢ଼ିପାରୁନାହାନ୍ତି, ତେବେ ଏମିତି ଜଣଙ୍କୁ ଖୋଜନ୍ତୁ ଯିଏ ଆସନ୍ତା ସପ୍ତାହରେ ପ୍ରତିଦିନ ଆପଣଙ୍କ ନିମନ୍ତେ ଅଳ୍ପ ସମୟ ପାଇଁ ପଢ଼ି ଦେଇପାରେ ଏବଂ ଦେଖନ୍ତୁ ଯେତେବେଳେ ଈଶ୍ୱରଙ୍କ ବାକ୍ୟ ପ୍ରତିଦିନ ଆପଣଙ୍କ ହୃଦୟରେ ପ୍ରବେଶ କରିବାରେ ଅନୁମତି ଦିଅନ୍ତି ।

* ଆସନ୍ତୁ ଆମ୍ଭେମାନେ ଆରମ୍ଭ କରିଥିବା ଅଧ୍ୟାୟ (ମାଥିଉ ୫)କୁ ନିରନ୍ତର ପଠନ କରିବା । ଗୋଟିଏ ଦିନ ଭିତରେ ହିଁ ଗୋଟିଏ ଅଧ୍ୟାୟକୁ ସମାପ୍ତ କରିବାରେ କିଛି ଜଲ୍‌ଦି ନାହିଁ । ଯଦି ଆପଣ ଗୋଟିଏ ଅଧ୍ୟାୟକୁ ସମାପ୍ତ କରୁଛନ୍ତି, ତେବେ ତା'ର ଅନ୍ୟ ଅଧ୍ୟାୟଟି ଆରମ୍ଭ କରିପାରିବେ, ତା'ପରେ ତା'ର ଅନ୍ୟଟି ଆଉ ବାକ୍ୟ ଅଧ୍ୟୟନବେଳେ ଆପଣ ଯେକୌଣସି ଅନୁଭୂତି ପାଇଛନ୍ତି, ସେସବୁକୁ ଆମେ ଆସନ୍ତା ସପ୍ତାହରେ ପରସ୍ପରକୁ ବାଣ୍ଟିବା ।

# ଖ୍ରୀଷ୍ଟରେ ଏକ ନୂତନ ଜୀବନର ଆରମ୍ଭ

## ଖ୍ରୀଷ୍ଟି ଏ. ବ୍ରାଉନର୍‌ଙ୍କ ଦ୍ୱାରା

## "ମାଛ ଧରାଳୀମାନଙ୍କ ମଧ୍ୟରୁ ଭୟକୁ ଦୂର କରିବା" - ଅଧ୍ୟାୟ - ୪

## ମାଥିଉ ୪-୮

**"ସେ ସେମାନଙ୍କୁ କହିଲେ, ହେ ଅଳ୍ପବିଶ୍ୱାସୀମାନେ, ତୁମ୍ଭେମାନେ କାହିଁକି ଏଡ଼େ ଭୀରୁ ? ସେତେବେଳେ ସେ ଉଠି ପବନ ଓ ସମୁଦ୍ରକୁ ଧମକ ଦେଲେ, ଆଉ ସବୁ ଧୀରସ୍ଥିର ହେଲା ।" ମାଥିଉ ୮:୨୬**

**ଏକ ନେତା ରୂପେ, ଆପଣ ଦଳର ସଦସ୍ୟମାନଙ୍କୁ ପଚାରନ୍ତୁ କି ସେମାନେ ପ୍ରତିଦିନ ବାଇବଲ ପଢ଼ିବାରେ ଓ ପ୍ରାର୍ଥନା କରିବାରେ ସମର୍ଥ ଅଟନ୍ତି କି ନାହିଁ । ପ୍ରତ୍ୟେକ ବ୍ୟକ୍ତିଙ୍କୁ ତାଙ୍କ ଅନୁଭବକୁ ବାଣ୍ଟିବାକୁ ସୁଯୋଗ ଦିଅନ୍ତୁ । ସେମାନଙ୍କ ପ୍ରୟାସକୁ ଉତ୍ସାହିତ କରନ୍ତୁ ।*

**ସପ୍ତାହର ଅଧ୍ୟୟନ ଅଭ୍ୟାସ ହେତୁ, ଏହା ଗୁରୁତ୍ୱପୂର୍ଣ୍ଣ ଅଟେ କି, ଅଧ୍ୟୟନର ଆରମ୍ଭରୁ ହିଁ ସେମାନଙ୍କର ପ୍ରାର୍ଥନା ଅନୁରୋଧକୁ ନିଅନ୍ତୁ ଶେଷରେ ନୁହେଁ । ଗଳ୍ପ ଆରମ୍ଭ ହେବା ପୂର୍ବେ ହିଁ, ବର୍ତ୍ତମାନ ଏହା ନିଅନ୍ତୁ ।*

### ପୁନଃବିଚାର

୧. ଯିଶାଇୟ ଭାବବାଦୀ କହିଲେ ଯେ, ଯୀଶୁ ଇମ୍ମାନୁୟେଲ କୁହାଯିବେ, ଯାହାର ଅନୁବାଦିକ ଅର୍ଥ, "__________ ଈଶ୍ୱର" ।

୨. ଯେତେବେଳେ ଯୀଶୁ ଜୀତ ପର୍ବତରେ ଆପଣା ଶିଷ୍ୟମାନଙ୍କୁ ତାହାଙ୍କ ଦ୍ୱିତୀୟ ଆଗମନ ବିଷୟରେ କହିଲେ, ଜାଗ୍ରତ ରୁହନ୍ତୁ ସେମାନେ ଯେପରି ଭଣ୍ଡ ଭାବବାଦୀମାନଙ୍କଠାରୁ __________ ନ ହୁଅନ୍ତି । ଯଦିବା ସେମାନେ ନିଜକୁ ଖ୍ରୀଷ୍ଟ ବୋଲି କହିବେ ଅବା ଅନେକ ଅଦ୍ଭୁତ କର୍ମମାନ କରିବେ ।

୩. ଯୀଶୁ କହିଲେ, ଯେତେବେଳେ ସେ ପୃଥିବୀକୁ ପୁନଃଆଗମନ କରିବେ, ସେତେବେଳେ ସମସ୍ତ __________ ମନୁଷ୍ୟପୁତ୍ରଙ୍କୁ ମହାପରାକ୍ରମ ଓ ମହାମହିମା ସହ ଆକାଶର ମେଘମାଳାରେ ଆଗମନ କରିବା ଦେଖିବେ ।

୪. ଯୀଶୁ କହିଲେ, ତାହାଙ୍କର ଆଗମନ କେବଳ __________ ହିଁ ଜାଣିବେ ।

୫. ବାପ୍ତିଜକ ଯୋହନ ପ୍ରାନ୍ତରରେ ଅନେକଙ୍କୁ __________ରୁ ମନଫେରଣର ବାପ୍ତିସ୍ମ ଦେଲେ ।

୬. ଯୀଶୁ ସ୍ୱର୍ଗାରୋହଣ କରିବା ପୂର୍ବେ ଆପଣା ଶିଷ୍ୟମାନଙ୍କୁ ଆଜ୍ଞା ଦେଇ କହିଲେ, ସେମାନେ ଯୀଶୁଙ୍କ ସଦୃଶ ବାପ୍ତିଜକ ଯୋହନ ଦ୍ୱାରା __________ ନିଅନ୍ତୁ ।

୭. ଯୋହନ କହିଲେ, ଯେ ଆସୁଅଛନ୍ତି ସେ ପୃଥିବୀର ଲୋକମାନଙ୍କୁ ବିଭକ୍ତ କରିବେ ଏବଂ ଯେ କେହି ତାଙ୍କୁ ଅସ୍ୱୀକାର କରିବ ସେ ଅଲିଭା __________ରେ ନିକ୍ଷେପ ହେବ ।

୮. ଯୀଶୁଙ୍କର ପ୍ରଥମ ଦୁଇଟି ପରୀକ୍ଷାରେ, ଶୟତାନ ତାହାଙ୍କୁ ଦୁଇଟି କାର୍ଯ୍ୟ କରି ନିଜକୁ __________ ହେବାର ପ୍ରମାଣ ଦିଅନ୍ତୁ ବୋଲି କହିଲା ।

୯. ତୃତୀୟ ପରୀକ୍ଷାରେ ଶୟତାନ ଯୀଶୁଙ୍କୁ ନଇଁପଡ଼ି __________ କରିବାକୁ କହିଲା ।

୧୦. ଯୀଶୁ ତିନିଥର __________କୁ ବ୍ୟବହାର କରି ଶୟତାନକୁ ଉତ୍ତର ଦେଲେ ।

୧୧. ଯଦି ଆମେ ଈଶ୍ୱରଙ୍କୁ ଆହୁରି ଭଲ ଭାବରେ ଜାଣିବାକୁ ଚାହୁଁ, ତେବେ ଆମକୁ ପ୍ରତିଦିନ ତାହାଙ୍କ ସହିତ __________ ବିତାଇବାକୁ ହେବ ।

୧୨. ଆପଣଙ୍କ ମଧ୍ୟ କ'ଣ ସେହି ଦୁଇଟି ସ୍ୱଭାବ ଅଛି ଯାହା ପରସ୍ପର ମଧ୍ୟରେ ଯୁଦ୍ଧ କରନ୍ତି ? ଶରୀରର ଆତ୍ମା ଓ __________ର ଆତ୍ମା ।

୧୩. ଯଦି ଆମେ ପରୀକ୍ଷାରୁ ଜୟ ପାଇବାକୁ ଚାହୁଁ, ତେବେ ଏହା ଅତି ଆବଶ୍ୟକ ଅଟେ ଯେ ଆମେ ପ୍ରତିଦିନ __________ଙ୍କ ସହିତ ଏକାକୀ ସମୟ ବିତାଇବା ଦରକାର ।

୧୪. ଯଦି ଆମେ ଖ୍ରୀଷ୍ଟଙ୍କ ସଦୃଶ ହେବାକୁ ଚାହୁଁ, ତେବେ ଏହା ଜରୁରୀ ଅଟେ କି ଆମେ __________ ତାହାଙ୍କ ସହିତ ଏକାକୀ ସମୟ ବିତାଇବା ।

ପ୍ରାନ୍ତରରୁ ଫେରିବା ପରେ ଯୀଶୁ ସାର୍ବଜନିକ ସେବାକାର୍ଯ୍ୟକୁ ଆରମ୍ଭ କରିଥିଲେ । ସେ ଗାଲିଲୀ ଅଞ୍ଚଳରେ ଥିବା ସମୁଦ୍ରକୂଳସ୍ଥିତ କଫର୍ନାହୂମକୁ ଯାଇ ସେଠାରେ ବାସ କଲେ । ସେ ସେହି ଅଞ୍ଚଳରେ ବାପ୍ତିଜକ ଯୋହନ ପ୍ରଚାର କରିଥିବା ସେହି ବାକ୍ୟକୁ ପ୍ରଚାର କଲେ, "ମନ ପରିବର୍ତ୍ତନ କର, କାରଣ ସ୍ୱର୍ଗରାଜ୍ୟ ସନ୍ନିକଟ ।"

ଯୀଶୁଙ୍କ ଦ୍ୱାରା ସର୍ବପ୍ରଥମେ ଆହୂତ ଦୁଇ ଶିଷ୍ୟ ହେଲେ ଶିମୋନ ପିତର ଓ ଆନ୍ଦ୍ରିୟ । ଏହି ଦୁଇ ଭାଇ ଗାଲିଲୀର ସମୁଦ୍ରରେ ମାଛ ଧରିବା ପାଇଁ ଜାଲ ପକାଉଥିଲେ । ଯୀଶୁ ସେମାନଙ୍କୁ ଡାକି କହିଲେ, "ମୋହର ଅନୁଗମନ କର, ମୁଁ ତୁମ୍ଭମାନଙ୍କୁ ମନୁଷ୍ୟ ଧରିବା ଶିଖାଇବି ।"

ପୁଣି ସେ ସେଠାରୁ ଆଗକୁ ଯାଇ ଜଣେ ବ୍ୟକ୍ତି ତାଙ୍କ ଦୁଇ ପୁତ୍ରଙ୍କ ସହିତ ନୌକାରେ ଜାଲ ସଜାଡୁଥିବା ଦେଖିଲେ । ସେ ସେହି ଦୁଇପୁତ୍ରଙ୍କୁ ତାହାଙ୍କ ଅନୁଗମନ କରିବାକୁ କହିଲେ । ସେମାନଙ୍କର ନାମ ଥିଲା ଯାକୁବ ଓ ଯୋହନ ଏବଂ ସେମାନଙ୍କର ବାପା ଥିଲେ ଜେବଦୀ ।

ପରେ ଯୀଶୁ ସେମାନଙ୍କ ସମାଜଗୃହ ସମୂହରେ ଶିକ୍ଷା ଦେଇ ରାଜ୍ୟର ସୁସମାଚାର ଘୋଷଣା କରି ଏବଂ ଲୋକଙ୍କ ସମସ୍ତ ପ୍ରକାର ରୋଗ ଓ ସମସ୍ତ ପ୍ରକାର ପୀଡ଼ା ସୁସ୍ଥ କରି ସମୁଦାୟ ଗାଲିଲୀରେ ଭ୍ରମଣ କରିବାକୁ ଲାଗିଲେ । ଆଉ ତାହାଙ୍କ ସମ୍ବନ୍ଧରେ ଜନରବ ଏତେ ବଢ଼ିବାକୁ ଲାଗିଲା ଯେ, ପଡ଼ୋଶୀ ଦେଶ ସୁରିୟାରୁ ମଧ୍ୟ ଲୋକେ ସୁସ୍ଥ ହେବାକୁ ତାହାଙ୍କ ପାଖକୁ ଆସିଲେ ।

ଯେତେବେଳେ ଯୀଶୁ ଦେଖିଲେ କି ଏ ସମସ୍ତ ଲୋକ ତାହାଙ୍କର ଅନୁଗମନ କରୁଅଛନ୍ତି, ସେ ତାହାଙ୍କର ଶିଷ୍ୟମାନଙ୍କୁ ଘେନି ପର୍ବତ ଆରୋହଣ କଲେ । ସେଠାରେ ସେ ବସି ଶିଷ୍ୟମାନଙ୍କୁ ଈଶ୍ୱରଙ୍କ ରାଜ୍ୟ ବିଷୟରେ ଅନେକ ଶିକ୍ଷା ଦେଲେ ।

ଲୋକମାନେ ଯୀଶୁଙ୍କର ଶିକ୍ଷାକୁ ଶୁଣି, ସେ ଧାରଣ କରିଥିବା ଅଧିକାରରେ ଆଶ୍ଚର୍ଯ୍ୟାନ୍ୱିତ ହେଲେ । କେହିହେଲେ ମଧ୍ୟ ତାଙ୍କର ନିଜର ଆରାଧନାରେ ଏପରି ଶିକ୍ଷା କେବେହେଲେ ଶୁଣି ନ ଥିଲେ ।

ଯେତେବେଳେ ଯୀଶୁ ପର୍ବତରୁ ତଳକୁ ଓହ୍ଲାଇ ଆସିଲେ, ଲୋକମାନେ ତାହାଙ୍କର ଅପେକ୍ଷାରେ ଥିଲେ । ଆଉ ସେ ଯେଉଁଠାକୁ ଗଲେ ସେମାନେ ମଧ୍ୟ ତାହାଙ୍କର ପଛେ ପଛେ ଗଲେ । ସେମାନଙ୍କ ମଧ୍ୟରୁ ଜଣେ କୁଷ୍ଠୀ ଯୀଶୁଙ୍କୁ କହିଲା, ହେ ପ୍ରଭୁ, ଆପଣ ଯଦି ଇଚ୍ଛା କରନ୍ତି ତାହାହେଲେ ମୋତେ ଶୁଚି କରିପାରନ୍ତି । ଯୀଶୁ କହିଲେ, ମୁଁ ଇଚ୍ଛା କରୁଛି ଶୁଚି ହୁଅ । ସେହିକ୍ଷଣି ସେ ଆପଣା କୁଷ୍ଠରୋଗରୁ ଶୁଚି ହେଲା । ଆଉ ଜଣେ ଶତସେନାପତି କହିଲା, ଯଦି ସେ ତାହାଙ୍କର ପକ୍ଷାଘାତ ଦାସର ରୋଗକୁ ସୁସ୍ଥ କରିପାରନ୍ତେ, ଯିଏକି ଘରେ ପଡ଼ି ରହିଛି । ଯୀଶୁ ସେହି ଦାସକୁ ମଧ୍ୟ ସୁସ୍ଥତା ଦେଲେ ।

ଯୀଶୁ ଶିମୋନ ପିତରଙ୍କ ଗୃହକୁ ଗଲେ, କାରଣ ପିତରଙ୍କ ଶାଶୁ ଜ୍ୱରରେ ପୀଡ଼ିତ ଥିଲେ । ପୁଣି ଯୀଶୁ ତାହାଙ୍କର ହସ୍ତ ସ୍ପର୍ଶ କରନ୍ତେ, ତାଙ୍କର ଜ୍ୱର ଛାଡ଼ି ଚାଲିଗଲା । ପରେ ସେ ଉଠି ସେମାନଙ୍କର ପରିଚର୍ଯ୍ୟା କରିବା ଆରମ୍ଭ କଲେ ।

ପୁଣି ଯୀଶୁ ସେହି ସନ୍ଧ୍ୟାରେ ସେଠାରେ ରହି ସମସ୍ତ ରୋଗୀମାନଙ୍କୁ ସୁସ୍ଥତା ଦେଲେ ଓ ଭୂତଆତ୍ମାମାନଙ୍କୁ ଦୂର କଲେ । ଯେତେବେଳେ ସେ ଦେଖିଲେ ଯେ ଜନସମୂହ ତାହାଙ୍କୁ ଛାଡୁ ନାହାନ୍ତି, ସେ ତାହାଙ୍କର ଶିଷ୍ୟମାନଙ୍କୁ କହିଲେ, ଆସ ଆମେ ଗାଲିଲୀର ଆରପାରିକି ଯିବା । ଯେତେବେଳେ ସେମାନେ ଅନ୍ୟପାରିକି ଯିବାକୁ ଚାହିଁଲେ, ସେତେବେଳେ ତାହା ରାତ୍ର ହୋଇସାରିଥିଲା । ଆଉ ଯେତେବେଳେ ସେମାନେ ସମୁଦ୍ରର ମଧ୍ୟଭାଗରେ ଥିଲେ, ଅକସ୍ମାତ୍ ଏକ ଝଡ଼ ଆସିଲା ଏବଂ ଢେଉ ସେ ନୌକାକୁ ଘୋଡ଼ାଇ ଦେଲା ।

ନିଜେ ମାଛ ଧରାଳୀ ହୋଇଥିବା ହେତୁ ଶିଷ୍ୟମାନେ ଜାଣିପାରିଲେ କି ସେମାନେ କେତେ ବିପଦଗ୍ରସ୍ତ ଅଟନ୍ତି । ତେଣୁ ଅତି ଭୟଗ୍ରସ୍ତ ହେଲେ । ମାତ୍ର ଯୀଶୁ ଶୋଇପଡ଼ିଥିଲେ ଏବଂ ଉଠି ନ ଥିଲେ ।

ଶିଷ୍ୟମାନେ ଭୀତ ହୋଇ ଯୀଶୁଙ୍କୁ ଉଠାଇ କହିଲେ, "ହେ ପ୍ରଭୁ, ଆମ୍ଭେମାନେ ମରୁଅଛୁ, ଆମକୁ ଉଦ୍ଧାର କର" । ଯୀଶୁ ସେମାନଙ୍କୁ ଉତ୍ତର ଦେଇ କହିଲେ, "ହେ ଅଳ୍ପବିଶ୍ୱାସୀମାନେ, କାହିଁକି ତୁମ୍ଭେମାନେ ଭୟ କରୁଅଛ ?" ଏଥିରେ ସେ ଉଠି ପବନକୁ ଧମକ ଦେଇ ସମୁଦ୍ରକୁ କହିଲେ ତୁନିହ, ଚୁପ୍‌କର । ସେଥିରେ ଶିଷ୍ୟମାନେ ଚମତ୍କୃତ ହେଲେ ଓ ପରସ୍ପରକୁ କହିବାକୁ ଲାଗିଲେ, ଏ ତେବେ କିଏ ଯେ, ପବନ ଓ ସମୁଦ୍ର ଉଭୟ ଏହାଙ୍କର ଆଜ୍ଞା ମାନନ୍ତି ।

## ମୌଖିକ ପ୍ରଶ୍ନ

୧. ସେହି ସନ୍ଦେଶ କ'ଣ ଥିଲା ଯାହା ଯୀଶୁ ଲୋକମାନଙ୍କୁ ପ୍ରଚାର କରିଥିଲେ ?

୨. ପ୍ରଥମେ ଶିଷ୍ୟମାନଙ୍କର ପେଶା କ'ଣ ଥିଲା ?

୩. କାହିଁକି ଲୋକମାନେ ଯୀଶୁଙ୍କୁ ଦେଖିବାକୁ ଅଧିକ ଇଚ୍ଛୁକ ଥିଲେ ?

୪. ଯୀଶୁ ପର୍ବତରୁ ଓହ୍ଲାଇ ଆସିବା ପରେ, ସେ ଜଣେ ଗମ୍ଭୀର ଶାରୀରିକ ରୋଗୀକୁ ସୁସ୍ଥ କଲେ । ସେହି ବ୍ୟକ୍ତିର ରୋଗ କ'ଣ ଥିଲା ?

୫. ପରେ ସେ ଶତସେନାପତିର ଦାସକୁ ସୁସ୍ଥ କଲେ । ସେହି ଦାସର କ'ଣ ସମସ୍ୟା ଥିଲା ?

୬. ଯୀଶୁ ପିତରଙ୍କ ଜଣେ ସମ୍ପର୍କୀୟଙ୍କୁ ସୁସ୍ଥତା ଦେଲେ । ସେ ପିତରଙ୍କର କ'ଣ ହେବେ ?

୭. ଯୀଶୁ କାହିଁକି ଗାଲିଲୀ ସମୁଦ୍ରର ଆରପାରିକି ଯିବାକୁ ଚାହିଁଲେ ?

୮. ଯୀଶୁ ନୌକାରେ କ'ଣ କଲେ ?

୯. ଯୀଶୁଙ୍କର ଶିଷ୍ୟମାନେ କାହିଁକି ଭୀତ ହେଲେ ?

୧୦. ଯୀଶୁ କାହିଁକି ସେମାନଙ୍କୁ ଧମକାଇଲେ ?

୧୧. ଯୀଶୁ ଝଡ଼ତୋଫାନକୁ ଶାନ୍ତ କରିବାର ଦେଖିଲା ପରେ ଶିଷ୍ୟମାନଙ୍କର କ'ଣ ପ୍ରତିକ୍ରିୟା ଥିଲା ?

# "ଆତ୍ମିକ ସତ୍ୟ" - ଅଧ୍ୟାୟ - ୪

## ମାଥିଉ ୪-୮

୧. ଯୀଶୁ ଆମ ସମସ୍ତଙ୍କୁ "ମନୁଷ୍ୟ ଧରାଳୀ" ହେବାକୁ ଆହ୍ୱାନ କରନ୍ତି । ଖ୍ରୀଷ୍ଟଙ୍କଠାରେ ଯେଉଁ ସ୍ୱାଧୀନତା ଆମ୍ଭମାନଙ୍କର ଅଛି, ଯୀଶୁ ଆମ୍ଭମାନଙ୍କୁ ଆଜ୍ଞା କରନ୍ତି କି, ଆମେ ତାହାକୁ ପୃଥିବୀର ଦେଶ, ସହର ଓ ପଡ଼ୋଶୀମାନଙ୍କ ମଧ୍ୟରେ ବାଣ୍ଟିବା । ସ୍ୱର୍ଗକୁ ଫେରିଯିବା ପୂର୍ବେ ଏହା ତାହାଙ୍କର ଶେଷ ବାକ୍ୟ ଥିଲା । ଅଧ୍ୟୟନର ଶେଷ ସପ୍ତାହରେ ଯୀଶୁଙ୍କଠାରେ ଥିବା ବିଶ୍ୱାସକୁ କେମିତି ଆମେ ସ୍ପଷ୍ଟ ରୂପେ ଅନ୍ୟକୁ କହିପାରିବା ତାହା ଶିଖିବାକୁ ଯାଉଅଛୁ । ଯେପରିକି ଆମ୍ଭମାନଙ୍କ ମଧ୍ୟରୁ ଅନେକେ ଅନ୍ୟଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ କହିବାକୁ ଆରମ୍ଭରେ ହିଁ ଡରୁଛୁ । ଆମେ ଏହିପରି ଚିନ୍ତା କରୁଛୁ, "ମୁଁ କିଏ ଯେ, ମୋର ସୀମିତତା ମଧ୍ୟରେ, କେମିତି ମୁଁ କାହାକୁ ଯୀଶୁଙ୍କୁ ବିଶ୍ୱାସ କରିବାକୁ କହିପାରେ ? ପୁଣି ଯଦିବା ମୁଁ ଏହା କରିପାରେ, ତଥାପି ମୁଁ ପୃଥିବୀର ଏକ ଛୋଟ କୋଣରେ ରହୁଅଛି । ଯୀଶୁ କେମିତି ଆଶା କରିପାରନ୍ତି କି ମୁଁ ଦୁନିଆର ଅନ୍ୟ କୋଣରେ ଯାଇ କିଛି ଭିନ୍ନ କରିପାରିବି ?

ବାଇବଲ କହେ ଯଦିବା ଆମେ ଏକ ଅତି ଦକ୍ଷ ବକ୍ତା ଯିଏ କି ଦୁନିଆରେ ବିରଳ, ହେଲେ ମଧ୍ୟ ଯୀଶୁଙ୍କର ଅନୁଗମନ କରିବାରେ ଆମେ କାହାକୁ ବିଶ୍ୱାସରେ ଆଣିପାରିବା ନାହିଁ । ଯେବେ ଆମେ ଆମ ହୃଦୟକୁ ଯୀଶୁଙ୍କୁ ଦେଲୁ, ଏହା କେହି ବ୍ୟକ୍ତି ଆମକୁ ସ୍ପର୍ଶ କରିନାହାନ୍ତି, ମାତ୍ର ଈଶ୍ୱରଙ୍କ ପବିତ୍ର ଆତ୍ମାଙ୍କର ଉପସ୍ଥିତି ଯାହା ଆମକୁ ଅନୁତାପ କରିବାକୁ ଆଗେଇ ନେଲା ।

ଯୋହନ ୧୬:୮ରେ କୁହାଯାଏ, "ସେ ଆସି ପାପ, ଧାର୍ମିକତା ଓ ବିଚାର ବିଷୟରେ ଜଗତକୁ ପ୍ରମାଣ ଦେବେ ।"

ମନୁଷ୍ୟ ଧରାଳୀ ରୂପେ ଆମ୍ଭମାନଙ୍କ ଦାୟିତ୍ୱ ହେଲା, ଆମ୍ଭମାନଙ୍କର ଜୀବନର ଜାଲକୁ ଧରି ରଖିବା ଏବଂ ପବିତ୍ରଆତ୍ମା ଆମ୍ଭମାନଙ୍କ ମାର୍ଗରେ ଆଣୁଥିବା ପ୍ରତ୍ୟେକ ମାଛକୁ ଆମ୍ଭେମାନେ ଧରି ରଖିବା ।

ଅନ୍ୟମାନଙ୍କୁ ଖ୍ରୀଷ୍ଟରେ ଥିବା ଆମ୍ଭମାନଙ୍କ ବିଶ୍ୱାସ ବାଣ୍ଟିବାର ପ୍ରଥମ ପର୍ଯ୍ୟାୟ ହେଉଛି, ଯାହା ଯୀଶୁ ଆମ୍ଭମାନଙ୍କ ଜୀବନରେ କରିଛନ୍ତି, ତାହାକୁ କହିବା । ଏହିପ୍ରକାର ଉପସ୍ଥାପନାକୁ "ସାକ୍ଷ୍ୟ" କୁହାଯାଏ । "ସାକ୍ଷ୍ୟ" ଶବ୍ଦଟି ବିଚାରାଳୟରେ ବ୍ୟବହୃତ ଏକ ଶବ୍ଦ ଅଟେ । ଯେଉଁପ୍ରକାରେ ସେ ଯେଉଁ ସତ୍ୟକୁ ଜାଣେ ଓ ତାହାକୁ ପ୍ରକାଶ କରେ, ଆଉ ସେ ଯାହା ପ୍ରଥମଥର କହିଲା । ଜଣକର ସାକ୍ଷ୍ୟ ଅତି ବ୍ୟକ୍ତିଗତ ଓ ସରଳ ଅଟେ ବାଣ୍ଟିବାକୁ ଯେଉଁମାନେ ଯୀଶୁଙ୍କୁ ଜାଣିନାହାନ୍ତି । ଏଠାରେ ଶିଖିବାର କେତେକ ପଦ୍ଧତି :

- ➢ ପ୍ରତ୍ୟେକ ବ୍ୟକ୍ତି ଅତୀତକୁ ଚିନ୍ତା କରିବା ଦରକାର କି ଯୀଶୁଙ୍କୁ ଜାଣିବା ପୂର୍ବେ ସେ କିପରି ଥିଲେ ।
- ➢ ପ୍ରଥମେ କେମିତି ଆପଣଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ କୁହାଯାଇଥିଲା ତାହା ସେମାନେ ଚିନ୍ତା କରନ୍ତୁ ।
- ➢ ଚିନ୍ତା କରନ୍ତୁ ଯେଉଁ ମୁହୂର୍ତ୍ତରେ ପବିତ୍ରଆତ୍ମା ଆପଣଙ୍କ ହୃଦୟରେ ପ୍ରବେଶ କରିଥିଲେ ଏବଂ ଆପଣ ଜାଣିପାରିଲେ କି ଯୀଶୁ ହିଁ ଈଶ୍ୱର ଓ ଆପଣଙ୍କୁ ତାହାଙ୍କର ଆବଶ୍ୟକ ।
- ➢ ଖ୍ରୀଷ୍ଟଙ୍କୁ ଆପଣ ଜୀବନ ଦେବାରେ ଆପଣଙ୍କ ନିଷ୍ପତ୍ତି ଉପରେ ଚିନ୍ତା କରନ୍ତୁ ।
- ➢ ପରିଶେଷରେ, ଖ୍ରୀଷ୍ଟ ଆପଣଙ୍କ ଜୀବନରେ କରିଥିବା ଭିନ୍ନତା ଉପରେ ଚିନ୍ତା କରନ୍ତୁ ।
- ➢ ଆପଣଙ୍କ ମନରେ ଏସବୁ ଚାଲିବା ପରେ, ଆସନ୍ତୁ ଦଳର ପ୍ରତ୍ୟେକ ସଦସ୍ୟ ଆପଣା ଆପଣା ଦଳ ଓ ନେତାଙ୍କ ମଧ୍ୟରେ ନିଜ ନିଜ ସାକ୍ଷ୍ୟକୁ କହିବା । ଏହା ଅତି ଗୁରୁତ୍ୱପୂର୍ଣ୍ଣ ଅଟେ କି, ତିନି ମିନିଟ୍‌ରୁ ଅଧିକା ସମୟ ନ ହେଉ ।

** ନେତା - ଯଦି ଆପଣଙ୍କର ଦଳ ବିଶାଳ ଅଟେ, ତେବେ ତିନି କିମ୍ବା ଚାରି ସଦସ୍ୟରେ ଆପଣଙ୍କର ଦଳକୁ ବିଭାଜନ କରନ୍ତୁ ଯଦ୍ୱାରା ପ୍ରତ୍ୟେକ ବ୍ୟକ୍ତି ନିଜର ସାକ୍ଷ୍ୟ କହିପାରିବେ ।*

* ଆହୁରି ମଧ୍ୟ ଏହା ସମୟ ଅଟେ କି, ଆମ୍ଭମାନଙ୍କ ବ୍ୟକ୍ତିଗତ ନିରୋଳା ସମୟରେ ପ୍ରତ୍ୟେକ ଦଳ ପ୍ରାର୍ଥନା ଦ୍ୱାରା ପରସ୍ପରକୁ ସାହାଯ୍ୟ କରିବା, ସେହି ଲୋକମାନଙ୍କୁ ଯାହାକୁ କି ଈଶ୍ୱର ଆମ୍ଭମାନଙ୍କୁ ଗ୍ରହଣ କରିବା ନିମନ୍ତେ ପ୍ରଦାନ କରିଅଛନ୍ତି । ହୋଇପାରନ୍ତି ସେମାନେ କାର୍ଯ୍ୟକ୍ଷେତ୍ରର କିମ୍ବା ବିଦ୍ୟାଳୟର । ହୋଇପାରନ୍ତି ଆମର ଘନିଷ୍ଠ ପରିବାରର ସମ୍ପର୍କୀୟ ଯିଏ ଏପର୍ଯ୍ୟନ୍ତ ଖ୍ରୀଷ୍ଟଙ୍କ ପ୍ରେମକୁ ଗ୍ରହଣ କରିନାହାନ୍ତି । ସେହି ଲୋକମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ । ଦଳରେ କୁହାଯାଇଥିବା ପ୍ରତ୍ୟେକଙ୍କ ନାମକୁ ପ୍ରତ୍ୟେକ ବ୍ୟକ୍ତି ନିଜ ପ୍ରାର୍ଥନା ଖାତାରେ ଟିପି ରଖୁ । ପ୍ରତ୍ୟେକଙ୍କୁ ଖ୍ରୀଷ୍ଟରେ ଆଣିବା ଏହା ଦଳର ପ୍ରୟାସ ଅଟେ ।

୨. ଯୀଶୁ ଶିଷ୍ୟମାନଙ୍କୁ ଧମକ ଦେଲେ, ଏଥିନିମନ୍ତେ ନୁହେଁ କି ସେମାନେ ଝଡ଼ ତୋଫାନକୁ ବନ୍ଦ କରିବା ନିମନ୍ତେ ଯୀଶୁଙ୍କୁ ଉଠାଇଲେ, ମାତ୍ର ଏଥିନିମନ୍ତେ କି ସେମାନେ ସଂପୂର୍ଣ୍ଣ ଭୟଭୀତ ଥିଲେ । ଶିଷ୍ୟମାନେ ଝଡ଼ ତୋଫାନକୁ ଚର୍ତୁପାର୍ଶ୍ୱରେ ଅନାଇଲେ । ସେମାନଙ୍କର ଝଡ଼ ତୋଫାନର ଅଭିଜ୍ଞତା ଥିଲା, କିନ୍ତୁ ଏହା ଏକ ଭୟଙ୍କର ଥିଲା । ଯାହା ସେମାନଙ୍କର ଜୀବନରେ ପରିଚିତ ନ ଥିଲା । ତାହା ହେଉଛି, ସେମାନଙ୍କ ଜୀବନରେ ଈଶ୍ୱରଙ୍କ ସାମର୍ଥ୍ୟ । ସେମାନେ ଜାଣି ନ ଥିଲେ ଯେ, ସେମାନଙ୍କ ଜୀବନର ଯେକୌଣସି ଝଡ଼ଠାରୁ ମଧ୍ୟ ଈଶ୍ୱର ମହାନ୍ ଅଟନ୍ତି ଏବଂ ସେ ସେମାନଙ୍କ ସହିତ ନୌକାରେ ବସିଛନ୍ତି ।

ମୋର ଦେଢ଼ବର୍ଷ ବୟସର ଗୋଟିଏ ଝିଅ ଅଛି ଯିଏ କି ତା'ର ଜୀବନକୁ ଏ ପୃଥିବୀରେ ଆରମ୍ଭ କରୁଅଛି । ସେ ଘରର ଚାରିପଟେ ଦୌଡ଼ି ବୁଲେ, ଡ୍ରଏର୍ ଖୋଲିଦିଏ, ହାଣ୍ଡି ଓ ଆସବାବପତ୍ରକୁ ଟାଣିପକାଏ ଏବଂ ଯାହା କିଛି ତା'ର ଛୋଟ ଛୋଟ ହାତରେ ଆସେ, ତାହା ସେ କରେ । ଦିନେ ଆମେ ଆମ ସାଙ୍ଗଙ୍କ ଘରେ ରାତ୍ରି ଭୋଜନ କରୁଥିଲୁ । ସେହି ସମୟରେ ସେ ତଳେ ଖେଳୁଥାଏ । ଠିକ୍ ସେତିକିବେଳେ ସେମାନଙ୍କର ଏକ ବଡ଼ କଳା କୁକୁର ଆସିଲା, ତାହା ଦେଖି ମୋ' ଝିଅ "ମାମା" ଚିତ୍କାର କରି ଯେତେ ଶୀଘ୍ର ହୋଇପାରେ ତା'ର ଛୋଟ ଛୋଟ ଗୋଡ଼ରେ ଦୌଡ଼ି ମୋ' ପାଖକୁ ଆସିଲା । ମୁଁ ତାକୁ ଉଠାଇ ନେଲି ଏବଂ ମୋ' ହାତରେ ସେ ଅତି ଆରାମ ଅନୁଭବ କଲା । କାହିଁକି ? କାରଣ ସେ ଜାଣେ ଯେ, ମୁଁ ତାକୁ ପ୍ରେମ କରେ ଏବଂ ତାହାର ଯତ୍ନ ଯେ ମୁଁ ନିଏ ଏହା ସେ ବିଶ୍ୱାସ

କରେ । ଏହା କେବଳ ଅଳ୍ପ ସମୟ ନିମନ୍ତେ ଥିଲା । ତା'ପରେ ସେ ସେହି କୁକୁର ଆଡ଼କୁ ନିଜ ହାତକୁ ବଢ଼ାଉଛି ।

ଯେଉଁ ମୁହୂର୍ତ୍ତରେ ଆମେ ଆମ ଜୀବନର ନିୟନ୍ତ୍ରଣକୁ ତାହାଙ୍କ ହାତରେ ଦେଲୁ, ଆମେ ଈଶ୍ୱରଙ୍କ ସନ୍ତାନସନ୍ତତି ହେଲୁ । ସେ ଆମ୍ଭମାନଙ୍କର ରକ୍ଷାକାରୀ । ସେ ଆମ୍ଭମାନଙ୍କ ସୁରକ୍ଷା ଓ ଆମ୍ଭମାନଙ୍କ ପିଲାମାନଙ୍କର ସୁରକ୍ଷା ମଧ୍ୟ । ସେ ଆମ୍ଭମାନଙ୍କୁ ପ୍ରେମ କରନ୍ତି ଓ ଆମ୍ଭମାନଙ୍କ ଭୟର ସମୟରେ ଯଥାଶୀଘ୍ର ଆମେ ଯଥାଶୀଘ୍ର ତାହାଙ୍କ ପାଖକୁ ଦୌଡ଼ିଯିବା ଆବଶ୍ୟକ । ତାହାଙ୍କ ଭୂଜରେ ସେ ଭୟସବୁକୁ ଦୂର କରନ୍ତି । ଯଦି ଆମେ ପ୍ରତିଦିନ ତାହାଙ୍କ ଆଜ୍ଞାବହ ତାହାଙ୍କ ବାହୁ ତଳେ ରଖିବା, ତେବେ ଆମ୍ଭମାନଙ୍କ ଜୀବନରେ କୌଣସି ଭୟ ରହିବ ନାହିଁ ।

ପୁରାତନ ନିୟମରେ ଜଣେ ବ୍ୟକ୍ତି ଥିଲେ ଯାହାର ନାମ ଦାଉଦ ଥିଲା । ସେ ଜଣେ ଶାଉଲ ନାମକ ରାଜା ହେତୁ ଯିଏ ତାଙ୍କୁ ବଧ କରିବାକୁ ଚେଷ୍ଟା କରୁଥିଲା, ଭୟରେ ଜୀବନ ଯାପନ କରୁଥିଲେ । ଯେମିତି ଦାଉଦ ଈଶ୍ୱରଙ୍କ ବିଷୟରେ ଅନେକ ସତ୍ୟକୁ ଜାଣିଲେ ଓ ତାହା ସମୀପରେ ବଢ଼ିବାକୁ ଲାଗିଲେ, ସେ ଅନେକ ଗୀତସବୁକୁ ଲେଖିଲେ ଯାହାକୁ "ଗୀତସଂହିତା" କୁହାଯାଏ । ଈଶ୍ୱରଙ୍କ ବିଷୟରେ ଶିକ୍ଷା ଦେବାକୁ ଈଶ୍ୱରଙ୍କ ଦ୍ୱାରା ପ୍ରେରଣାପ୍ରାପ୍ତ ଗୀତଗୁଡ଼ାକ ଅଛି । ଏହିପ୍ରକାରେ ୧୫୦ଟି ଗୀତ ଅଛି । ସମସ୍ତ ଦାଉଦଙ୍କ ଦ୍ୱାରା ରଚିତ ନୁହେଁ । କିନ୍ତୁ ସେସବୁ ପୁରାତନ ନିୟମରେ ମିଳେ । ସେ ଭୟ ବିଷୟରେ ଅନେକ ଗୀତସବୁକୁ ଲେଖିଲେ । କିନ୍ତୁ ଏହି ସପ୍ତାହରେ ଧ୍ୟାନ କରି ଚିନ୍ତା କରିବା ନିମନ୍ତେ ମୁଁ ଗୋଟିଏ ମନୋନୀତ କରିଛି - ଗୀତସଂହିତା ୨୭ । ଏହି ସପ୍ତାହର ପ୍ରାର୍ଥନା ସମୟରେ ଏହାକୁ ପଠନ କରନ୍ତୁ । ଯଦି ଆପଣଙ୍କ ପାଖେ ପୁରାତନ ନିୟମ ନାହିଁ, ମୁଁ ଆପଣଙ୍କ ନିମନ୍ତେ ଏହାକୁ ଏହି ସାମଗ୍ରୀରେ ସଂଲଗ୍ନ କରିଅଛି । ଆପଣଙ୍କର ସମସ୍ତ ଭୟକୁ ଦୂର କରିବା ନିମନ୍ତେ ଈଶ୍ୱରଙ୍କୁ ମାଗନ୍ତୁ ଏବଂ ତାହାଙ୍କର ପ୍ରେମ ଓ ସୁରକ୍ଷାର ବାହୁ ଉପରକୁ ଚଢ଼ନ୍ତୁ ।

* ଏହି ସପ୍ତାହକୁ ପ୍ରାର୍ଥନାର ସହ ସମାପ୍ତ କରନ୍ତୁ । କିନ୍ତୁ ଏଥର ପ୍ରତ୍ୟେକ ସହଯୋଗକାରୀ ପୁରୁଷ ପୁରୁଷ ଓ ସ୍ତ୍ରୀ ସ୍ତ୍ରୀର ସାଥୀ ଖୋଜନ୍ତୁ । ଆପଣଙ୍କ ଜୀବରେ ଥିବା ସେ ବଡ଼ ଭୟ ବିଷୟରେ କଥା ହୁଅନ୍ତୁ । ଭୟ ବିଷୟକୁ ନେଇ ପରସ୍ପରରେ ପ୍ରାର୍ଥନା କରନ୍ତୁ । ବିଶେଷ କରି ସେସବୁକୁ ଈଶ୍ୱରଙ୍କ ସମ୍ମୁଖରେ ରଖନ୍ତୁ । ପ୍ରଭୁଙ୍କୁ କୁହନ୍ତୁ, ଭୟକୁ ଦୂର କରି ତା' ବଦଳରେ ତାହାଙ୍କଠାରେ ବିଶ୍ୱାସକୁ ଦିଅନ୍ତୁ । ଆପଣଙ୍କ ଇଚ୍ଛା ବିଷୟରେ ପ୍ରଭୁଙ୍କୁ କୁହନ୍ତୁ କି ଆପଣ ତାହାଙ୍କ ଉପରେ ଭରସା ରଖନ୍ତି ଯଦିବା କେତେକ ବିଷୟ ଅତି ଭୟଙ୍କର ଅଟେ ।

## ଗୀତସଂହିତା ୨୭

ସଦାପ୍ରଭୁ ମୋହର ଦୀପ୍ତି ଓ ମୋହର ପରିତ୍ରାଣ; ମୁଁ କାହାକୁ ଭୟ କରିବି ?
ସଦାପ୍ରଭୁ ମୋ' ଜୀବନର ବଳ; ମୁଁ କାହାଠାରୁ ଭୀତ ହେବି ?
ଦୁଷ୍କର୍ମକାରୀଗଣ ମୋହର ମାଂସ ଗ୍ରାସ କରିବା ପାଇଁ ମୋତେ ଆକ୍ରମଣ କରିବାବେଳେ ମୋର ସେହି ବିପକ୍ଷ ଓ ଶତ୍ରୁମାନେ ଝୁଣ୍ଟି ପତିତ ହେଲେ ।
ସୈନ୍ୟଦଳ ମୋ' ବିରୁଦ୍ଧରେ ଛାଉଣି କଲେହେଁ ମୋହର ଅନ୍ତଃକରଣ ଭୟ କରିବ ନାହିଁ;
ଯେବେ ଯୁଦ୍ଧ ମୋ' ବିରୁଦ୍ଧରେ ଉଠେ, ତେବେ ମଧ୍ୟ ମୁଁ ସାହସିକ ହେବି ।

ମୁଁ ସଦାପ୍ରଭୁଙ୍କ ସୌନ୍ଦର୍ଯ୍ୟ ଦେଖିବା ପାଇଁ ଓ ତାହାଙ୍କ ମନ୍ଦିରରେ ଅନୁସନ୍ଧାନ କରିବା ପାଇଁ ଯେମନ୍ତ ଯାବଜ୍ଜୀବନ ସଦାପ୍ରଭୁଙ୍କ ଗୃହରେ ବାସ କରିବି,
ଏହି ଏକ ବିଷୟ ମୁଁ ସଦାପ୍ରଭୁଙ୍କ ନିକଟରେ ମାଗିଅଛି, ତାହାହିଁ ମୁଁ ଅନ୍ୱେଷଣ କରିବି ।
କାରଣ ବିପଦ ଦିନରେ ସେ ଆପଣା ଆବାସରେ ମୋତେ ଗୋପନ କରି ରଖିବେ;
ସେ ଆପଣା ତମ୍ବୁର ଅନ୍ତରାଳରେ ମୋତେ ଲୁଚାଇବେ;
ସେ ମୋତେ ଶୈଳ ଉପରକୁ ଉଠାଇବେ ।

ଏଣୁ ଏବେ ମୋ' ଚତୁର୍ଦ୍ଦିଗସ୍ଥିତ ଶତ୍ରୁଗଣ ଉପରେ ମୋହର ମସ୍ତକ ଉନ୍ନତ ହେବ;
ଆଉ ମୁଁ ତାହାଙ୍କ ତମ୍ବୁରେ ଜୟଧ୍ୱନିର ବଳି ଉତ୍ସର୍ଗ କରିବି;
ମୁଁ ଗାନ କରିବି, ମୁଁ ସଦାପ୍ରଭୁଙ୍କ ଉଦ୍ଦେଶ୍ୟରେ ପ୍ରଶଂସା ଗାନ କରିବି ।
ହେ ସଦାପ୍ରଭୋ, ମୁଁ ଆପଣା ରବରେ ଡାକିବାବେଳେ ଶୁଣ;
ମୋ'ପ୍ରତି ଦୟା କର ଓ ମୋତେ ଉତ୍ତର ଦିଅ ।
(ଯେତେବେଳେ ତୁମ୍ଭେ କହିଲ,) ତୁମ୍ଭେମାନେ ମୋହର ମୁଖ ଅନ୍ୱେଷଣ କର;
ମୋ' ଅନ୍ତଃକରଣ ତୁମ୍ଭଙ୍କୁ କହିଲା, ସଦାପ୍ରଭୋ, ମୁଁ ତୁମ୍ଭର ମୁଖ ଅନ୍ୱେଷଣ କରିବି ।
ମୋ'ଠାରୁ ଆପଣା ମୁଖ ଲୁଚାଅ ନାହିଁ;
କ୍ରୋଧରେ ଆପଣା ଦାସକୁ ଦୂର କର ନାହିଁ; ତୁମ୍ଭେ ମୋହର ସହାୟ ହୋଇଅଛ;
ହେ ମୋ' ପରିତ୍ରାଣର ପରମେଶ୍ୱର, ମୋତେ ଦୂର କର ନାହିଁ, କିଅବା ପରିତ୍ୟାଗ କର ନାହିଁ ।
କାରଣ ମୋହର ପିତା ଓ ମୋହର ମାତା ମୋତେ ପରିତ୍ୟାଗ କରିଅଛନ୍ତି,
ମାତ୍ର ସଦାପ୍ରଭୁ ମୋତେ ଉଠାଇ ନେବେ ।

ହେ ସଦାପ୍ରଭୋ, ମୋହର ଶତ୍ରୁଗଣ ସକାଶୁଁ ମୋତେ ତୁମ୍ଭର ମାର୍ଗ ଶିଖାଅ;
ଓ ସରଳ ପଥରେ ମୋତେ କଢ଼ାଇ ନିଅ ।
ମୋ' ବିପକ୍ଷଗଣର ବାଞ୍ଛାରେ ମୋତେ ସମର୍ପଣ କର ନାହିଁ;
କାରଣ ମିଥ୍ୟାସାକ୍ଷୀମାନେ ଓ ନିଷ୍ଠୁରତା ରୂପ ନିଶ୍ୱାସ ମାରିବା ଲୋକେ ମୋ' ବିରୁଦ୍ଧରେ ଉଠିଅଛନ୍ତି ।
ମୁଁ ଜୀବିତମାନଙ୍କ ଦେଶରେ ସଦାପ୍ରଭୁଙ୍କର ମଙ୍ଗଳଭାବ ଦେଖିବାକୁ ବିଶ୍ୱାସ କରି ନ ଥିଲେ ମୂର୍ଚ୍ଛିତ ହୋଇଥାନ୍ତି ।
ସଦାପ୍ରଭୁଙ୍କର ଅନୁସରଣ କର;
ବଳବାନ୍ ହୁଅ, ଓ ତୁମ୍ଭର ଅନ୍ତଃକରଣ ସାହସିକ ହେଉ;
ହଁ, ତୁମ୍ଭେ ସଦାପ୍ରଭୁଙ୍କର ଅନୁସରଣ କର ।

# ଖ୍ରୀଷ୍ଟରେ ଏକ ନୂତନ ଜୀବନର ଆରମ୍ଭ

## ଖ୍ରୀଷ୍ଟି ଏ. ବ୍ରାଉନର୍‌ଙ୍କ ଦ୍ୱାରା

## <u>"ପ୍ରେମ - ଖ୍ରୀଷ୍ଟଙ୍କର ଜାଗତିକ ସେବାକାର୍ଯ୍ୟର ଅର୍ଥ" -</u>

## <u>ଅଧ୍ୟାୟ - ୫</u>

## ମାଥିଉ ୮-୧୦

**"ଆଉ ଲୋକସମୂହକୁ ଦେଖି ସେମାନଙ୍କ ପ୍ରତି ସେ ଦୟାରେ ବିଗଳିତ ହେଲେ । କାରଣ ସେମାନେ ଅରକ୍ଷକ ମେଷ ପରି ଦୁର୍ଦ୍ଦଶାଗ୍ରସ୍ତ ଓ ଛିନ୍ନଭିନ୍ନ ଥିଲେ ।" ମାଥିଉ ୯:୩୬**

**ଏହି ଅଧ୍ୟାୟର ଆରମ୍ଭ ପୂର୍ବେ, ଦେଖି ନିଅନ୍ତି କି କେତେ ଲୋକ ଖ୍ରୀଷ୍ଟଙ୍କ ସହିତ ଏକାକୀ ସମୟ ଅତିବାହିତ କରୁଛନ୍ତି । କର୍କଶ ହେବା ଆବଶ୍ୟକ ନାହିଁ, କିନ୍ତୁ ପ୍ରେମରେ ପରସ୍ପରକୁ ଉତ୍ସାହ କରନ୍ତୁ ଯେପରି ପ୍ରତିଦିନ ସେମାନେ ଈଶ୍ୱରଙ୍କ ବାକ୍ୟରେ ରହିବେ । ପ୍ରତିଜଣଙ୍କୁ ଆହ୍ୱାନ କରନ୍ତୁ ଯେପରି ସେମାନେ ମାଥିଉ ରଚିତ ସୁସମାଚାରକୁ ଶେଷ ଯାଏଁ ପଢ଼ିବେ । ସହକାରୀମାନଙ୍କୁ ପଚାରନ୍ତୁ କି ଖ୍ରୀଷ୍ଟଙ୍କୁ ଆବଶ୍ୟକ କରୁଥିବା ଲୋକମାନଙ୍କ ପାଇଁ ପ୍ରାର୍ଥନା କରୁଛନ୍ତି କି । ଦେଖନ୍ତୁ ଏହି ସପ୍ତାହରେ କାହାକୁ ସାକ୍ଷ୍ୟ କହିବାର ସୁଯୋଗ ମିଳିଛି କି ନାହିଁ ।*

### ପୁନଃବିଚାର

୧. ଯିଶାଇୟ ଭାବବାଦୀ କହିଲେ କି ଯୀଶୁ ଇମ୍ମାନୁୟେଲ କୁହାଯିବେ, ଯାହାର ଅର୍ଥ "__________ ଈଶ୍ୱର" ।

୨. ଯୀଶୁ କହିଲେ, ଯେବେ ସେ ପୃଥିବୀକୁ ଫେରି ଆସିବେ __________ ତାଙ୍କୁ ମହାପରାକ୍ରମ ଓ ମହାମହିମା ସହିତ ଆକାଶର ମେଘମାଳାରେ ଆସିବା ଦେଖିବେ ।

୩. ଯୀଶୁ ପୃଥିବୀରେ ତାହାଙ୍କର ଦ୍ୱିତୀୟ ଆଗମନ ବିଷୟରେ କେହି ଜାଣନ୍ତି ନାହିଁ କେବଳ __________ଙ୍କୁ ବାଦ୍ ଦେଲେ ।

୪. ଯେଉଁମାନେ ଆପଣା __________ରୁ ମନଫେରଣ କଲେ, ବାପ୍ତିଜକ ଯୋହନ ସେମାନଙ୍କୁ ବାପ୍ତିସ୍ମ ଦେଲେ ।

୫. ଯୋହନ କହିଲେ, ଯିଏ ଆସୁଅଛନ୍ତି ସେ ଜଗତର ଲୋକଙ୍କୁ ବିଭକ୍ତ କରିବେ ଓ ଯେଉଁମାନେ ତାହାଙ୍କୁ ଅସ୍ୱୀକାର କରିବେ ସେମାନଙ୍କୁ ସେ ଅଲିଭା __________ରେ ନିକ୍ଷେପ କରିବେ ।

୬. ଯୀଶୁ ଶୟତାନକୁ ତିନିଥର ଈଶ୍ୱରଙ୍କ __________କୁ ବ୍ୟବହାର କରି ଉତ୍ତର ଦେଲେ ।

୭. ଯଦି ଆମେ ଈଶ୍ୱରଙ୍କ ନିକଟରେ ବଢ଼ିବାକୁ ଚାହୁଁ, ତେବେ ଆମେ ଏକାକୀ ତାହାଙ୍କ ସହିତ __________ ଅତିବାହିତ କରିବାକୁ ପଡ଼ିବ ।

୮. ଯୀଶୁ ଆମ ପ୍ରତ୍ୟେକଙ୍କୁ "ମନୁଷ୍ୟମାନଙ୍କ __________" ହେବାକୁ ଆହ୍ୱାନ କରନ୍ତି ।

୯. ତୋଫାନ ସମୟରେ ଯୀଶୁ ନୌକାରେ କ'ଣ କରୁଥିଲେ ?

୧୦. ଶିଷ୍ୟମାନେ କାହିଁକି ଭୟଭୀତ ହେଲେ ?

୧୧. ଯୀଶୁ ଶିଷ୍ୟମାନଙ୍କୁ ଧମକ ଦେଲେ କାରଣ ସେମାନେ __________ ଥିଲେ ଓ ତାହାଙ୍କ ଉପରେ ବିଶ୍ୱାସ କଲେ ନାହିଁ ।

୧୨. ବାଇବଲ ଶିକ୍ଷା ଦିଏ କି ଯଦି ଆମେ ଖ୍ରୀଷ୍ଟଙ୍କ ବାହୁର ସୁରକ୍ଷା ତଳେ ରହୁ, ତେବେ ଆମକୁ __________ କରିବାର ଆବଶ୍ୟକ ନାହିଁ ।

ଗାଲିଲର ଭୟଙ୍କର ତୋଫାନକୁ ପାର ହେଲା ପରେ, ଯୀଶୁ ଓ ତାଙ୍କ ଶିଷ୍ୟମାନେ ସମୁଦ୍ରର ପରପାରସ୍ଥ ହେଲେ ଏବଂ ସେହି ସ୍ଥାନରେ ସେ ଦୁଇଜଣ ଭୂତଗ୍ରସ୍ତ ଲୋକଙ୍କୁ ଭେଟିଲେ । ଏହି ଲୋକମାନେ ଭୟଙ୍କର ଓ ସମାଧି ସ୍ଥାନରେ ରହୁଥିଲେ । ଅକସ୍ମାତ୍ ସେମାନଙ୍କ ମଧ୍ୟରୁ ଜଣେ ଚିତ୍କାର କରି କହିଲା, "ଈଶ୍ୱରଙ୍କ ପୁତ୍ର ଯୀଶୁ, ତୁମ୍ଭ ସାଙ୍ଗରେ ଆମ୍ଭର କ'ଣ ଅଛି ? କ'ଣ ସମୟ ପୂର୍ବେ ତୁମ୍ଭେ ଆମ୍ଭମାନଙ୍କୁ ଯନ୍ତ୍ରଣା ଦେବାକୁ ଆସିଅଛ ?"

ଯେଉଁ ସ୍ଥାନରେ ଏହି ଭୂତଆତ୍ମାଗ୍ରାସିତ ଲୋକ ରହୁଥିଲେ, କିଛି ଦୂରରେ କେତେକ ଲୋକ ସମୁଦ୍ର ତଟରେ ଘୁଷୁରି ଚରାଉଥିଲେ । ସେହି ଅଶୁଚି ଆତ୍ମା ଯୀଶୁଙ୍କୁ ବିନତୀ କରି କହିଲା, ଯଦି ସେ ସେହି ଲୋକ ମଧ୍ୟରୁ ତାକୁ ବାହାର କରୁଛନ୍ତି, ତେବେ ଅନୁମତି ଦିଅନ୍ତୁ କି ସେ ଘୁଷୁରିମାନଙ୍କ ମଧ୍ୟରେ ପ୍ରବେଶ କରିବ । ଯୀଶୁ ସମ୍ମତ ହୋଇ କହିଲେ, "ଯାଅ" । ଯେତେବେଳେ ଅଶୁଚି ଆତ୍ମାମାନେ ଘୁଷୁରିମାନଙ୍କ ଭିତରେ ପଶିଲେ, ସେଥିରେ ସେ ଘୁଷୁରିମାନେ ଅତି ବେଗରେ ଦୌଡ଼ି ଯାଇ ସମୁଦ୍ରରେ ପଡ଼ି ବୁଡ଼ି ମଲେ ।

ସେମାନଙ୍କୁ ଚରାଉଥିବା ଲୋକମାନେ ପଳାଇଯାଇ ନଗର ଓ ପଲ୍ଲୀଗୁଡ଼ିକରେ ପ୍ରତ୍ୟେକଙ୍କୁ ଯାହା ସେମାନଙ୍କ ଘୁଷୁରିଙ୍କ ପ୍ରତି ଘଟିଥିଲା, ସେ ସମସ୍ତ ଜଣାଇଲେ । ସେଥିରେ ନଗରର ଲୋକମାନେ ଯୀଶୁଙ୍କୁ ବିନତି କରି ସେହି ଅଞ୍ଚଳ ଛାଡ଼ି ଚାଲିଯିବାକୁ କହିଲେ । ଯୀଶୁ ନୌକାରେ ଚଢ଼ି, ଗାଲିଲୀକୁ ଫେରି ଆସିଲେ ।

ଗାଲିଲୀକୁ ଫେରନ୍ତେ, ଲୋକେ ଜଣେ ପକ୍ଷାଘାତ ରୋଗୀକି ବହି ତାହାଙ୍କ ନିକଟକୁ ଆଣିଲେ । ଯୀଶୁ ସେହି ବ୍ୟକ୍ତିକୁ ପକ୍ଷାଘାତରୁ ସୁସ୍ଥ କଲେ ଓ ତାହାର ପାପରୁ ତାକୁ କ୍ଷମା ଦେଲେ । ଲୋକମାନେ ତାହା ଦେଖି ଚମତ୍କୃତ ହେଲେ ଓ ଈଶ୍ୱରଙ୍କ ଗୁଣାନୁବାଦ କଲେ । କିନ୍ତୁ ଫାରୂଶୀମାନେ ତାହାଙ୍କୁ ଈଶ୍ୱର ନିନ୍ଦକ ରୂପେ ବୁଝିଲେ ।

ସେଠାରୁ ଯାଉ ଯାଉ, ଯୀଶୁ ମାଥିଉ ନାମକ କରଆଦାୟକାରୀଙ୍କ ପାଖକୁ ଆସିଲେ । ସେ ତାଙ୍କୁ କହିଲେ, ମୋହର ଅନୁଗମନ କର । ଅତିଶୀଘ୍ର ସେ ତାହାଙ୍କ ଅନୁଗମନ କଲେ । ଯୀଶୁ ତାଙ୍କ ସହିତ ଆଉ ଅନେକ କରଗ୍ରାହୀମାନଙ୍କ ସହିତ ଓ ସହରର ପାପୀ ଲୋକମାନଙ୍କ ସହିତ ଭୋଜନରେ ବସିଲେ । ଫାରୁଶୀମାନେ ତାହା ଦେଖି ତାହାଙ୍କ ଶିଷ୍ୟମାନଙ୍କୁ କହିବାକୁ ଲାଗିଲେ, ତୁମ୍ଭମାନଙ୍କ ଗୁରୁ

କାହିଁକି କରଗ୍ରାହୀ ଓ ପାପୀମାନଙ୍କ ସାଙ୍ଗରେ ଭୋଜନ କରନ୍ତି ? ସେଥିରେ ଯୀଶୁ ଉତ୍ତର ଦେଲେ, "ମୁଁ ଦୟା ଚାହେଁ, ବଳିଦାନ ନୁହେଁ ।"

ସେଠାରୁ ଓ ସେଠାକାର ଲୋକମାନଙ୍କଠାରୁ ଯୀଶୁ ଦୂରକୁ ଚାଲିଗଲେ । ଏଥିରେ ଜଣେ ଲୋକ ଥିଲା ଯିଏ ଲୋକମାନଙ୍କର ଅଧ୍ୟକ୍ଷ ଥିଲା । ଏହି ବ୍ୟକ୍ତିର ଗୋଟିଏ ଝିଅ ଥିଲା । ଆଉ ସେ ମରିଯାଇଥିଲା । ଯୀଶୁ ସେହି ଦୁଃଖ ଗୃହକୁ ଗଲେ ଓ ସେହି ଝିଅର ହାତ ଧରିଲେ ଏବଂ ତାକୁ ମୃତ୍ୟୁରୁ ପୁନଃଜୀବନ୍ତ କଲେ ।

ସେ ଦୁଇଜଣ ଅନ୍ଧଙ୍କୁ ସୁସ୍ଥତା ଦେଲେ, ଯେଉଁମାନେ ତାହାଙ୍କର ଅନୁଗମନ କରି ତାଙ୍କୁ ସୁସ୍ଥ କରିବା ନିମନ୍ତେ ଅନୁରୋଧ କରିଥିଲେ । ସେ ଜଣେ ଲୋକକୁ କହିବାର ଶକ୍ତି ମଧ୍ୟ ଦେଲେ ଯିଏ କେବଳ ମୂକ ଥିଲେ ତାହା ନୁହେଁ, ମାତ୍ର ଭୂତଗ୍ରସ୍ତ ମଧ୍ୟ ଥିଲେ । ସେ ସେହି ମନ୍ଦ ଆତ୍ମାକୁ ବାହାର କରି ସେହି ବ୍ୟକ୍ତିକୁ ସୁସ୍ଥତା ଦେଲେ ।

ଯୀଶୁ ଲୋକମାନଙ୍କର ଅନେକ ଆବଶ୍ୟକତାକୁ ଦେଖିଲେ ଓ ବିଗଳିତ ହେଲେ । ସେମାନଙ୍କର ଆବଶ୍ୟକତା ଅଧିକ ଥିଲା; ସେମାନେ ଅରକ୍ଷକ ମେଷ ପରି ଥିଲେ । ସେ ତାହାଙ୍କର ଶିଷ୍ୟମାନଙ୍କୁ କହିଲେ, "ଶସ୍ୟ ସିନା ପ୍ରଚୁର, ମାତ୍ର କାର୍ଯ୍ୟକାରୀମାନେ ଅଳ୍ପ । ଏଣୁ ଆପଣା ଶସ୍ୟକ୍ଷେତ୍ରକୁ କାର୍ଯ୍ୟକାରୀମାନଙ୍କୁ ପଠାଇ ଦେବା ନିମନ୍ତେ ଶସ୍ୟକ୍ଷେତ୍ରର କର୍ତ୍ତାଙ୍କ ନିକଟରେ ପ୍ରାର୍ଥନା କର ।"

ଇତିମଧ୍ୟରେ ସେ ଆପଣା ଶିଷ୍ୟମାନଙ୍କୁ ଡାକି ଇସ୍ରାଏଲର ସମଗ୍ର ଦେଶରେ ସେମାନଙ୍କୁ ପ୍ରେରଣ କଲେ ଓ ଲୋକମାନଙ୍କର ଆବଶ୍ୟକତାକୁ ପୂରଣ କରିବା ନିମନ୍ତେ ସେ ସେମାନଙ୍କୁ ଶକ୍ତି ଦେଲେ; ସେମାନଙ୍କ ଉଦ୍ଦେଶ୍ୟ ହେଲା, ତାହାଙ୍କର ପ୍ରେମ ଦେଖାଇବା ଓ କହିବା । ସେ ସେମାନଙ୍କୁ ବିଶେଷ ନିର୍ଦ୍ଦେଶ ମଧ୍ୟ ଦେଲେ, ସେହି ଲୋକମାନଙ୍କୁ ଖୋଜିବା ନିମନ୍ତେ ଯେଉଁମାନେ ଖ୍ରୀଷ୍ଟଙ୍କର ସୁସମାଚାରକୁ ଶୁଣିବା ନିମନ୍ତେ ଇଚ୍ଛା ରଖୁଅଛନ୍ତି । ସେ କହିଲେ, ଯଦି ସେମାନେ ଏହିପ୍ରକାର ଲୋକଙ୍କୁ ପାଇବେ, ତେବେ ସେମାନଙ୍କ ଗୃହରେ ଈଶ୍ୱରଙ୍କ ଶାନ୍ତିକୁ ପ୍ରଦାନ କରିବେ । ମାତ୍ର ସେ ତାଙ୍କୁ ସାବଧାନ ମଧ୍ୟ କଲେ କି ଅନେକେ ସେମାନଙ୍କୁ ଓ ସେମାନଙ୍କ ବାକ୍ୟକୁ ଅସ୍ୱୀକାର କରିବେ ।

ସେ ସେମାନଙ୍କୁ କହିଲେ, "ଦେଖ, ବାଘମାନଙ୍କ ମଧ୍ୟରେ ମେଣ୍ଢାମାନଙ୍କ ପରି ମୁଁ ତୁମ୍ଭମାନଙ୍କୁ ପଠାଉଅଛି । ଅତଏବ ସର୍ପ ପରି ବୁଦ୍ଧିମାନ ଓ କପୋତ ପରି ଅହିଂସକ ହୁଅ ।" ସେ ସେମାନଙ୍କୁ କହିଲେ, ଶାରୀରିକ ଆବଶ୍ୟକତାରେ ବ୍ୟସ୍ତ ହୁଅ ନାହିଁ । କାରଣ ପିତା ଯିଏ ଆମ୍ଭମାନଙ୍କର କେଶର ଗଣନା ଜାଣନ୍ତି ଓ ସେ ସମସ୍ତ ବିଷୟକୁ ନିୟନ୍ତ୍ରଣରେ ରଖନ୍ତି ଓ ଆମ୍ଭମାନଙ୍କୁ ମହାନ୍ ଆଦର କରନ୍ତି ।

ସେମାନଙ୍କୁ ବାହାରକୁ ପ୍ରେରଣ କରିବା ପୂର୍ବେ ଏହି କଥା କହି ସମାପ୍ତ କଲେ, "ପୁଣି ଯେକେହି ଏହି କ୍ଷୁଦ୍ରମାନଙ୍କ ମଧ୍ୟରୁ ଜଣକୁ ମୋହର ଶିଷ୍ୟ ବୋଲି କେବଳ ଗିନାଏ ଥଣ୍ଡା ପାଣି ପିଇବାକୁ ଦିଏ, ମୁଁ ତୁମ୍ଭମାନଙ୍କୁ ସତ୍ୟ କହୁଅଛି, ସେ କୌଣସି ପ୍ରକାରେ ଆପଣା ପୁରସ୍କାର ହରାଇବ ନାହିଁ ।"

## ମୌଖିକ ପ୍ରଶ୍ନ

୧. ଭୟଙ୍କର ନୌକାଯାତ୍ରା ପରେ ସମୁଦ୍ରର ପରପାରିରେ ଯୀଶୁ କେଉଁମାନଙ୍କୁ ସାକ୍ଷାତ କଲେ ?

୨. ଏହି ଲୋକମାନଙ୍କୁ ଯୀଶୁ କ'ଣ କଲେ ?

୩. ଘୁଷୁରିମାନେ କାହିଁକି ନିଜକୁ ନିଜେ ସମୁଦ୍ରରେ ନିକ୍ଷେପ କଲେ ?

୪. କାହିଁକି ନଗରର ଲୋକମାନେ ଯୀଶୁଙ୍କୁ ତାଙ୍କ ଅଞ୍ଚଳ ଛାଡ଼ି ଚାଲିଯିବାକୁ କହିଲେ ?

୫. ପକ୍ଷାଘାତ ରୋଗୀକୁ ଯୀଶୁ କ'ଣ କଲେ ?

୬. କାହିଁକି ଫାରୁଶୀମାନେ ଯୀଶୁଙ୍କୁ ଈଶ୍ୱର ନିନ୍ଦକ କହିଲେ ?

୭. କାହିଁକି ଫାରୁଶୀମାନେ ଯୀଶୁଙ୍କୁ ଓ ତାହାଙ୍କ ଭୋଜନ ସାଥୀମାନଙ୍କର ସମାଲୋଚନା କଲେ, ଯେତେବେଳେ ଯୀଶୁ ମାଥିଉ ଓ ତାଙ୍କର ସାଙ୍ଗଙ୍କ ସହିତ ଭୋଜନ କରିବାକୁ ବସିଥିଲେ ?

୮. ଫାରୁଶୀମାନଙ୍କ ପ୍ରତି ଯୀଶୁଙ୍କର ପ୍ରତ୍ୟୁତ୍ତର କ'ଣ ଥିଲା ?

୯. ଅଧ୍ୟକ୍ଷଙ୍କ ଝିଅକୁ ଯୀଶୁ କ'ଣ କଲେ ?

୧୦. ଅନ୍ଧ ବ୍ୟକ୍ତିକୁ ଯୀଶୁ କ'ଣ କଲେ ?

୧୧. ଯିଏ କହିପାରୁ ନ ଥିଲା, ଯୀଶୁ କେଉଁପ୍ରକାରେ ତାକୁ ସୁସ୍ଥ କଲେ ? ତାହାର କ'ଣ ଅସୁବିଧା ଥିଲା ?

୧୨. ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ କ'ଣ କରିବାକୁ ବାହାରକୁ ପ୍ରେରଣ କଲେ ?

୧୩. ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ କହିଲେ ____________ ପରି ବୁଦ୍ଧିମାନ ଓ ____________ ପରି ଅହିଂସକ ହୁଅ ।

୧୪. କେଉଁ ପ୍ରକାର ବିଷୟ ପ୍ରତି ଚିନ୍ତିତ ନ ହେବାକୁ ସେ ସେମାନଙ୍କୁ କହିଲେ ?

୧୫. ସେ କହିଲେ, ଈଶ୍ୱର ଆମ୍ଭମାନଙ୍କର ____________ର ଗଣନା ମଧ୍ୟ ଜାଣନ୍ତି ।

# "ଆତ୍ମିକ ସତ୍ୟ" - ଅଧ୍ୟାୟ - ୫
## ମାଥିଉ ୮-୧୦

୧. ଯୀଶୁ ପ୍ରତ୍ୟେକଙ୍କ ନିମନ୍ତେ ଚିନ୍ତା କରନ୍ତି । ସେ ଭୂତଗ୍ରସ୍ତ, ରୋଗୀ, ଦରିଦ୍ର, ଧନୀ ଓ ବିଶେଷ କରି ପିଲାମାନଙ୍କର ଚିନ୍ତା କରିଥାନ୍ତି । ଈଶ୍ୱରଙ୍କ ରାଜ୍ୟରେ ପ୍ରତ୍ୟେକେ ଯୋଗ୍ୟ ଓ ମୂଲ୍ୟବାନ ଅଟନ୍ତି ।

୨. ମଣିଷ ସର୍ବଦା ଲୋକମାନଙ୍କର ଚିନ୍ତା କରି ନ ଥାଏ । ଭୂତଗ୍ରସ୍ତ ଲୋକଙ୍କ ସହିତ ଯାହା ହୋଇଥିଲା ତାହା ଦେଖି ନଗରର ଲୋକମାନେ ବିଶେଷ କରି ଘୁଷୁରିମାନଙ୍କ ପ୍ରତି ଯାହା ଘଟିଲା, ସେଥିପ୍ରତି ଦୁଃଖିତ ହେଲେ ଓ ଯୀଶୁଙ୍କୁ ସେ ଅଞ୍ଚଳ ଛାଡ଼ି ଚାଲିଯିବାକୁ କହିଲେ । ଯୀଶୁ କରିଥିବା ଏହି ମହାନ୍ ସାହାଯ୍ୟ ପ୍ରତି ସେମାନେ ଚିନ୍ତା କଲେ ନାହିଁ । ସେମାନେ ସେମାନଙ୍କ ଆର୍ଥିକ କ୍ଷୟ ପ୍ରତି ଚିନ୍ତିତ ହେଲେ । ମନୁଷ୍ୟଠାରୁ ଅଧିକ ଟଙ୍କାକୁ ମୂଲ୍ୟ ଦେବା ଏହା ସହଜ ବିଷୟ ଅଟେ । ଦୁର୍ଭାଗ୍ୟବଶତଃ ପ୍ରାୟ ଆମ୍ଭେମାନେ ସମସ୍ତେ ଏହି ଜାଲରେ ପଡ଼ିଥାଉ । ୧ ତୀମଥି ୬:୧୦ରେ ଲେଖାଯାଏ, "କାରଣ ଧନଲୋଭ ସମସ୍ତ ଅନିଷ୍ଟର ମୂଳ, କେହି କେହି ସେଥିରେ ଆସକ୍ତ ହୋଇ ବିଶ୍ୱାସ ତ୍ୟାଗ କରି ପଥଭ୍ରଷ୍ଟ ହୋଇଅଛନ୍ତି । ପୁଣି ବହୁ ଦୁଃଖରେ ଆପଣା ଆପଣା ହୃଦୟ ବିଦୀର୍ଣ୍ଣ କରିଅଛନ୍ତି ।" ମାଥିଉ ୬:୧୯-୨୧ରେ ଯୀଶୁ କରିଥିବା ସେହି ବାକ୍ୟକୁ ଆପଣ ହୁଏତ ମନେରଖିଥାଇପାରନ୍ତି, ଯାହା ସେ କହନ୍ତି, "ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ କରେ, ପୁଣି ଚୋରମାନେ ସିନ୍ଧି କାଟି ଚୋରୀ କରନ୍ତି, ଏପରି ପୃଥିବୀରେ ଆପଣା ଆପଣା ନିମନ୍ତେ ଧନ ସଞ୍ଚୟ କର ନାହିଁ । ମାତ୍ର ଯେଉଁଠାରେ କୀଟ ଓ କଳଙ୍କ କ୍ଷୟ ନ କରେ ଏବଂ ଚୋରମାନେ ସିନ୍ଧି କାଟି ଚୋରୀ ନ କରନ୍ତି, ଏପରି ସ୍ୱର୍ଗରେ ଆପଣା ଆପଣା ନିମନ୍ତେ ଧନ ସଞ୍ଚୟ କର । କାରଣ ଯେଉଁଠାରେ ତୁମ୍ଭର ଧନ, ସେହିଠାରେ ତୁମ୍ଭର ମନ ।"

- ଚିନ୍ତା କରନ୍ତୁ : ପ୍ରତି ସପ୍ତାହରେ ମୁଁ ମୋର ଟଙ୍କାକୁ କେମିତି ଖର୍ଚ୍ଚ କରିବି ?
- ନିଜକୁ ପ୍ରଶ୍ନ ପଚାରନ୍ତୁ, କ'ଣ ମୁଁ ମୋର ଟଙ୍କାର ବ୍ୟୟରେ ଯୀଶୁଙ୍କୁ ମହିମା ଦେଉଛି ?
- ମୋର ଜିନିଷପତ୍ର କିଣାକିଣି କରିବାରେ କିମ୍ବା ଅନ୍ୟ କାର୍ଯ୍ୟରେ କ'ଣ ମୁଁ ଈଶ୍ୱରଙ୍କୁ ଅନାଦର କରୁଛି ? ମୁଁ ଯେଉଁଭଳିଭାବେ ଟଙ୍କା ଖର୍ଚ୍ଚ କରୁଛି କ'ଣ ସେଥିରେ ମୁଁ ଅନ୍ୟକୁ କଷ୍ଟ ଦେଉଛି ? ଯେଉଁଭଳିଭାବେ ମୁଁ ଟଙ୍କା ଖର୍ଚ୍ଚ କରୁଛି, କ'ଣ ସେଥିରେ ମୁଁ ଅନ୍ୟଙ୍କୁ ସାହାଯ୍ୟ କରୁଛି ?

ପୁରାତନ ନିୟମରେ ଈଶ୍ୱର ପ୍ରତ୍ୟେକଙ୍କଠାରୁ ସେମାନଙ୍କ ପାଖରେ ଯାହା ଅଛି ତା'ର ୧୦% ଦଶମାଂଶକୁ ଚାହିଁଲେ । ନୂତନ ନିୟମରେ ଆମ୍ଭମାନଙ୍କ ଜୀବନ ଓ ସବୁକିଛି ଈଶ୍ୱରଙ୍କୁ ଦେବା ନିମନ୍ତେ କୁହାଗଲା । ପରମ୍ପରା ରୂପେ, ବିଶ୍ୱାସୀମାନେ ପୁରାତନ ନିୟମକୁ ଅନୁକରଣ କରି ଅର୍ଜନର ଦଶମାଂଶ ଅର୍ଥ ଈଶ୍ୱରଙ୍କ କାର୍ଯ୍ୟ କିମ୍ବା ମଣ୍ଡଳୀକୁ ଦେଉଅଛନ୍ତି । ଏହାକୁ ଦଶମାଂଶ କୁହାଯାଏ । ବର୍ତ୍ତମାନ ପ୍ରାର୍ଥନା ସହିତ ଚିନ୍ତା କରନ୍ତୁ, ଆପଣଙ୍କର କେତେ ଟଙ୍କାକୁ ଈଶ୍ୱର ତାହାଙ୍କର କାର୍ଯ୍ୟ ନିମନ୍ତେ ଚାହାଁନ୍ତି ? ବାଇବଲରେ କୁହାଯାଏ, ଯେଉଁମାନେ ତାହାଙ୍କର ରାଜ୍ୟ ବୃଦ୍ଧି ନିମନ୍ତେ ଅବଦାନ କରନ୍ତି, ଈଶ୍ୱର ସେମାନଙ୍କୁ ଆଶୀର୍ବାଦ କରିଥାନ୍ତି । ବାଇବଲରେ ଆହୁରି ମଧ୍ୟ ଲେଖାଯାଏ କି, ଈଶ୍ୱର ଆମ୍ଭମାନଙ୍କର ସମସ୍ତ ଆବଶ୍ୟକତାକୁ ପୂରଣ କରନ୍ତି । ଆପଣ ଭାବୁଥାଇପାରନ୍ତି, "କିନ୍ତୁ ମୁଁ ଯେ କେତେ ଗରୀବ ତାହା କ'ଣ ଈଶ୍ୱରଙ୍କୁ ଜଣା ନାହିଁ ?" "ଈଶ୍ୱର କ'ଣ ଜାଣନ୍ତି ନାହିଁ ମୁଁ ମୋ' ପାଇଁ କେତେ ଋଣ ନେଇଅଛି ?" ଯୀଶୁ ମଧ୍ୟ ପୃଥିବୀରେ ଏକ ଅତି ଗରୀବ ପରିବାରରେ ଜନ୍ମିଥିଲେ । ଯୀଶୁ ଗରିବୀର ଦୁର୍ଦ୍ଦଶାକୁ ବୁଝନ୍ତି, କିନ୍ତୁ ସେ ଯାହା ଆମ୍ଭମାନଙ୍କୁ କହନ୍ତି, ସେ ଚାହାନ୍ତି କି ସେଥିରେ ଆମେ ବିଶ୍ୱସ୍ତ ହେବା । ଯୀଶୁଙ୍କୁ ପଚାରନ୍ତୁ, କିପରିଭାବେ ଆପଣ ତାହାଙ୍କ ସେବାକାର୍ଯ୍ୟରେ ଆର୍ଥିକତାରେ ଏକ ଅଂଶୀ ହୋଇପାରିବେ ।

୩. ଆପଣଙ୍କ ସ୍ଥାନୀୟ ମଣ୍ଡଳୀ ଦ୍ୱାରା ଈଶ୍ୱରଙ୍କ କାର୍ଯ୍ୟ ନିମନ୍ତେ ଦଶମାଂଶ ଦେଇ ଈଶ୍ୱରଙ୍କୁ ଓ ପରସ୍ପରକୁ ନିଜର ପ୍ରେମକୁ ଦେଖାନ୍ତୁ । ଲୋକମାନଙ୍କର ଆତ୍ମିକ, ଭାବନାତ୍ମକ ଓ ଭୌତିକ ସମସ୍ୟାମାନର ସେବା ହେତୁ ଈଶ୍ୱର ସ୍ଥାନୀୟ ମଣ୍ଡଳୀକୁ ବ୍ୟବହର କରିଥାନ୍ତି । ମଣ୍ଡଳୀର କାର୍ଯ୍ୟକୁ ସଂପୂର୍ଣ୍ଣ କରିବା ନିମନ୍ତେ ଈଶ୍ୱର ଆପଣଙ୍କର ଦଶମାଂଶକୁ ବ୍ୟବହାର କରିଥାନ୍ତି ।

- ଯଦି ଆପଣ ଗୋଟିଏ ସ୍ଥାନୀୟ ମଣ୍ଡଳୀର ସଦସ୍ୟ ନୁହଁନ୍ତି, ତେବେ ଆପଣ ଆପଣଙ୍କ ନେତାଙ୍କୁ ପଚାରନ୍ତୁ କିପରିଭାବେ ଆପଣ ବଳିଷ୍ଠ ହୋଇପାରିବେ ।

୪. ଖ୍ରୀଷ୍ଟଙ୍କର ଅନୁଗାମୀ ହେବାର ଅର୍ଥ ହେଲା, ସେ ଯେମିତି କରିଛନ୍ତି, ସେମିତି ତାହାଙ୍କର ଉଦାହରଣକୁ ଅନୁକରଣ କରନ୍ତୁ ଓ ତାହାଙ୍କ ସଦୃଶ ଅନ୍ୟଙ୍କୁ ପ୍ରେମ କରନ୍ତୁ । ଏହା ସତ୍ୟ ଯେ, ଯେମିତି ଯୀଶୁ ଲୋକଙ୍କୁ ସୁସ୍ଥତା ଦେଲେ ଆମେ ସେମିତି କରିପାରିବା ନାହିଁ । କିନ୍ତୁ ଏବେ ମଧ୍ୟ ଯୀଶୁ ଲୋକମାନଙ୍କୁ ସୁସ୍ଥତା ଦିଅନ୍ତି । ରୋଗୀମାନଙ୍କ ନିମନ୍ତେ ପ୍ରାର୍ଥନା କରିବାକୁ ଆମ୍ଭେମାନେ ବିଶ୍ୱସ୍ତ ହେବା ଦରକାର । ସେମାନଙ୍କ ପୀଡ଼ାରେ ଆମ୍ଭେମାନେ ସେମାନଙ୍କ କଡ଼ରେ ଠିଆ ହୋଇ ସେମାନଙ୍କ ହାତ ଧରିବା ଦରକାର । ସେମାନଙ୍କ ପ୍ରତି ଯୀଶୁଙ୍କର ପ୍ରେମକୁ ଆମକୁ କହିବାକୁ ପଡ଼ିବ । ଭୂତଗ୍ରସ୍ତ ଲୋକଙ୍କ ପାଇଁ ଆମେ ପ୍ରାର୍ଥନା କରିବା ଦରକାର । ଆଜି ମଧ୍ୟ ଯୀଶୁ ସଂପୂର୍ଣ୍ଣ ଜଗତରେ ତାହାଙ୍କର ଲୋକମାନଙ୍କର ପ୍ରାର୍ଥନା ଦ୍ୱାରା ଭୂତଗ୍ରସ୍ତ ଲୋକମାନଙ୍କୁ ସୁସ୍ଥତା ଦେଉଅଛନ୍ତି । ଆମେ ଆବଶ୍ୟକୀୟ ଲୋକମାନଙ୍କ ନିମନ୍ତେ ପ୍ରାର୍ଥନା କରି ସାହାଯ୍ୟ କରିବା ଦରକାର । ସେମାନଙ୍କ ଭୌତିକ ଆବଶ୍ୟକତା ପ୍ରତି ଯାହା ଆମ୍ଭେମାନେ କରିପାରିବା ତାହା ଆମେ କରିବା ଉଚିତ ଓ ବିଶେଷ କରି ସେମାନଙ୍କୁ ଖ୍ରୀଷ୍ଟଙ୍କର ପ୍ରେମ ବିଷୟରେ କୁହନ୍ତୁ ଯିଏ ସେମାନଙ୍କର ଜୀବନକୁ ସଂପୂର୍ଣ୍ଣ ପରିବର୍ତ୍ତନ କରିପାରିବେ । ବିଶେଷ କରି ଆମେ ଛୋଟ ପିଲାମାନଙ୍କୁ ସାହାଯ୍ୟ କରିବା ଆବଶ୍ୟକ । ଏହି ସମସ୍ତ କାର୍ଯ୍ୟକୁ କରିବାକୁ ଯୀଶୁ ତାହାଙ୍କର ଶିଷ୍ୟମାନଙ୍କୁ ଆଜ୍ଞା ଦେଲେ । କିନ୍ତୁ ଏକ ବିଶେଷ ପୁରସ୍କାର ନିମନ୍ତେ ସେ ପ୍ରତିଜ୍ଞା କଲେ ଯେଉଁମାନେ ଛୋଟ ପିଲାମାନଙ୍କୁ ସାହାଯ୍ୟ କରିବେ ।

୫. କେତେକ ଲୋକ ପ୍ରେମ କରିବା ସହଜ ନୁହେଁ କିନ୍ତୁ ଈଶ୍ୱର ଆମ୍ଭମାନଙ୍କୁ ଚାହାନ୍ତି କି ଆମେ ଦୟାଶୀଳ ହେବା । ସେହି ଦିନମାନଙ୍କରେ କରଗ୍ରାହୀମାନେ ଏକ ବହୁତ ଭଲ କାରଣ ହେତୁ ନାପସନ୍ଦ ଥିଲେ । ସେମାନେ ଲୋକଙ୍କଠାରୁ ଟଙ୍କା ଆଦାୟ କରି ଏକ ଭ୍ରଷ୍ଟ ସରକାରଙ୍କ

ନିମନ୍ତେ କାର୍ଯ୍ୟ କରୁଥିଲେ । ସେମାନଙ୍କ ମଧ୍ୟରୁ ଅଧିକାଂଶ ଯେତିକି ସେମାନେ ଦେବା ଉଚିତ, ତା'ଠାରୁ ଅଧିକ ଆଦାୟ କରି ଅଧିକା ପଇସାକୁ ନିଜ ପାଖରେ ରଖୁଥିଲେ । ଆପଣଙ୍କଠାରୁ ଯିଏ ଚୋରି କରିଛି, ତାହାକୁ ପ୍ରେମ କରିବା ସହଜ ବିଷୟ ନୁହେଁ । ବିଶେଷ କରି ସେହି ବ୍ୟକ୍ତିଟି ସେ କରିଥିବା କାର୍ଯ୍ୟରୁ ଯଦି ସେ ମନଫେରଣ କରିନାହିଁ ।

ତାହାଙ୍କର ଅନୁକାରୀରୂପେ ଯୀଶୁ ଆମ୍ଭମାନଙ୍କୁ କହନ୍ତି । ସେମାନଙ୍କୁ ଦୋଷୀ ସାବ୍ୟସ୍ତ କରିବା ଆମ୍ଭମାନଙ୍କର କୌଣସି ଅଧକାର ନାହିଁ, ଯଦିବା ସେମାନେ ଯାହା କରନ୍ତି, ତାହା ମନ୍ଦ ଅଟେ । ଆମ୍ଭମାନଙ୍କର କର୍ତ୍ତବ୍ୟ ହେଲା, ସେମାନଙ୍କ ନିମନ୍ତେ ପ୍ରାର୍ଥନା କରିବା, ପ୍ରେମ କରିବା ଏବଂ ଈଶ୍ୱରଙ୍କର କ୍ଷମା ବିଷୟରେ ସତ୍ୟକୁ ସେମାନଙ୍କୁ ଅବଗତ କରାଇବା । ଯଦି ସେମାନେ ସେମାନଙ୍କ ପାପରୁ ଅନୁତାପ କରିବେ, ତେବେ ସେମାନେ ମଧ ଈଶ୍ୱରଙ୍କ ସଂପୂର୍ଣ୍ଣ କ୍ଷମାକୁ ପ୍ରାପ୍ତ କରିବେ । ବାଇବଲ କହେ, ଆମ୍ଭେମାନେ ସମସ୍ତେ ପାପୀ ଅଟୁ ଓ ଦଣ୍ଡର ଯୋଗ୍ୟ ଅଟୁ । ବାଇବଲ କହେ, ଆମ୍ଭେମାନେ କ୍ଷମା ଓ ଦୟାପ୍ରାପ୍ତ ହୋଇଅଛୁ । ତେଣୁ ଆମ୍ଭେମାନେ ମଧ କ୍ଷମା ଓ ଦୟାକୁ ଦେଖାଇବା ଦରକାର, ଯଦିବା ଏହା ଆମ୍ଭମାନଙ୍କ ଜୀବନରେ ଈଶ୍ୱରଙ୍କ ସାମର୍ଥ୍ୟ ବିନା କରିବା ବିଲ୍‌କୁଲ୍ ଅସମ୍ଭବ ।

## ଆଲୋଚନା ପ୍ରଶ୍ନ

୧. କେଉଁ ପ୍ରକାରେ ମୁଁ, ମୋର ପରିସ୍ଥିତିରେ ଓ ମୋର ଦୁନିଆରେ ଅନ୍ୟମାନଙ୍କୁ ଈଶ୍ୱରଙ୍କ ପ୍ରେମ ଓ ଦୟାକୁ ଦେଖାଇପାରିବି ?

୨. ମୋ' ଚର୍ତୁପାର୍ଶ୍ୱରେ ଥିବା ଲୋକମାନଙ୍କର ବଡ଼ ଆବଶ୍ୟକସବୁ କ'ଣ ଅଟେ ? ମୁଁ ରହୁଥିବା ସ୍ଥାନରେ ଲୋକମାନେ କେମିତି କଷ୍ଟ ପାଉଛନ୍ତି ?

୩. ମୋ' ଚର୍ତୁପାର୍ଶ୍ୱରେ କଷ୍ଟଭୋଗ କରୁଥିବା ଲୋକମାନଙ୍କ ପାଖକୁ ମୁଁ କେମିତି ପହଞ୍ଚିପାରିବି ?

୪. ବିଶେଷ କରି ଛୋଟ ପିଲାମାନଙ୍କୁ ମୁଁ କିପ୍ରକାରେ ଈଶ୍ୱରଙ୍କର ପ୍ରେମକୁ ଦେଖାପାରିବି ?

୫. କିପରିଭାବେ ମୋ' ଜୀବନରେ ଲୋକମାନେ ଆସିବାପୂର୍ବେ, ଟଙ୍କାକୁ ପ୍ରାପ୍ତ କରିବି ?

୬. କ'ଣ ମୁଁ ମୋର ଟଙ୍କାରେ ଈଶ୍ୱରଙ୍କୁ ମହିମା ଦିଏ ?

୭. ମଣ୍ଡଳୀକୁ ଦାନ ଦେବା ବିଷୟରେ ଆପଣ କ'ଣ ଚିନ୍ତା କରନ୍ତି ?

# ଖ୍ରୀଷ୍ଟରେ ଏକ ନୂତନ ଜୀବନର ଆରମ୍ଭ

## ଖ୍ରୀଷ୍ଟି ଏ. ବ୍ରାଉନର୍‌ଙ୍କ ଦ୍ୱାରା

## “ବିଶ୍ୱାସଘାତ ଏବଂ କ୍ଷମା” - ଅଧ୍ୟାୟ - ୬

## ମାଥିଉ ୨୧-୨୭:୧୦

**“ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କର ପାପକ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ୍ ଅଟନ୍ତି ।” ୧ ଯୋହନ ୧:୯**

### ପୁନଃବିଚାର

୧. ଯିଶାଇୟ ଭାବବାଦୀ କହିଲେ କି ଯୀଶୁ ଇମ୍ମାନୁୟେଲ କୁହାଯିବେ, ଯାହାର ଅର୍ଥ, “ଆମ୍ଭମାନଙ୍କ ସହିତ ______________ ।”

୨. ଯୀଶୁ କହିଲେ ______________ଙ୍କ ବିନା କେହିହେଲେ ମଧ୍ୟ ଯୀଶୁଙ୍କର ପୃଥିବୀକୁ ପୁନଃଆଗମନ ବିଷୟ ଜାଣନ୍ତି ନାହିଁ ।

୩. ବାପ୍ତିଜକ ଯୋହନ ଅନେକଙ୍କୁ ପ୍ରାନ୍ତରରେ ବାପ୍ତିସ୍ମ ଦେଲେ ଯେଉଁମାନେ କି ସେମାନଙ୍କର ______________ରୁ ମନଫେରଣ କଲେ ।

୪. ଈଶ୍ୱରଙ୍କ ______________କୁ ବ୍ୟବହାର କରି ଯୀଶୁ ତିନିଥର ଶୟତାନକୁ ଜବାବ୍ ଦେଲେ ।

୫. ଯଦି ଆମେ ଈଶ୍ୱରଙ୍କ ସମୀପରେ ବର୍ଦ୍ଧିଷ୍ଣୁ ହେବାକୁ ଚାହୁଁ, ତେବେ ଆମେ ତାହାଙ୍କ ସହିତ ______________ ସମୟ ବିତାଇବା ଦରକାର ।

୬. ଯୀଶୁ ଆମ ସମସ୍ତଙ୍କୁ “ମନୁଷ୍ୟମାନଙ୍କ ______________” ହେବାକୁ ଆହ୍ୱାନ କରନ୍ତି ।

୭. ଯୀଶୁ ସମସ୍ତ ଲୋକଙ୍କୁ ନିଜ ପ୍ରେମ ଦେଖାଇଲେ, ସେମାନଙ୍କର ରୋଗକୁ __________ କରି ।

୮. ଯୀଶୁ ଆପଣା ଅନୁଗାମୀମାନଙ୍କୁ କହି ସମଗ୍ର ଲୋକଙ୍କ ପାଖକୁ ଯାଅ, କିନ୍ତୁ ______________ ପରି ଜ୍ଞାନୀ ଓ ______________ ପରି ଅହିଂସୁକ ହୋଇ ।

୯. ଯୀଶୁ କହିଲେ ଯେ, ସେ ଆମ୍ଭମାନଙ୍କର ମୁଣ୍ଡର ______________ର ଗଣତି ମଧ୍ୟ ଜାଣନ୍ତି ।

୧୦. ଯୀଶୁ ନୌକାରେ ଆପଣା ଶିଷ୍ୟମାନଙ୍କୁ କହିଲେ, ତୋଫାନ ସମୟରେ ______________ ନ ହେବାକୁ ।

ଗାଲିଲୀର ଅଞ୍ଚଳରେ ଯୀଶୁ ଅନେକ ଲୋକଙ୍କୁ ଶିକ୍ଷା ଦେଲେ, ପ୍ରଚାର କଲେ ଓ ସୁସ୍ଥତା ଦେଲେ । କିନ୍ତୁ ତଥାପି ଅନେକେ ତାହାଙ୍କର ବାକ୍ୟକୁ ଅସ୍ୱୀକାର କଲେ । ଯୀଶୁ ତାହାଙ୍କର ଶିଷ୍ୟମାନଙ୍କୁ ଏ ବିଷୟରେ ମଧ୍ୟ ବିବରଣ କରି କହିଲେ କି ଏହା ମଧ୍ୟ ଈଶ୍ୱରଙ୍କ ଯୋଜନା ଅନୁସାରେ ଥିଲା କି ସେ ଜ୍ଞାନୀ ଓ ପ୍ରବୀଣମାନଙ୍କଠାରୁ ଏହି ସତ୍ୟକୁ ଲୁଚାଇ ରଖିଲେ ଓ ଛୋଟ ପିଲାମାନଙ୍କୁ ପ୍ରକାଶ କଲେ । ସମୟ ଆସନ୍ତେ ସେ ଶିଷ୍ୟମାନଙ୍କୁ ଚେତାଇ ଦେଇଥିଲେ । ଏ ସମୟ ଥିଲା ତାହାଙ୍କୁ ଯିରୁଶାଲମକୁ ଯିବାକୁ, ମହାଯାଜକ ଓ ଅନ୍ୟ ଧାର୍ମିକ ନେତାମାନଙ୍କ ଦ୍ୱାରା ଯାତନା ପାଇ ମୃତ୍ୟୁବରଣ କରିବା ପାଇଁ ଓ ମୃତ୍ୟୁରୁ ପୁନରୁତ୍ଥିତ ହେବା ପାଇଁ ।

ଯିରୁଶାଲମରେ ଯୀଶୁଙ୍କର ପ୍ରବେଶ ଏକ ଚହଳ ଥିଲା । ଲୋକମାନେ ଦୁଇପାର୍ଶ୍ୱରେ ଠିଆ ହୋଇ ଆପଣା ଲୁଗା ପଥରେ ବିଛାଇଲେ ଓ ଅନ୍ୟମାନେ ଗଛରୁ ଡାଳ କାଟି ବିଛାଇବାକୁ ଲାଗିଲେ କି ସେ ତାହା ଉପରେ ପ୍ରବେଶ କରିବେ । ଯେମିତି ସେ ଗର୍ଦ୍ଦଭୀ ଉପରେ ବସି ଯାଉଥିଲେ । ଲୋକସମୂହ ଉଚ୍ଚସ୍ୱରରେ କହିବାକୁ ଲାଗିଲେ, “ହୋଶାନ୍ନା ଦାଉଦ ସନ୍ତାନ । ପ୍ରଭୁଙ୍କ ନାମରେ ଯେ ଆସୁଅଛନ୍ତି, ସେ ଧନ୍ୟ । ଉର୍ଦ୍ଧ୍ୱଲୋକରେ ହୋଶାନ୍ନା ।”

ଯୀଶୁ ଅନେକ ଦିନ ପର୍ଯ୍ୟନ୍ତ ମନ୍ଦିରରେ ଲୋକମାନଙ୍କୁ ଶିକ୍ଷା ଦେଇ, ପ୍ରଚାର କରି ଏବଂ ସୁସ୍ଥତା ଦେଇ ରହିଲେ । ମାତ୍ର ଫାରୁଶୀ ଓ ଶାସ୍ତ୍ରୀମାନଙ୍କ ସହିତ ତାହାଙ୍କର ଅନେକ ବାଦବିବାଦ ଥିଲା ।

ଇଷ୍କାରିୟୋଥ ଯିହୁଦା ଯୀଶୁଙ୍କର ନିଜର ଶିଷ୍ୟମାନଙ୍କ ମଧ୍ୟରୁ ଜଣେ । ପ୍ରଧାନ ଯାଜକମାନଙ୍କ ପାଖକୁ ଯାଇକହିଲା, ମୋତେ କ’ଣ ଦେବେ କୁହନ୍ତୁ, ମୁଁ ତାହାଙ୍କୁ ଧରାଇ ଦେବି । ସେଥିରେ ସେମାନେ ତାଙ୍କୁ ତିରିଶିଗୋଟି ରୌପ୍ୟମୁଦ୍ରା ଦେଲେ । ଆଉ ସେ ତାହା ନେଲା ।

ନିସ୍ତାରପର୍ବ ପାଳନର ରାତ୍ରିରେ, ଯାହା ଯିହୁଦୀମାନଙ୍କ ବର୍ଷର ଅତି ଗୁରୁତ୍ୱପୂର୍ଣ୍ଣ ଛୁଟି ଦିନରେ, ଯୀଶୁ ଆପଣା ଶିଷ୍ୟମାନଙ୍କ ସହିତ ଅନ୍ତିମ ଭୋଜରେ ବସିଲେ । ସେମାନେ ଭୋଜନ କରୁଥିବା ସମୟରେ, ଯୀଶୁ ରୋଟୀ ଘେନି ଆଶୀର୍ବାଦ କଲେ ଓ ତାହା ଭାଙ୍ଗି ଶିଷ୍ୟମାନଙ୍କୁ ଦେଇ କହିଲେ, “ନିଅ ଭୋଜନ କର, ଏହା ମୋର ଶରୀର ।” ପୁଣି ସେ ପାନପାତ୍ର ଘେନି ଧନ୍ୟବାଦ ଦେଲେ ଓ ସେମାନଙ୍କୁ ଦେଇ କହିଲେ, “ଏଥିରୁ ସମସ୍ତେ ପାନ କର । କାରଣ ଯେଉଁ ନିୟମର ରକ୍ତ ଅନେକଙ୍କ ନିମନ୍ତେ ପାପକ୍ଷମା ଉଦ୍ଦେଶ୍ୟରେ ପାତିତ ହେଉଅଛି, ଏ ମୋହର ସେହି ରକ୍ତ ।”

ଭୋଜନ ପରେ ସେମାନେ ସମସ୍ତେ ଜୀତ ପର୍ବତକୁ ବାହାରିଗଲେ । ସେଠାରେ ଯୀଶୁ ସେମାନଙ୍କୁ ଜାଗ୍ରତ କରି କହିଲେ କି ସେମାନେ ସମସ୍ତେ ବିଘ୍ନ ପାଇବେ । ପିତର ଶପଥ କରି କହିଲେ କି ସେ କେବେହେଲେ ମଧ୍ୟ ପ୍ରଭୁଙ୍କୁ ଧରାଇବେ ନାହିଁ । ଯୀଶୁ ଭାବବାଣୀ କରି କହିଲେ ସେ ତ ଧରାଇବେ ନାହିଁ । କିନ୍ତୁ କୁକୁଡ଼ା ଡାକିବା ପୂର୍ବରୁ ସେ ତିନିଥର ଅସ୍ୱୀକାର କରିବେ ।

ସେଠାରୁ ଯୀଶୁ ଆପଣା ଶିଷ୍ୟମାନଙ୍କୁ ଗେଥ୍‌ଶିମାନୀକୁ ଘେନିଗଲେ । ସେଠାରେ ସେ ପୁରାରାତ୍ରି ପ୍ରାର୍ଥନାରେ ବିତାଇଲେ । ଯାହା ଘଟିବାକୁ ଯାଉଥିଲା, ତାହା ପ୍ରତି ବହୁତ ଦୁଃଖିତ ଥିଲେ । ସେଠାରେ ସେ ଆପଣା ଶିଷ୍ୟମାନଙ୍କୁ ତାହାଙ୍କ ସହିତ ପ୍ରାର୍ଥନା କରିବାକୁ କହିଲେ । କିନ୍ତୁ ସେମାନେ ନିଦ୍ରିତ ହେଲେ । ସେମାନେ ସେତେବେଳେ ଉଠିଲେ ଯେତେବେଳେ ଯିହୁଦା ଯାଜକମାନଙ୍କ ସହିତ ବଗିଚାକୁ ଆସିଲା । ଆଉ ଲୋକମାନେ ଯିଏ ଯୀଶୁଙ୍କୁ ନେଇଯିବାକୁ ଆସିଲେ ।

ତାହାଙ୍କୁ ଧରାଇ ଦେବାର ଚିହ୍ନ ସଦୃଶ୍ୟ ଯିହୁଦା ଯୀଶୁଙ୍କ ପାଖକୁ ଆସିଲା ଓ ତାହାଙ୍କୁ ଚୁମ୍ବନ ଦେଲା । ମହାଯାଜକମାନେ ଯୀଶୁଙ୍କୁ ଧରି କୟାଫା ମହାଯାଜକଙ୍କ ନିକଟକୁ ଘେନିଗଲେ । ଆଉ ଶିଷ୍ୟମାନେ ଗେଥ୍‌ଶିମାନୀରୁ ପଳାୟନ କଲେ ।

ଯେତେବେଳେ ଯୀଶୁ କୟାଫା ଓ ଅନ୍ୟ ନେତାମାନଙ୍କ ଦ୍ୱାରା ବିଚାରିତ ହେଉଥିଲେ, ସେତେବେଳେ ପିତର ବାହାରେ ପ୍ରାଙ୍ଗଣରେ ବସିଥିଲେ । ଯେତେବେଳେ ସେ ବସିଥିଲେ, ଜଣେ ଦାସୀ ତାଙ୍କ ପାଖକୁ ଆସି କହିଲା, “ତୁମ୍ଭେ ମଧ୍ୟ ଗାଲିଲୀୟ ଯୀଶୁଙ୍କ ସାଙ୍ଗରେ ଥିଲ ।” ପିତର ତାହାଙ୍କୁ ଅସ୍ୱୀକାର କଲେ । ପୁଣି ସେଠାରୁ ପଳାୟନ କରି ଫାଟକ ପାଖକୁ ଗଲେ ଓ ସେଠାରେ ଅପେକ୍ଷା

କଲେ । ଯେପର୍ଯ୍ୟନ୍ତ ଅନ୍ୟ ଏକ ବାଳିକା ତାଙ୍କୁ ଯୀଶୁଙ୍କ ସହିତ ଥିବାର ଦେଖି ଦୋଷ ନ ଲଗାଉଛି । ପୁନର୍ବାର ପିତର ଶପଥ ସହିତ ତାଙ୍କୁ ଅସ୍ୱୀକାର କରୁଛନ୍ତି । ଅଳ୍ପକ୍ଷଣ ପରେ, ଅନ୍ୟମାନେ ଆସି ପିତରଙ୍କୁ ଯୀଶୁଙ୍କ ସହିତ ଥିବାର ଦୋଷାରୋପ କଲେ । ଏହି ସମୟରେ ସେ ଅଭିଶାପ ଓ ଶପଥ ଖାଇ କହୁଛନ୍ତି, "ମୁଁ ସେହି ବ୍ୟକ୍ତିଙ୍କୁ ଜାଣେ ନାହିଁ ।" ତତ୍‌କ୍ଷଣାତ୍ କୁକୁଡ଼ା ଡାକିଲା । ପୁଣି ଯୀଶୁ ଜୀତ ପର୍ବତରେ କହିଥିବା କଥାକୁ ପିତର ମନେପକାଇଲେ । ସେଠାରୁ ସେ ଯାଇ ବହୁତ କ୍ରନ୍ଦନ କଲେ ।

ପ୍ରଭାତ ହୁଅନ୍ତେ ପ୍ରଧାନଯାଜକମାନେ ଯୀଶୁଙ୍କୁ ବଧ କରିବା ନିମନ୍ତେ ପିଲାତଙ୍କ ପାଖକୁ ଘେନିଗଲେ । ଏହା ଦେଖି ଯିହୁଦା, ଯୀଶୁ ଯେ ପ୍ରାଣଦଣ୍ଡାଜ୍ଞା ପାଉଅଛନ୍ତି ଅନୁତାପ କରି ପ୍ରଧାନଯାଜକଙ୍କୁ ସେହି ତିରିଶି ଗୋଟି ରୌପ୍ୟମୁଦ୍ରା ଫେରସ୍ତ କରିବାକୁ ଚେଷ୍ଟା କଲା । ସେ ସେମାନଙ୍କୁ କହିଲା, "ମୁଁ ନିର୍ଦ୍ଦୋଷ ରକ୍ତ ସମର୍ପଣ କରି ପାପ କରିଅଛି ।" କିନ୍ତୁ ସେମାନେ କହିଲେ, "ସେଥିରେ ଆମ୍ଭମାନଙ୍କର କ'ଣ ଅଛି ? ତୁ ତାହା ବୁଝ୍ ।" "ତହିଁରେ ଯିହୁଦା ରୌପ୍ୟମୁଦ୍ରାଗୁଡ଼ାକ ମନ୍ଦିର ଭିତରେ ଫୋପାଡ଼ି ଦେଇ ଚାଲିଗଲା, ପୁଣି ଯାଇ ଆପଣାକୁ ଫାଶୀ ଦେଲା ।"

## ମୌଖିକ ପ୍ରଶ୍ନ

୧. ଜ୍ଞାନୀ ଓ ପ୍ରବୀଣମାନଙ୍କଠାରୁ ସତ୍ୟକୁ ଲୁଚାଇ ରଖି କାହାକୁ ପ୍ରକାଶ କରିବାର ଈଶ୍ୱରଙ୍କର ଯୋଜନା ଥିଲା ?
୨. ଯେତେବେଳେ ଯୀଶୁ ଯିରୁଶାଲମ ନଗର ମଧ୍ୟରେ ପ୍ରବେଶ କଲେ, ସେ କିପରି ଲୋକମାନଙ୍କ ଦ୍ୱାରା ପରିଚର୍ଯ୍ୟା ହେଲେ ?
୩. ଯିହୁଦା କାହିଁକି ପ୍ରଧାନ ଯାଜକମାନଙ୍କ ପାଖକୁ ଯାଇଥିଲା ଓ ସେମାନେ କାହିଁକି ତାକୁ ତିରିଶିଗୋଟି ରୌପ୍ୟମୁଦ୍ରା ଦେଲେ ?
୪. ଶିଷ୍ୟମାନଙ୍କ ସହିତ ଯୀଶୁଙ୍କର ଶେଷ ଭୋଜ ସମୟରେ, ସେ ସେମାନଙ୍କୁ କହିଲେ କି, ରୋଟି ଓ ଦ୍ରାକ୍ଷାରସ ବିଶେଷ ଅଟେ । କିପରି ?
୫. ଯୀଶୁ କହିଲେ କି, ତାହାଙ୍କର ରକ୍ତ ବହିବା ଅବଶ୍ୟ ଅଟେ । କାହିଁକି ?
୬. ଜୀତ ପର୍ବତରେ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ କି, ସେମାନେ ବିଘ୍ନର କାରଣ ହେବେ । ପିତର ତାହାକୁ ମାନିଲେ ନାହିଁ । ପରେ ଯୀଶୁ ପିତରଙ୍କ ବିଷୟରେ ଏକ ବିଶେଷ ଭାବବାଣୀ କଲେ, ତାହା କ'ଣ ଥିଲା ?
୭. ଯୀଶୁଙ୍କୁ ବିଶ୍ୱାସଘାତକତା କରିବାରେ ଯିହୁଦାର ଠାର କ'ଣ ଥିଲା ?
୮. ଯେତେବେଳେ ଯିହୁଦୀ ନେତାମାନେ ଯୀଶୁଙ୍କୁ ଧରିଥିଲେ, ସେତେବେଳେ ପିତର କେଉଁଠି ଥିଲେ ?
୯. ଭିନ୍ନ ଭିନ୍ନ ସମୟରେ ଦୁଇଜଣ ବାଳିକା ପିତରଙ୍କ ପାଖକୁ ଆସି କିଛି ଦୋଷାରୋପ କଲେ । ତାହା କ'ଣ ଥିଲା ?
୧୦. ତୃତୀୟ ଥର ଅନେକ ଲୋକ ଆସିଲେ ଏବଂ କହିଲେ ଯେ, ପିତର ଯୀଶୁଙ୍କ ସଙ୍ଗେ ଥିଲେ । ସେହି ଲୋକମାନଙ୍କୁ ପିତର କେଉଁ ପ୍ରକାର ଜବାବ୍ ଦେଲେ ?
୧୧. ଯୀଶୁଙ୍କୁ ବିଶ୍ୱାସଘାତକତା କଲାପରେ କେତେବେଳେ ଯିହୁଦା ଅନୁତାପ କଲା ?
୧୨. କାହିଁକି ସେ ପ୍ରଧାନଯାଜକମାନଙ୍କ ପାଖକୁ ଗଲା ?
୧୩. ଯେତେବେଳେ ପ୍ରଧାନଯାଜକମାନେ ବିଶ୍ୱାସଘାତ ଅର୍ଥକୁ ଗ୍ରହଣ କରିବାରେ ମନା କଲେ, ତ ଯିହୁଦା କ'ଣ କଲା ?

# "ଆତ୍ମିକ ସତ୍ୟ" - ଅଧ୍ୟାୟ - ୬

## ମାଥିଉ ୧୧-୨୭:୧୦

୧. ଶିଷ୍ୟମାନଙ୍କ ସହିତ ଯୀଶୁଙ୍କର ଶେଷ ଭୋଜରେ, ସେ ଏକ ପରମ୍ପରା ଆରମ୍ଭ କଲେ ଯାହା ସେ ସମୟଠାରୁ ଏପର୍ଯ୍ୟନ୍ତ ସମଗ୍ର ପୃଥିବୀର ଯୀଶୁଙ୍କର ଅନୁକାରୀମାନଙ୍କ ଦ୍ୱାରା ପାଳନ କରାହୋଇ ଆସୁଛି । ଏହି ପରମ୍ପରାକୁ ଆମେ ପ୍ରଭୁଭୋଜ କହୁ । ପ୍ରଭୁଭୋଜ ଏକ ଅଲୌକିକ ଘଟଣା ନୁହେଁ ଯାହାକି ଆମ୍ଭମାନଙ୍କର ପାପକୁ ବହିନିଏ କିମ୍ବା ଆମ ଶରୀର ମଧ୍ୟରେ କିଛି ବିଶେଷ କାର୍ଯ୍ୟକୁ କରେ । ଏହା ଏକ କ୍ଷଣ ନୁହେଁ ଯେଉଁଥିରେ ଏକ ସାଧାରଣ ରୋଟି ଏବଂ ଦ୍ରାକ୍ଷାରସ ଯାଦୁରେ ଯୀଶୁଙ୍କର ରକ୍ତ ଓ ମାଂସ ହୋଇଯିବ । ଖ୍ରୀଷ୍ଟଙ୍କ ବିଶ୍ୱାସୀମାନଙ୍କ ନିମନ୍ତେ ଏହା ଏକ ସମୟ, କ୍ରୁଶରେ ଯୀଶୁଙ୍କର ବଳିଦାନକୁ ସ୍ମରଣ କରି ରୋଟି ଓ ଦ୍ରାକ୍ଷାରସକୁ ଭୋଜନ ଓ ପାନ କରି ଏକତ୍ରିତ ହେବା । ଏହା ଏକ ସମୟ, ଆମ୍ଭମାନଙ୍କ ଜୀବନ ନିମନ୍ତେ ଯୀଶୁ ଦେଇଥିବା ମୂଲ୍ୟକୁ ସ୍ମରଣ କରିବା । ଏହା ଏକ ଆନନ୍ଦ ଓ ଧନ୍ୟବାଦର ସମୟ, ଯେମିତି ସେ ଆମ୍ଭମାନଙ୍କ ନିମନ୍ତେ ଆଣିଥିବା କ୍ଷମାରେ ଆମେ ଏକତ୍ରିତ ଆନନ୍ଦିତ କରୁ । ୨ କରିନ୍ଥୀୟ ୧୧:୨୩-୩୩ରେ ଶିକ୍ଷା ଦିଆଯାଏ, ଏହା ଏକ ଅତି ଗମ୍ଭୀର ସମୟ; ଏହା ହାଲ୍‌କାରେ କରିବା କାର୍ଯ୍ୟ ନୁହେଁ । ଆମ୍ଭମାନଙ୍କ ନିମନ୍ତେ କରିଥିବା ତାହାଙ୍କର ବଳିଦାନସବୁ ଧ୍ୟାନ କରିବାର ସମୟ ଏବଂ ଆମ୍ଭମାନଙ୍କ ନିମନ୍ତେ ସେ କ୍ରୁଶରେ କ'ଣ କରିଛନ୍ତି, ସେହି ଜ୍ୟୋତିଃରେ ନିଜକୁ ପରୀକ୍ଷା କରିବାର ସମୟ ।

୨. ଆମେ କରିବା ପୂର୍ବେ ଈଶ୍ୱର ଆମ୍ଭମାନଙ୍କର ପରାଜୟକୁ ଜାଣନ୍ତି ଓ ତଥାପି ସେ ଆମ୍ଭମାନଙ୍କୁ ଗ୍ରହଣ କରନ୍ତି ଏବଂ ସେ ତାହାଙ୍କର ରାଜ୍ୟରେ ଆମ୍ଭମାନଙ୍କୁ ଚାହାନ୍ତି । ସେହି ସମୟଠାରୁ ସର୍ବପ୍ରଥମେ ଯୀଶୁ ପିତରଙ୍କୁ "ମନୁଷ୍ୟମାନଙ୍କ ଧରଳି" ହେବାକୁ ଆହ୍ୱାନ କଲେ । ସେ ଜାଣିଥିଲେ ସେହି ରାତ୍ରିରେ ପିତର ତାହାଙ୍କୁ ଅସ୍ୱୀକାର କରିବ । ଆମେ ବାଇବଲ ଅଧ୍ୟୟନ ସମୟରେ ଜାଣୁଅଛୁ ଯେ, ପ୍ରେରିତ ପୁସ୍ତକରେ ଖ୍ରୀଷ୍ଟରେ ହଜାର ହଜାର ଲୋକଙ୍କୁ ଆଗେଇ ନେବାରେ ଈଶ୍ୱର ପିତରଙ୍କୁ ବ୍ୟବହାର କଲେ । ଆଉ ମଧ୍ୟ ବାଇବଲରେ ଦୁଇଟି ପୁସ୍ତକ ଅଛି ଯାହା ପିତରଙ୍କ ଦ୍ୱାରା ଲେଖାଯାଇଅଛି । ପ୍ରେରିତ ୨ରେ, ଠିକ୍ ଯୀଶୁଙ୍କର ସ୍ୱର୍ଗକୁ ପ୍ରସ୍ଥାନ ପରେ, ଆମେ ଦେଖିବାକୁ ପାଉଅଛୁ ଯିରୁଶାଲମରେ ହଜାର ହଜାର ଯିହୁଦୀ ଧର୍ମର ଲୋକଙ୍କ ସମ୍ମୁଖରେ ପିତର ବାକ୍ୟ ପ୍ରଚାର କରୁଛନ୍ତି, ସେହି ଲୋକମାନଙ୍କ ସାକ୍ଷାତରେ, ଯେଉଁ ଯୀଶୁ ଧରାପଡ଼ିଥିବା ରାତ୍ରିରେ ସେ ସେମାନଙ୍କୁ ଭୀତ ହୋଇଥିଲେ ।
ସେହିପ୍ରକାରେ, ଆମ୍ଭମାନଙ୍କର ପରାଜୟ ଈଶ୍ୱରଙ୍କର ଅଦ୍ଭୁତ ନୁହେଁ । ଖ୍ରୀଷ୍ଟଙ୍କୁ ଗ୍ରହଣ କରିବା ସତ୍ତ୍ୱେ ମଧ୍ୟ, ଆମ୍ଭମାନଙ୍କ ଜୀବନରେ ପରାଜୟ ଆସିବ । ଆମ୍ଭେମାନେ ପାପ କରିବା; ଆମେ ତାଙ୍କୁ ବିଶ୍ୱାସଘାତ କରିବା; ଏପରିକି ଆମେ ଘୃଣା ମଧ୍ୟ କରିବା ।

୩. ତେବେ ଆମ୍ଭେମାନେ କ'ଣ କରିବା, ଈଶ୍ୱରଙ୍କ ସାକ୍ଷାତରେ ପରାଜୟ ପରେ ?
ସେହି ରାତ୍ରିରେ ଦୁଇଜଣ ବ୍ୟକ୍ତି ଯିଏ ଯୀଶୁଙ୍କୁ ବିଶ୍ୱାସଘାତ କଲେ । ଜଣେ ବ୍ୟକ୍ତି ହେଲେ ପିତର, ଯିଏ ଖ୍ରୀଷ୍ଟଙ୍କୁ ଅସ୍ୱୀକାର କଲେ, ମାତ୍ର ପରେ ସେ ଈଶ୍ୱରଙ୍କ ଦ୍ୱାରା ମହାନୁରୂପେ

ବ୍ୟବହୃତ ହୋଇଥିଲେ । ଅନ୍ୟଜଣକ ହେଲା ଯିହୁଦା ଯିଏ ମଧ୍ୟ ଯୀଶୁଙ୍କୁ ବିଶ୍ୱାସଘାତ କଲା । ପରେ କିନ୍ତୁ ଆତ୍ମହତ୍ୟା କଲା । ଅନେକ ଲୋକ ଭୁଲ୍‌ଭାବେ ବୁଝନ୍ତି କି, ପିତରଙ୍କ ସଫଳତା ଓ ଯିହୁଦାର ପରାଜୟର କାରଣ ହେଲା, ଯିହୁଦାର ବିଶ୍ୱାସଘାତ ବଡ଼ ଥିଲା । ଏହା କିନ୍ତୁ ସତ ନୁହେଁ । ବାଇବଲ ଆମ୍ଭମାନଙ୍କୁ ଶିକ୍ଷା ଦିଏ ଯେ, ଆମ୍ଭେମାନେ ସମସ୍ତେ ପାପୀ ଅଟୁ । ଆମ୍ଭେମାନେ <u>ସମସ୍ତେ</u> ଈଶ୍ୱରଙ୍କୁ ବିଶ୍ୱାସଘାତ କଲୁ ଓ ଆମ୍ଭମାନଙ୍କ କର୍ମ ହେତୁ ଅନନ୍ତ ଦଣ୍ଡର ଯୋଗ୍ୟ ଅଟୁ । କିନ୍ତୁ ଯଦି ଏହା ସତ୍ୟ ନୁହେଁ, ଯିହୁଦାର ଏହି ଭୁଲ୍ କ'ଣ ଥିଲା ?
– ଯିହୁଦା ଆପଣା ପାପରୁ ଅନୁତାପ କଲା ନାହିଁ ଓ ଈଶ୍ୱରଙ୍କଠାରୁ କ୍ଷମା ଅନ୍ୱେଷଣ କଲା ନାହିଁ ।

ଅନେକ ଲୋକ ଅଛନ୍ତି କେବେ ସେମାନେ ଭୁଲ୍ କରିଅଛନ୍ତି ତାହା ସେମାନେ ଜାଣନ୍ତି । ଅନେକ ଲୋକ ସେମାନେ କରିଥିବା କାର୍ଯ୍ୟ ପ୍ରତି ବହୁତ ଦୁଃଖ ଅନୁଭବ କରନ୍ତି କି ସେମାନେ ଯାହା କରିଛନ୍ତି ତାହା ମନ୍ଦ ଅଟେ । କେତେକ ଲୋକ ଏତେ ଭୟଙ୍କର କର୍ମ କରିଛନ୍ତି ଯେ, ସେମାନେ ମନେକରନ୍ତି, ଈଶ୍ୱର ମଧ୍ୟ ସେମାନଙ୍କୁ କ୍ଷମା କରିପାରିବେ ନାହିଁ । ବାଇବଲ ଆମକୁ ଶିକ୍ଷା ଦିଏ କି, ଏହା ସତ୍ୟ ନୁହେଁ ।

୧ ଯୋହନ ୧:୯ରେ କୁହାଯାଏ, **"ଯଦି ଆମ୍ଭେମାନେ ଆପଣା ଆପଣା ପାପ ସ୍ୱୀକାର କରୁ, ତେବେ ସେ ଆମ୍ଭମାନଙ୍କର ପାପକ୍ଷମା କରିବାକୁ ଓ ସମସ୍ତ ଅଧର୍ମରୁ ଆମ୍ଭମାନଙ୍କୁ ପରିଷ୍କାର କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି ।"**

ଏହାର ଅର୍ଥ ହେଲା ଯଦି ଜଣେ ବ୍ୟକ୍ତି :

- ଈଶ୍ୱରଙ୍କ ପାଖକୁ ଆସେ
- ସେ ଯାହା କରିଅଛି ଈଶ୍ୱରଙ୍କୁ କହେ
- ଅନୁତାପ କରେ
- ତାହାର ପାପକୁ କ୍ଷମା କରିବାକୁ ଈଶ୍ୱରଙ୍କୁ କହେ
- ତେବେ ଈଶ୍ୱର ସେହି ବ୍ୟକ୍ତିକୁ କ୍ଷମା କରିବାରେ ବିଶ୍ୱସ୍ତ, ସେ ଯେତେବଡ଼ ପାପ କରିଥାଉ ନା କାହିଁକି, ଆମ୍ଭମାନଙ୍କ ପାପକୁ ଧୌତ କରିବାରେ କ୍ରୁଶରେ ଯୀଶୁଙ୍କର ବଳିଦାନ ଯଥେଷ୍ଟ ଅଟେ ।

ଏହାର ଅର୍ଥ ଏହା ମଧ୍ୟ କି ଖ୍ରୀଷ୍ଟଙ୍କର ବିଶ୍ୱାସୀରୂପେ ଆମ୍ଭେମାନେ ବିଗତ ଦିନରେ କରିଥିବା ପାପକୁ ସ୍ମରଣ କରି ବଞ୍ଚିବା ଉଚିତ ନୁହେଁ ଯାହା ଖ୍ରୀଷ୍ଟ ନିଜେ କ୍ଷମା କରିସାରିଛନ୍ତି । ପିତର ଆପଣା ପାପରୁ ଅନୁତାପ କଲେ ଓ ଈଶ୍ୱରଙ୍କଠାରୁ ବ୍ୟବହୃତ ହେବାରେ ସମର୍ଥ ହୋଇଥିଲେ । ଆମ୍ଭେମାନେ ମଧ୍ୟ ପାପରୁ ଅନୁତାପ କରିବା ଓ ଈଶ୍ୱରଙ୍କ ଦ୍ୱାରା ମହାନରୂପେ ବ୍ୟବହୃତ ହେବା ।

ପ୍ରକୃତରେ ଯିହୁଦାର ଅନ୍ତରରେ ଦୁଷ୍ଟତା ଥିଲା । ଏକ ଘନିଷ୍ଠ ମିତ୍ରଙ୍କୁ ଧୋକା ଦେବା ଅତି ଭୟଙ୍କର ବିଷୟ ଅଟେ ଓ ସେ ବ୍ୟକ୍ତିଙ୍କୁ ମୃତ୍ୟୁ ମୁଖକୁ ଠେଲି ଦେବା ଯିଏ କି ସମସ୍ତ ପ୍ରକାର ପାପରୁ ନିସହାୟ ଥିଲେ ବା ବଞ୍ଚିତ ଥିଲେ ।

ମାତ୍ର ସତ୍ୟ ଏହା କି, ଯିହୁଦାଙ୍କ ଜୀବନ ପ୍ରତି ମଧ୍ୟ ଈଶ୍ୱରଙ୍କ ପାଖରେ ଯୋଜନା ଥିଲା । ଏପରିକି ଯିହୁଦା ମଧ୍ୟ ଈଶ୍ୱରଙ୍କଠାରୁ କ୍ଷମା ପାଇବାରେ ଯୋଗ୍ୟ ଥିଲା । କ୍ରୁଶରେ ଯୀଶୁଙ୍କର ବଳିଦାନ ଯିହୁଦାକୁ କ୍ଷମା କରିବାରେ ମହାନ୍ ଓ ଯଥେଷ୍ଟ ଥିଲା । କେବଳ ଯଦି ସେ ଖ୍ରୀଷ୍ଟଙ୍କ ନିକଟକୁ ଆସିଥାନ୍ତା, ମାତ୍ର ବଦଳରେ ସେ ତିକ୍ତତାକୁ ତା' ଜୀବନ ଉପରେ ନିୟନ୍ତ୍ରଣ କରିବାକୁ ଅନୁମତି ଦେଲା । ଏହା ଅତ୍ୟଧିକ ହେଲା ଓ ସେ ତା'ର ନିଜ ଜୀବନକୁ ସମାପ୍ତ କଲା ।

୪. ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ, <u>ଈଶ୍ୱରଙ୍କ ସହିତ ଆମ୍ଭମାନଙ୍କର ନିୟମ ବା ଚୁକ୍ତି ସମ୍ଭବ ହେଲା, କେବଳ ତାହାଙ୍କର ରକ୍ତ ଯାହା ପାପର କ୍ଷମା ନିମନ୍ତେ ବହା ଯାଇଥିଲା ତାହାରି ହେତୁ ।</u> ଆମେ କିଛି କରିଅଛୁ ତାହା ହେତୁ ନୁହେଁ । ଆମ୍ଭମାନଙ୍କ ଜୀବନରେ ଈଶ୍ୱରଙ୍କଠାରୁ କ୍ଷମା ପାଇବାରେ ଆମେ କିଛି ହେଲେ କରିନାହୁଁ । ଥରେ ଆମେ ଯୀଶୁଙ୍କୁ ଆମ ହୃଦୟ ମଧ୍ୟରେ ଗ୍ରହଣ କଲୁ, ଏହା କ୍ଷମାକୁ ଆମେ କେବେହେଲେ ମଧ୍ୟ ହରାଇବା ନାହିଁ । ଏଫିସୀୟ ୧:୧୩-୧୪ରେ କୁହାଯାଏ, "ତାହାଙ୍କଠାରେ ତୁମ୍ଭେମାନେ ସୁଦ୍ଧା ସତ୍ୟ ବାକ୍ୟ ଅର୍ଥାତ୍ ତୁମ୍ଭମାନଙ୍କ ପରିତ୍ରାଣର ସୁସମାଚାର ଶୁଣି ବିଶ୍ୱାସ କରି ପ୍ରତିଜ୍ଞାତ ପବିତ୍ରଆତ୍ମାଙ୍କ ଦ୍ୱାରା ମଧ୍ୟ ମୁଦ୍ରାଙ୍କିତ ହୋଇଅଛ । ଈଶ୍ୱରଙ୍କର ଗୌରବର ପ୍ରଶଂସା ନିମନ୍ତେ ତାହାଙ୍କ ନିଜସ୍ୱର ମୁକ୍ତି ଉଦ୍ଦେଶ୍ୟରେ ସେ ଆମ୍ଭମାନଙ୍କ ଅଧିକାରର ବଇନା ସ୍ୱରୂପ ।" ଯୋହନ ୩:୧୬ କହେ କି ତୁମ୍ଭମାନଙ୍କର "ଅନନ୍ତ ଜୀବନ" ଅଛି । ଥରେ ଖ୍ରୀଷ୍ଟ ଆପଣଙ୍କ ମଧ୍ୟରେ ପ୍ରବେଶ କଲାପରେ ସେ କେବେହେଲେ ଛାଡ଼ିବେ ନାହିଁ । ସେହି ସମୟରୁ ଆପଣ ସର୍ବଦା ନିମନ୍ତେ ଉଦ୍ଧାର ପାଇଅଛନ୍ତି । ବାଇବଲ କହେ କି ଆମ୍ଭମାନଙ୍କ ନିମନ୍ତେ ଖ୍ରୀଷ୍ଟ କରିଥିବା ବଳିଦାନକୁ ଆମେ ସର୍ବଦା ସ୍ମରଣ କରିବା ଉଚିତ ଓ ପାପ ତ୍ୟାଗ କରିବା ଉଚିତ । ଆମ୍ଭେମାନେ ପ୍ରୟାସ କରିବା ଉଚିତ କି ପ୍ରତିଦିନ ଆମ୍ଭମାନଙ୍କ ଜୀବନରେ ତାହାଙ୍କୁ ସଂପୂର୍ଣ୍ଣ ରୂପେ ମାନି ବଞ୍ଚିବା । କିନ୍ତୁ ୧ ଯୋହନ ୨:୧ ସ୍ମରଣ କରିଦିଏ କି ଯଦି ଆମେ ପାପ କରୁ, ତେବେ ଆମେ ସ୍ମରଣ କରିବା ଆବଶ୍ୟକ କି ଆମ୍ଭମାନଙ୍କ ମଧ୍ୟରେ କିଏ ବାସ କରନ୍ତି କି ଆମ୍ଭମାନଙ୍କର କାର୍ଯ୍ୟରେ ତାହାଙ୍କର ଉପସ୍ଥିତିର କିଛି ମୂଲ୍ୟ ନାହିଁ । ଆମ୍ଭେମାନେ ଜାଣିବା ଦରକାର କି ପିତାଙ୍କ ସମ୍ମୁଖରେ ଏକ ରକ୍ଷାକର୍ତ୍ତା ରୂପେ ଯୀଶୁ ଆମ୍ଭମାନଙ୍କ ମଧ୍ୟରେ ଅଛନ୍ତି । ଆମେ ଯାହାବି କରୁ ସେହି କାରଣରୁ ସେ ଆମ୍ଭମାନଙ୍କୁ ତ୍ୟାଗ କରିବେ ନାହିଁ । ଆମ୍ଭମାନଙ୍କ ପାପ ବଦଳର ମୂଲ୍ୟ ନିମନ୍ତେ ସର୍ବଦା ସେ ଅଛନ୍ତି ।

## <u>ଆଲୋଚନା</u>

୧. ପିତର ଓ ଯିହୁଦାଙ୍କ ବିଷୟରେ କ'ଣ ଭାବୁଅଛ ?
୨. "କ୍ଷମା" ଶବ୍ଦଟି ଆପଣଙ୍କ ନିମନ୍ତେ କ'ଣ ଅର୍ଥ ଅଟେ ?
୩. କ'ଣ ଆପଣ କେବେ ଏତେ ତିକ୍ତତା ଅନୁଭବ କରିଛନ୍ତି, ଯାହା ବଦଳରେ ଆପଣ ନିଜକୁ ଯିହୁଦା ସଙ୍ଗେ ଦେଖୁଛନ୍ତି ?

୪.	<u>କିଛିହେଲେ ବଡ଼ ଶବ୍ଦରେ କୁହନ୍ତୁ ନାହିଁ,</u> ମାତ୍ର ଏହା ସତ କି ଆପଣ ଏତେ ବଡ଼ ପାପ କରିଛନ୍ତି ଯେ, ଆପଣଙ୍କୁ ଖ୍ରୀଷ୍ଟଙ୍କଠାରୁ କ୍ଷମା ପାଇବା ଅସମ୍ଭବ ଲାଗୁଛି ?

୫.	ଏହି ପରିସ୍ଥିତିରେ ଆପଣଙ୍କ ନିମନ୍ତେ ଯୀଶୁଙ୍କର ବାକ୍ୟ କ'ଣ ଅଟେ ? କ'ଣ ପ୍ରତ୍ୟେକେ ୧ ଯୋହନ ୧:୯କୁ ବଡ଼ ଶବ୍ଦରେ ପଢ଼ିଅଛନ୍ତି (ଏହି ଅଧ୍ୟାୟର ଆରମ୍ଭରେ ଦିଆଯାଇଅଛି)

ପ୍ରତ୍ୟେକ ବ୍ୟକ୍ତି ଆପଣା ମସ୍ତକକୁ ନତ କରି ତାହା ହୃଦୟରେ ଯାହା ଅଛି, ତାହା ସମସ୍ତ ଈଶ୍ୱରଙ୍କୁ କହୁ । ଯଦି ପାପ ଅଛି, ତେବେ ଅନୁତାପ କରୁ । ଈଶ୍ୱରଙ୍କୁ କୁହନ୍ତୁ ତିକ୍ତତାକୁ ଘୁଞ୍ଚାଇବାକୁ । ଈଶ୍ୱରଙ୍କୁ କୁହନ୍ତୁ କି ତାହାଙ୍କ ଅନୁଗ୍ରହରେ ସମସ୍ତ ପାପକୁ ଯେକୌଣସି ମୂଲ୍ୟରେ ଘୁଞ୍ଚାଇ ଦେବାକୁ । ଆପଣଙ୍କ ପାପକୁ କ୍ଷମା କରିବାରେ ଯୀଶୁଙ୍କର କ୍ରୁଶରେ ବଳିଦାନ ଯଥେଷ୍ଟ ଅଟେ । ଏହାକୁ ଖୋଲା ସ୍ୱୀକାରନ୍ତୁ । ଏହି ସତ୍ୟକୁ ଦାବୀ କରନ୍ତୁ କାରଣ ଏହା ବାକ୍ୟରେ ଅଛି, ଯଦିବା ଆପଣଙ୍କୁ ଲାଗେ କି ଏହା ସମ୍ଭବ ନୁହେଁ ।

***ଏହା ତତ୍‌ପଶ୍ଚାତ୍ ହୋଇପାରେ, ଶୟତାନ ଆପଣଙ୍କୁ ତିକ୍ତ ବିଚାର ଆଣି ଦୋଷାରୋପ ସହିତ ହାମ୍‌ଲା କରିପାରେ । ଉଦାହରଣ ନିମନ୍ତେ, ସେ କହିପାରେ, "ପ୍ରକୃତରେ ଈଶ୍ୱର ତୁମକୁ କ୍ଷମା କରିନାହାନ୍ତି, ଏସମସ୍ତ ମିଥ୍ୟା ଅଟେ । କେହି ଜାଣନ୍ତି ନାହିଁ, ତୁମେ ଯେ କେତେ ଭୟଙ୍କର ଅଟ ।" ଏପ୍ରକାର ବିଚାର ଈଶ୍ୱରଙ୍କଠାରୁ ନୁହେଁ । ଏପ୍ରକାର ବିଚାର ପ୍ରକୃତରେ ତିକ୍ତ ନୁହେଁ କିନ୍ତୁ ମିଥ୍ୟା ତିକ୍ତ ଅଟେ । ଯଦି ଆପଣ ଏପ୍ରକାର ମିଥ୍ୟା ତିକ୍ତକୁ ଅନୁଭବ କରିବା ଆରମ୍ଭ କରନ୍ତି, ଯାହାକି ଈଶ୍ୱର କ୍ଷମା କରିସାରିଛନ୍ତି, ଅତିଶୀଘ୍ର ସେଠାରେ ରୁହନ୍ତୁ ଓ ପ୍ରାର୍ଥନା କରନ୍ତୁ । କୁହନ୍ତୁ :**

> **"ଧନ୍ୟବାଦ ଯୀଶୁ ମୋର ପରିତ୍ରାଣ ନିମନ୍ତେ ଓ ମୋର ପାପ ନିମନ୍ତେ ତୁମ୍ଭର କ୍ଷମା (ବିଶେଷ କରି ପାପକୁ କୁହନ୍ତୁ ଯାହା ଆପଣ କରିଛନ୍ତି) । ମୁଁ ଯୀଶୁଙ୍କ ନାମରେ ମାଗୁଅଛି, କି ମୋର ମନରୁ ଏହି ତିକ୍ତ ବିଚାରକୁ ଦୂର କର ।"**

**ଈଶ୍ୱର ବିଶ୍ୱାସଯୋଗ୍ୟ ଅଟନ୍ତି ଓ ସେ ତାହା କରିବେ । ଯଦି ଆପଣ ଈଶ୍ୱରଙ୍କୁ ପ୍ରାର୍ଥନା କରିବେ ଓ ଶୟତାନ ସର୍ବଦା ଆକ୍ରମଣ କରିବ, ଏହି କ୍ଷେତ୍ରରେ ସେ ଆପଣଙ୍କୁ ଆଉ ବେଶୀ ସମୟ ପର୍ଯ୍ୟନ୍ତ ଆକ୍ରମଣ କରିବ ନାହିଁ ଏବଂ ଆପଣ ଏହି ବିଚାରରୁ ସର୍ବଦା ନିମନ୍ତେ ମୁକ୍ତ ହୋଇଯିବେ । ଖ୍ରୀଷ୍ଟରେ ଆମ୍ଭମାନଙ୍କ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଆମ୍ଭମାନଙ୍କର ବିଜୟ ହେବ ।**

# ଖ୍ରୀଷ୍ଟରେ ଏକ ନୂତନ ଜୀବନର ଆରମ୍ଭ

## ଖ୍ରୀଷ୍ଟି ଏ. ବ୍ରାଉନରଙ୍କ ଦ୍ୱାରା

## "ଖ୍ରୀଷ୍ଟଙ୍କର କ୍ରୁଶାର୍ପଣ" - ଅଧ୍ୟାୟ - ୭

## ମାଥିଉ ୨୬-୨୭

**"କାରଣ ବିନାଶପ୍ରାପ୍ତ ହେଉଥିବା ଲୋକମାନଙ୍କ ପ୍ରତି କ୍ରୁଶର କଥା ମୂର୍ଖତା ମାତ୍ର, କିନ୍ତୁ ପରିତ୍ରାଣ ପ୍ରାପ୍ତ ହେଉଥିବା ଆମ୍ଭମାନଙ୍କ ପ୍ରତି ତାହା ଈଶ୍ୱରଙ୍କ ଶକ୍ତି ଅଟେ ।" ୧ କରିନ୍ଥୀୟ ୧:୧୮**

## ପୁନଃବିଚାର

୧. ଯିଶାଇୟ ଭାବବାଦୀ କହିଲେ ଯେ, ଯୀଶୁ ଇମ୍ମାନୁୟେଲ କୁହାଯିବେ, ଅର୍ଥାତ୍ ______ ଈଶ୍ୱର ।"

୨. ଯୀଶୁ କହିଲେ ______ଙ୍କ ବିନା ତାହାଙ୍କର ପୃଥିବୀକୁ ଆଗମନ ଆଉ କେହି ଜାଣନ୍ତି ନାହିଁ ।

୩. ଯେଉଁମାନେ ______ରୁ ମନଫେରଣ କଲେ, ବାପ୍ତିଜକ ଯୋହନ ଅନେକଙ୍କୁ ବାପ୍ତିସ୍ମ ଦେଲେ ।

୪. ______କୁ ବ୍ୟବହାର କରି ଯୀଶୁ ତିନିଥର ଶୟତାନକୁ ଉତ୍ତର ଦେଲେ ।

୫. ଯଦି ଆମେ ଈଶ୍ୱରଙ୍କ ନିକଟରେ ବଢ଼ିବାକୁ ଚାହୁଁ ଓ ପରୀକ୍ଷାକୁ ସମ୍ମୁଖୀନ କରିବାରେ ସମର୍ଥ ହେବୁ, ତେବେ ଆମେ ତାହାଙ୍କ ସହିତ ______ ସମୟ ବିତାଇବା ଆବଶ୍ୟକ ।

୬. ଯୀଶୁ ଆପଣା ବିଶ୍ୱାସୀମାନଙ୍କୁ ______ ହେବାକୁ ଆହ୍ୱାନ କଲେ ।

୭. ତୋଫାନ ସମୟରେ ନୌକାରେ ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ କାରଣ ତାହାଙ୍କର ଉପସ୍ଥିତି ଅଛି, ତେବେ ସେମାନଙ୍କ ______ ହେବାର ଆବଶ୍ୟକ ନାହିଁ ।

୮. ଯୀଶୁ ପୃଥିବୀରେ ଆପଣା ସମୟକୁ ଆରାଧନାର ______ କରି, ଈଶ୍ୱରଙ୍କ ରାଜ୍ୟ ବିଷୟରେ ______ ଦେଇ ଓ ଲୋକମାନଙ୍କ ରୋଗରୁ ______ ଦେଇ ବିତାଇଲେ ।

୯. ଯୀଶୁ ଆପଣା ଅନୁକାରୀମାନଙ୍କୁ କହିଲେ ସମଗ୍ର ଲୋକଙ୍କ ପାଖକୁ ଯାଅ, ମାତ୍ର ସର୍ପପରି ______ ଓ ______ ପରି ଅହିଂସୁକ ହୁଅ କହିଲେ ।

୧୦. ଯୀଶୁ କହିଲେ, ଏପରିକି ସେ ଆମ୍ଭମାନଙ୍କର ______ର ______ର ଗଣନା ମଧ୍ୟ ଜାଣିଅଛନ୍ତି ।

୧୧. ଜୀତ ପର୍ବତରେ ଯୀଶୁ ଭାବବାଣୀ କଲେ କି ______ ତାହାଙ୍କୁ ସକାଳର କୁକୁଡ଼ା ଡାକିବା ପୂର୍ବେ ତିନିଥର ଅସ୍ୱୀକାର କରିବ ।

୧୨. ______ ସେହି ଶିଷ୍ୟ ଯିଏ ଯୀଶୁଙ୍କୁ ତିରିଶିଗୋଟି ରୌପ୍ୟମୁଦ୍ରା ନିମନ୍ତେ ବିଶ୍ୱାସଘାତ କଲା ।

୧୩. ______ ଆପଣା ବିଶ୍ୱାସଘାତରୁ ଅନୁତାପ କଲେ ଓ ପରେ ଈଶ୍ୱରଙ୍କ ଦ୍ୱାରା ମହାନ୍‌ଭାବେ ବ୍ୟବହୃତ ହେଲେ ।

୧୪. ______ ଆପଣା କରିଥିବା କର୍ମରୁ ତିକ୍ତତା ଅନୁଭବ କରି ବାହାରେ ଯାଇ ଆପଣାକୁ ଫାଶୀ ଦେଲା ।

୧୫. ବାଇବଲ ଆମ୍ଭମାନଙ୍କୁ ଶିକ୍ଷା ଦିଏ କି, ଯଦି ଆମ୍ଭେମାନେ ଆପଣା ଆପଣା ପାପ ______ କରୁ, ତେବେ ସେ ଆମ୍ଭମାନଙ୍କ ପାପ ______ କରିବାକୁ ଓ ସମସ୍ତ ଅଧର୍ମରୁ ______ କରିବାକୁ ବିଶ୍ୱସ୍ତ ଓ ନ୍ୟାୟବାନ ଅଟନ୍ତି ।

ଯେତେବେଳେ ପିତର କୟାଫାଙ୍କ ଗୃହ ବାହାର ପ୍ରାଙ୍ଗଣରେ ଥିଲେ, ସେତେବେଳେ ଯୀଶୁ ସମସ୍ତ ମିଥ୍ୟା ସାକ୍ଷ୍ୟ ଦ୍ୱାରା ଗୃହ ଭିତରେ ନିନ୍ଦିତ ହେଉଥିଲେ । ଗୋଟିଏ ହେଲେ ତାହାଙ୍କୁ ଦୋଷୀ ସାବ୍ୟସ୍ତ କରିବାରେ ଯୋଗ୍ୟ ନ ଥିଲା । ନିଜର ରକ୍ଷା କରିବାକୁ ଇଚ୍ଛା ନ କରି ଯୀଶୁ ତାହାଙ୍କର ନିନ୍ଦକମାନଙ୍କୁ ନିରନ୍ତର ହାମ୍‌ଲା କରିବାକୁ ଅନୁମତି ଦେଲେ । ଏପରିକି ସେ ତାହାଙ୍କର ମୁଖକୁ ମଧ୍ୟ ଖୋଲିଲେ ନାହିଁ । କିଛି ନ ପାଇଲା ପରେ, କୟାଫା ଯୀଶୁଙ୍କୁ ପଚାରିଲେ, "ଆମ୍ଭମାନଙ୍କୁ କୁହ, ତୁମ୍ଭେ କି ଈଶ୍ୱରଙ୍କ ପୁତ୍ର ଖ୍ରୀଷ୍ଟ !"

ଶେଷରେ ଯୀଶୁ ଆପଣା ମୌନ ଭଙ୍ଗ କରି କହିଲେ, ଆପଣ କହିଅଛନ୍ତି । ଆହୁରି ମୁଁ ଆପଣମାନଙ୍କୁ କହୁଅଛି, ଅଦ୍ୟାବଧି ଆପଣମାନେ ମନୁଷ୍ୟପୁତ୍ରଙ୍କୁ ପରାକ୍ରମର ଦକ୍ଷିଣ ପାର୍ଶ୍ୱରେ ଉପବିଷ୍ଟ ଓ ଆକାଶର ମେଘମାଳାରେ ଆଗମନ କରିବା ଦେଖିବେ ।"

କୟାଫାଙ୍କ ନିମନ୍ତେ ଏହି ପ୍ରମାଣ ଯଥେଷ୍ଟ ଥିଲା । ସେଥିରେ ସେ ଆପଣା ବସ୍ତ୍ର ଚିରି କହିଲେ, ଯୀଶୁ ଈଶ୍ୱର ନିନ୍ଦକ ଅଟେ । ସେଥିରେ ସେମାନେ ତାହାଙ୍କୁ ଘେନିଗଲେ, ତାହାଙ୍କ ମୁହଁରେ ଛେପ ପକାଇଲେ, ପରିହାସ କଲେ, ବିଧା ମାରିଲେ ଓ ଚାପୁଡ଼ା ମାରିଲେ ।

ପ୍ରଭାତ ହୁଅନ୍ତେ ପ୍ରଧାନଯାଜକ ଓ ପ୍ରାଚୀନବର୍ଗ ସମସ୍ତେ ତାହାଙ୍କୁ ପିଲାତଙ୍କ ପାଖକୁ ନେଇଗଲେ, ଯିଏ ଯିହୁଦା ପ୍ରଦେଶର ରୋମୀୟ ଶାସନକର୍ତ୍ତା ଥିଲେ । ପିଲାତ ତାହାଙ୍କୁ ପଚାରିଲେ, "ତୁମ୍ଭେ କି ଯିହୁଦୀମାନଙ୍କ ରାଜା ?" ତାହାଙ୍କ ଉତ୍ତର ସରଳ ଥିଲା, "ଆପଣ ଯେ କହୁଅଛନ୍ତି ।" ଆଉ ପ୍ରଧାନଯାଜକ ତାହାଙ୍କ ବିରୁଦ୍ଧରେ ଅଭିଯୋଗ କରନ୍ତେ ସେ କୌଣସି ଉତ୍ତର ଦେଲେ ନାହିଁ । ଯୀଶୁଙ୍କର ଚୁପିରେ ଶାସନକର୍ତ୍ତା ଚମତ୍କୃତ ହେଲେ । ସେ ଯୀଶୁଙ୍କଠାରେ କିଛି ଦୋଷ ପାଇଲେ ନାହିଁ ଓ ଶାନ୍ତିରେ ଧିରେ ତାହାଙ୍କୁ ମୁକ୍ତ କରିବାକୁ ଚେଷ୍ଟା କଲେ ।

ଏହା ପର୍ବ ସମୟ ଥିଲା । ଯିହୁଦୀମାନଙ୍କ ବର୍ଷର ଅତି ଗୁରୁତ୍ୱପୂର୍ଣ୍ଣ ଛୁଟି ଦିନ ଥିଲା । ଲୋକସମୂହର ଇଚ୍ଛାନୁସାରେ ଜଣେ ବନ୍ଦୀକି ସେମାନଙ୍କ ନିମନ୍ତେ ମୁକ୍ତ କରିବା ଶାସନକର୍ତ୍ତାଙ୍କର ରୀତି ଥିଲା । ଏହି ବର୍ଷରେ ସେ ଲୋକମାନଙ୍କ ସମ୍ମୁଖରେ ସେ ଦୁଇଜଣଙ୍କୁ ଆଣିଲେ । ଜଣେ ବାରବ୍ବା ଏକ କୁଖ୍ୟାତ ବନ୍ଦୀ ଏବଂ ଯୀଶୁ । ସେତେବେଳେ ସେ ଲୋକଙ୍କୁ ପଚାରିଲେ କାହାକୁ ସେ ମୁକ୍ତ କରିବେ । ଲୋକମାନେ ପ୍ରଧାନଯାଜକଙ୍କ ଦ୍ୱାରା ପ୍ରେରିତ ହୋଇ ଚିତ୍କାର କରି କହିବାକୁ ଲାଗିଲେ, ବାରବ୍ବା ମୁକ୍ତ ହେଉ ଓ ଯୀଶୁ କ୍ରୁଶରେ ବଧ ହେଉ । ପରେ ପିଲାତ ପାଟି କରି କହିଲେ,

"କାହିଁକି, ସେ କି ଦୋଷ କରିଅଛି ?" ସେମାନେ ଉତ୍ତର ଦେଲେ, "ସେ କ୍ରୁଶରେ ଚଢ଼ାଯାଉ ।" ପୁଣି ପିଲାତ ଦେଖିଲେ ସେ ଲୋକମାନଙ୍କୁ ଆଉ ବୁଝାଇପାରିବେ ନାହିଁ କାରଣ ସେମାନେ ବଶର ବାହାରେ ଥିଲେ । ଆଉ ସେ ଏହା କହି ସେମାନଙ୍କର ଇଚ୍ଛାକୁ ପୁରା କଲେ, "ଏହି ଧାର୍ମିକ ବ୍ୟକ୍ତିର ରକ୍ତପାତରେ ଆମ୍ଭେ ନିର୍ଦ୍ଦୋଷ, ତୁମ୍ଭେମାନେ ତାହା ବୁଝ ।" ଏଥିରେ ସମସ୍ତ ଲୋକ ଉତ୍ତର ଦେଇ କହିଲେ, "ତାହାର ରକ୍ତ ଆମ୍ଭମାନଙ୍କ ଓ ଆମ୍ଭମାନଙ୍କ ସନ୍ତାନମାନଙ୍କ ଉପରେ ବର୍ତ୍ତୁ ।" ସେଥିରେ ସେ ସେମାନଙ୍କ ନିମନ୍ତେ ବାରବ୍‌ବାକୁ ମୁକ୍ତ କଲେ, ମାତ୍ର ଯୀଶୁଙ୍କୁ କୋରଡ଼ା ପ୍ରହାର କରାଇ କ୍ରୁଶରେ ଚଢ଼ାଇବା ନିମନ୍ତେ ସମର୍ପଣ କଲେ ।

ପ୍ରାସାଦରେ ସେ ପ୍ରହାରିତ ହେଲେ ଓ କୃଷ୍ଣଲୋହିତ ବସ୍ତ୍ରରେ ପିନ୍ଧାଗଲେ । ଆଉ କଣ୍ଟାର ମୁକୁଟ ବନାଇ ତାହାଙ୍କ ମସ୍ତକରେ ଦେଲେ ଓ ତାହାଙ୍କ ଦକ୍ଷିଣ ହସ୍ତରେ ଖଣ୍ଡିଏ ନଳ ଦେଲେ । ସୈନ୍ୟମାନେ ତାହାଙ୍କ ମୁଖରେ ଥୁକି ତାହାଙ୍କୁ ପରିହାସ କଲେ । ସେମାନେ ତାହାଙ୍କ ସମ୍ମୁଖରେ ଜାନୁପାତି, ହେ ଯିହୁଦୀମାନଙ୍କ ରାଜା, ନମସ୍କାର, ଏହା କହି ତାହାଙ୍କୁ ପରିହାସ କଲେ । ପୁଣି ତାହାଙ୍କ ହାତରେ ଥିବା ନଳ ନେଇ ତାହାଙ୍କ ମୁଣ୍ଡରେ ମାରିବାକୁ ଲାଗିଲେ ।

ସୈନମାନେ ପ୍ରାସାଦରେ ତାହାଙ୍କ ସହିତ ଯାହା କରିବାକୁ ଥିଲା କଲାଉତ୍ତାରେ, ବସ୍ତ୍ରକୁ କାଢ଼ି ଦେଲେ ଓ ଗଲ୍‌ଗଥା ନାମକ ସ୍ଥାନକୁ କଢ଼ାଇ ନେଲେ, ଅର୍ଥାତ୍ ଯାହାକୁ "କପାଳସ୍ଥଳ" ବୋଲି କହନ୍ତି । ଏହି ସ୍ଥାନରେ କ୍ରୁଶବିଦ୍ଧ ହେବାର ଥିଲା । ସେମାନେ ପ୍ରାସାଦରୁ ଯାଉଥିବା ସମୟରେ ଶିମୋନ ନାମକ ଜଣେ ବ୍ୟକ୍ତିକୁ ଯୀଶୁଙ୍କ କ୍ରୁଶ ବହିବାକୁ ବାଧ୍ୟ କଲେ ।

ଯେତେବେଳେ ସେ କ୍ରୁଶରେ ଥିଲେ, ସୈନ୍ୟମାନେ ତାହାଙ୍କ ବସ୍ତ୍ରସବୁ ଗୁଳିବାଣ୍ଟ ଦ୍ୱାରା ଆପଣା ଆପଣା ମଧ୍ୟରେ ଭାଗ କରିନେଲେ, କି କାହା ଭାଗରେ କ'ଣ ଆସିବ । ପୁଣି ସେଠାରେ ବସି କ୍ରୁଶରେ ତାହାଙ୍କର ମୃତ୍ୟୁକୁ ଦେଖୁଥିଲେ । ପ୍ରଧାନଯାଜକ ଓ ଅନ୍ୟ ପ୍ରାଚୀନମାନେ ମଧ୍ୟ ତାହାଙ୍କୁ କ୍ରୁଶରେ ହତ ହେବା ଦେଖିବାକୁ ଆସିଲେ ଓ ତାହାଙ୍କୁ ପରିହାସ କରି କହିବାକୁ ଲାଗିଲେ, ଏବେ ସେ କାହିଁକି କ୍ରୁଶରୁ ତଳକୁ ଆସିପାରୁ ନାହିଁ । ଆହୁର ଅନେକ ଲୋକ ସେ ଅଞ୍ଚଳରୁ ଆସି ମୁଣ୍ଡ ହଲାଇ ଅଭଦ୍ର ଭାଷାରେ ତାହାଙ୍କୁ କହିବାକୁ ଲାଗିଲେ । ଏପରିକି ତାହାଙ୍କ ଦୁଇ ପାର୍ଶ୍ୱର ଦୁଇ ଚୋର ଯିଏ ମଧ୍ୟ କ୍ରୁଶାର୍ପିତ ହେଉଥିଲେ, ସେମାନଙ୍କ ମଧ୍ୟରୁ ଜଣେ ମଧ୍ୟ ତାହାଙ୍କର ଅପମାନ କରି ଘୃଣିତ କଥା କହିଲା ।

ପରେ ବାରଘଣ୍ଟାଠାରୁ ତିନିଘଣ୍ଟା ପର୍ଯ୍ୟନ୍ତ ସମଗ୍ର ପୃଥିବୀ ଅନ୍ଧକାର ହେଲା । ଯୀଶୁ ଈଶ୍ୱରଙ୍କୁ ଉଚ୍ଚ ସ୍ୱରରେ ଡାକି କହିଲେ, "ଏଲୀ, ଏଲୀ, ଲାମା ଶବକ୍ଥାନୀ ?" ଅର୍ଥାତ୍ "ହେ ମୋହର ଈଶ୍ୱର, ହେ ମୋହର ଈଶ୍ୱର, ତୁମ୍ଭେ ମୋତେ କାହିଁକି ପରିତ୍ୟାଗ କଲ ?" ଏହା ଶୁଣି କେହି ଜଣେ ଦୌଡ଼ି ଯାଇ ଗୋଟିଏ ସ୍ପଞ୍ଜ୍ ଘେନି ତାହା ଅମ୍ଳରସରେ ପୂର୍ଣ୍ଣ କଲା, ଆଉ ତାହା ଖଣ୍ଡିଏ ନଳରେ ଲଗାଇ ତାହାକୁ ପାନ କରିବାକୁ ଦେଲା । କିନ୍ତୁ ଅନ୍ୟମାନେ କହିଲେ, "ରୁହ, ଏଲିୟ ଏହାକୁ ରକ୍ଷା କରିବାକୁ ଆସୁଅଛନ୍ତି କି ନାହିଁ, ଦେଖିବା ।" କିନ୍ତୁ ଯୀଶୁ ପୁନର୍ବାର ଉଚ୍ଚସ୍ୱରରେ ଡାକି ପ୍ରାଣତ୍ୟାଗ କଲେ ।

ତାହାଙ୍କର ମୃତ୍ୟୁରେ, ସେ ଯେ କିଏ ତାହାର ପ୍ରମାଣରେ ସଂପୂର୍ଣ୍ଣ ଯିରୁଶାଲମରେ ଅଦ୍ଭୁତ କାର୍ଯ୍ୟମାନ ହେବାକୁ ଲାଗିଲା । ମନ୍ଦିରର ବିଚ୍ଛେଦ ବସ୍ତ୍ର ଉପରୁ ତଳ ପର୍ଯ୍ୟନ୍ତ ଚିରି ଦୁଇଖଣ୍ଡ ହେଲା । ଆଉ ଭୂମିକମ୍ପ ହେଲା ଓ ଶୈଳସବୁ ବିଦୀର୍ଣ୍ଣ ହେଲା । ପୁଣି ସମାଧିସମୂହ ଉନ୍ମୁକ୍ତ ହେଲା ଓ ମହାନିଦ୍ରାପ୍ରାପ୍ତ ଅନେକ ସାଧୁଲୋକଙ୍କ ଶରୀର ଉତ୍ଥାପିତ ହେଲା, ପୁଣି ତାହାଙ୍କ ଉତ୍ଥାନ ସେମାନେ ସମାଧିରୁ ବାହାରି ଯିରୁଶାଲମ ନଗରରେ ପ୍ରବେଶ କରି ଅନେକଙ୍କୁ ଦର୍ଶନ ଦେଲେ ।

ଯୀଶୁଙ୍କ ମୃତ୍ୟୁର ସନ୍ଧ୍ୟାରେ ଯୋଷେଫ ନାମକ ଆରାମଥିୟାର ଜଣେ ଧନୀ ଲୋକ ପିଲାତଙ୍କ ନିକଟକୁ ଯାଇ ଯୀଶୁଙ୍କ ଶରୀର ମାଗିଲେ ସମାଧି ଦେବା ନିମନ୍ତେ । ସେଥିରେ ପିଲାତ ଆଜ୍ଞା ଦେଲେ, ଆଉ ଯେଉଁ ନୂତନ ସମାଧି ପାହାଡ଼ରେ ଖୋଳାଯାଇଥିଲା, ସେଥିମଧ୍ୟରେ ତାହା ଥୋଇଲେ । ଯୋଷେଫ ଶରୀରଟିକୁ ଘେନି ପରିଷ୍କୃତ ସୂକ୍ଷ୍ମ ବସ୍ତ୍ରରେ ଗୁଡ଼ାଇ, ସମାଧିରେ ତାହାକୁ ରଖିଲେ । ଆଉ ସମାଧି ଦ୍ୱାରରେ ଗୋଟିଏ ବଡ଼ ପଥରକୁ ମରିୟମ ଓ ଅନ୍ୟ ମରିୟମଙ୍କ ସହିତ ସେହି ସ୍ଥାନରୁ ଯିବା ପୂର୍ବେ ଗଡ଼ାଇ ଦେଇ ଚାଲିଗଲେ ।

## ମୌଖିକ ପ୍ରଶ୍ନ

୧. କିପରିଭାବେ ଯିହୁଦୀ ନେତାମାନେ ଶେଷରେ ଯୀଶୁଙ୍କୁ କୟାଫାଙ୍କ ଗୃହରେ ଦୋଷୀ ସାବ୍ୟସ୍ତ କଲେ ?
୨. କିଭଳିଭାବେ ଯୀଶୁ ପିଲାତଙ୍କ ସମ୍ମୁଖରେ ତାହାଙ୍କ ବିରୁଦ୍ଧରେ ଥିବା ଦୋଷ ପ୍ରତି ପ୍ରତ୍ୟୁତ୍ତର ଦେଲେ ?
୩. ତାହାଙ୍କ ନିନ୍ଦକମାନଙ୍କ ସମ୍ମୁଖରେ ଚୁପ୍ ରହିବାର ଯୀଶୁଙ୍କ ସାମର୍ଥ୍ୟକୁ ପିଲାତ କିପ୍ରକାର ପ୍ରତିକ୍ରିୟା କଲେ ?
୪. ବାରବ୍‌ବା କିଏ ?
୫. ରୋମୀୟ ସୈନ୍ୟମାନେ କିପ୍ରକାରେ ଯୀଶୁଙ୍କ ସହିତ ବ୍ୟବହାର କଲେ ?
୬. ଯୀଶୁ କ୍ରୁଶରେ ଥିବା ସମୟରେ ପ୍ରଧାନ ଯାଜକ ଓ ଅନ୍ୟମାନେ ଯୀଶୁଙ୍କ ସହିତ କେମିତି ବ୍ୟବହାର କଲେ ?
୭. ବାରଘଣ୍ଟାରୁ ତିନିଘଣ୍ଟା ପର୍ଯ୍ୟନ୍ତ ସମଗ୍ର ପୃଥିବୀରେ କ'ଣ ହେଲା ?
୮. ଯୀଶୁଙ୍କ ମୃତ୍ୟୁରେ କ'ଣ ଅଘଟଣସବୁ ହେଲା ?
୯. ଯୀଶୁଙ୍କ ଶରୀରକୁ ଆରାମଥିୟାର ଯୋଷେଫ କ'ଣ କଲେ ?

# "ଆତ୍ମିକ ସତ୍ୟ" - ଅଧ୍ୟାୟ - ୭

## ମାଥିଉ ୨୬-୨୭

ଈଶ୍ୱରଙ୍କ ମାର୍ଗସକଳ ମନୁଷ୍ୟର ମାର୍ଗ ନୁହେଁ । ଆସନ୍ତୁ ୧ କରିନ୍ଥୀୟ ୧:୧୮-୨୧, ୨୭ ବାକ୍ୟକୁ ମିଳିତଭାବେ ପଢ଼ିବା । ଏହି ବାକ୍ୟଖଣ୍ଡକୁ ଦୁଇ କିମ୍ବା ତିନିଖଣ୍ଡରେ ପଢ଼ନ୍ତୁ । ବାଇବଲ ଯେ କ'ଣ କହୁଛି ପ୍ରତ୍ୟେକଙ୍କ ପାଖରେ ଭାବିବାର ସମୟ ହେଉ ।

**"କାରଣ ବିନାଶପ୍ରାପ୍ତ ହେଉଥିବା ଲୋକମାନଙ୍କ ପ୍ରତି କ୍ରୁଶର କଥା ମୁର୍ଖତା ମାତ୍ର । କିନ୍ତୁ ପରିତ୍ରାଣପ୍ରାପ୍ତ ହେଉଥିବା ଆମ୍ଭମାନଙ୍କ ପ୍ରତି ତାହା ଈଶ୍ୱରଙ୍କ ଶକ୍ତି ଅଟେ । ଯେଣୁ ଏହା ଲେଖାଅଛି :**

> **"ଆମ୍ଭେ ଜ୍ଞାନୀମାନଙ୍କର ଜ୍ଞାନ ନଷ୍ଟ କରିବା, ଆଉ ବୁଦ୍ଧିମାନ୍‌ମାନଙ୍କର ବୁଦ୍ଧି ଅଗ୍ରାହ୍ୟ କରିବା ।"**

**ଜ୍ଞାନୀ କାହିଁ ? ଶାସ୍ତ୍ରୀ କାହିଁ ? ଏହି ଯୁଗର ତାର୍କିକ କାହିଁ ? ଈଶ୍ୱର କି ଜଗତର ଜ୍ଞାନକୁ ମୂର୍ଖତା ବୋଲି ପ୍ରକାଶ କରିନାହାନ୍ତି ? କାରଣ ଈଶ୍ୱରଙ୍କ ଜ୍ଞାନ ପ୍ରକାଶିତ ହୋଇଥିଲେ ହେଁ ଜଗତ ନିଜ ଜ୍ଞାନ ଦ୍ୱାରା ଈଶ୍ୱରଙ୍କୁ ନ ଜାଣିବାରୁ ପ୍ରଚାରିତ ପ୍ରସଙ୍ଗର ମୂର୍ଖତା ଦ୍ୱାରା ବିଶ୍ୱାସୀମାନଙ୍କୁ ପରିତ୍ରାଣ କରିବା ପାଇଁ ଈଶ୍ୱର ସନ୍ତୁଷ୍ଟ ହେଲେ...ଏଥିପାଇଁ ଈଶ୍ୱର ଜ୍ଞାନୀମାନଙ୍କୁ ଲଜ୍ଜା ଦେବା ନିମନ୍ତେ ଜଗତର ମୂର୍ଖ ବିଷୟସବୁ ମନୋନୀତ କଲେ, ପୁଣି ବଳବାନ ବିଷୟସବୁକୁ ଲଜ୍ଜା ଦେବା ନିମନ୍ତେ ଈଶ୍ୱର ଜଗତର ଦୁର୍ବଳ ବିଷୟସବୁ ମନୋନୀତ କଲେ ।"**

ଯେମିତି ଆମେ ଖ୍ରୀଷ୍ଟଙ୍କର ଜୀବନକୁ ଦେଖୁ, ତେବେ ଆମେ ଦେଖିପାରୁ କି ଈଶ୍ୱରଙ୍କ ମାର୍ଗ ମନୁଷ୍ୟର ମାର୍ଗ ନୁହେଁ ।

- ❖ ଯେତେବେଳେ ଜଣେ ଜାଗତିକ ରାଜା ଜନ୍ମେ, ସେ ରାଜପ୍ରାସାଦରେ ଜନ୍ମେ । ମାତ୍ର ଈଶ୍ୱର ରାଜାମାନଙ୍କର ରାଜା ଯୀଶୁଙ୍କୁ ଗରୀବିରେ ଜନ୍ମିବାକୁ ପ୍ରେରଣ କଲେ ।
- ❖ ଯଦି ଜଣେ ଗୁରୁତ୍ୱପୂର୍ଣ୍ଣ ଖବରକୁ କିମ୍ବା ଜଣେ ମହତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କର ଆଗମନକୁ ଘୋଷଣା କରିବାକୁ ଚାହେଁ, ସେହି ବାର୍ତ୍ତାବାହକ ଧନୀ ଓ ସୁନ୍ଦରଭାବେ ବେଶଭୂଷା ହୋଇ, ଏକ ଭଲ ବାହନରେ ଆସିବ । କିନ୍ତୁ ଈଶ୍ୱର ବାପ୍ତିଜକ ଯୋହନଙ୍କୁ ଯୀଶୁଙ୍କର ଆଗମନ ବିଷୟରେ କହିବାକୁ ପ୍ରେରଣ କଲେ ଯିଏ ଓଟଲୋମ ବସ୍ତ୍ର ପରିଧାନ କରୁଥିଲେ, ତାହା ଶୁଣିବା ନିମନ୍ତେ ଲୋକମାନଙ୍କୁ ତାଙ୍କ ପାଖକୁ ଯିବାକୁ ପଡୁଥିଲା ।
- ❖ ଯେବେ ଜଣେ ରାଜାଙ୍କର ଶତ୍ରୁ ଥାଏ, ସେ ତାହାକୁ ସହଜରେ ପରାସ୍ତ କରିପାରନ୍ତି । ସେ ତାକୁ ତତ୍‌କ୍ଷଣାତ୍ ବିନଷ୍ଟ କରିପାରନ୍ତି । ଯୀଶୁ ସ୍ୱଇଚ୍ଛାରେ ଶୟତାନ ଦ୍ୱାରା ପରୀକ୍ଷିତ ହେବାକୁ ଜଙ୍ଗଲକୁ ଗଲେ ଏବଂ ଏପର୍ଯ୍ୟନ୍ତ ସେ ଶୟତାନକୁ ବିନାଶ କରିନାହାନ୍ତି ।
- ❖ ଯେବେ ଜଣେ ରାଜା ତାହା ନିମନ୍ତେ ନିକଟସ୍ଥ ଜଣେ ବନ୍ଧୁଙ୍କୁ ବାଛେ, ସେ ସେହିମାନଙ୍କୁ ବାଛେ ଯିଏ କି ଗୋଟିଏ ଭଲ କଲେଜରୁ ଗ୍ରାଜୁଏଟ୍ ହୋଇଥିବ ଏବଂ ଏକ ଭଲ ପରିବାରର ହୋଇଥିବ ଓ ଯାହାର ବହୁତ ଟଙ୍କା ଥିବ । କିନ୍ତୁ ଯୀଶୁ ଅନ୍ୟ ଏକ ପେଷାର ଲୋକଙ୍କୁ ବାଛିଲେ । ମାଛଧରାଳୀ ଓ କରଗ୍ରାହୀମାନଙ୍କୁ ।
- ❖ ଜାଗତିକ ରାଜା ତା'ର ଆଜ୍ଞା ମାନିବାକୁ ଲୋକଙ୍କୁ ବାଧ୍ୟ କରେ ଓ ଯିଏ ନ ମାନେ, ତାକୁ ସେ ଦଣ୍ଡ ଦିଏ । ଯୀଶୁ ଆମ୍ଭମାନଙ୍କୁ ପ୍ରେମ କରିବା ଶିଖାଇଲେ । ସେ ଲୋକମାନଙ୍କୁ ତାହାଙ୍କୁ ବିଶ୍ୱାସ କରିବାରେ ବା ନ କରିବାରେ ବାଛିବାର ଅନୁମତି ଦିଅନ୍ତି । ତାହାଙ୍କ ସହିତ ସଦାସର୍ବଦା ବାସ କରିବାକୁ ସେ ଆମ୍ଭମାନଙ୍କର ସ୍ୱାଧୀନତାକୁ ଚାହାନ୍ତି ।
- ❖ ଯେତେବେଳେ ଜଣେ ଜାଗତିକ ରାଜା ମରିଯାଏ, ସେ ସମାଧି ପାଏ ଓ ତାହାର ପୁଅ ତାହାର ସ୍ଥାନ ଗ୍ରହଣ କରେ । କିନ୍ତୁ ଯେତେବେଳେ ଯୀଶୁ ମୃତ୍ୟୁବରଣ କଲେ, ସେ ପୁନର୍ଃଜୀବିତ ହେଲେ ଓ ଅନନ୍ତକାଳ ପର୍ଯ୍ୟନ୍ତ ରାଜୁତି କରୁଛନ୍ତି ।

ଯୀଶୁ ଜଣେ ମନୁଷ୍ୟ ନୁହଁନ୍ତି । ସେ ଈଶ୍ୱର ଅଟନ୍ତି । ସେ ଆରାଧନା, ମହିମା ଓ ଆଜ୍ଞାପାଳନ କରାଯିବା ଉଚିତ । ସେ ଆମ୍ଭମାନଙ୍କୁ ପ୍ରେମ କରନ୍ତି ଓ ଆମ୍ଭମାନଙ୍କ ନିମନ୍ତେ ଉତ୍ତମ ଚାହାନ୍ତି । ପୃଥିବୀରେ ତାହାଙ୍କ ଜୀବନ ସଂପୂର୍ଣ୍ଣ ଅବୋଧ୍ୟ । ଈଶ୍ୱରଙ୍କ ମାର୍ଗ ଏତେ ମହାନ୍ ଯେ ମଣଷ ତାହାକୁ ବୁଝେ କି ମଣିଷ ନିମନ୍ତେ ତାହା ଚିନ୍ତାର ବାହାରେ ।

*ବାଇବଲ ଆମ୍ଭମାନଙ୍କୁ ଶିକ୍ଷା ଦିଏ କି, ଲୋକମାନଙ୍କଠାରୁ ପ୍ରଶଂସାକୁ ଶୁଣିବା ଈଶ୍ୱର ଭଲ ପାଆନ୍ତି । ପ୍ରଶଂସାର ଅର୍ଥ ଏହା କି, ଯୀଶୁଙ୍କୁ କୁହନ୍ତୁ ଯେ ସେ ଆପଣଙ୍କୁ କେତେ ଭଲ ପାଆନ୍ତି ଓ ସେ କରିଥିବା ପ୍ରତ୍ୟେକ ଆଶ୍ଚର୍ଯ୍ୟକର୍ମ ନିମନ୍ତେ ତାହାଙ୍କର ପ୍ରଶଂସା କରନ୍ତୁ । ଆମ୍ଭମାନଙ୍କ ହୃଦୟ ତାହାଙ୍କୁ ପ୍ରେମ କରିବା ଶୁଣିବାକୁ ଈଶ୍ୱର ଭଲ ପାଆନ୍ତି । ସେ ଏପ୍ରକାର ଶୁଣିବାକୁ ମଧ୍ୟ ଭଲ ପାଆନ୍ତି । "ପ୍ରଭୁ କାରଣ ତୁମେ ମୋତେ ପ୍ରେମ କଲ । ତେଣୁ ମୁଁ ତୁମକୁ ପ୍ରେମ କରେ ।" କିମ୍ବା "ମୁଁ ତୁମକୁ ସ୍ତୁତି କରେ ପ୍ରଭୁ, କାରଣ ତୁମେ ମହାନ୍ ଓ ସାମର୍ଥ୍ୟ ଈଶ୍ୱର ଅଟ ।" ଏସବୁ ବାକ୍ୟ କହେ ଯେ, ବ୍ୟକ୍ତିଗତଭାବେ ଈଶ୍ୱର କିଏ ଅଟନ୍ତି ।

ଯେମିତି ଆମେ ଈଶ୍ୱରଙ୍କ ଜୀବନ ଓ ମୃତ୍ୟୁ ବିଷୟ ଚିନ୍ତା କରୁ, ଆମେ ଆଶ୍ଚର୍ଯ୍ୟ ହେଉ କି ଈଶ୍ୱର ଜଗତର ସୃଷ୍ଟିକର୍ତ୍ତା ଆମ୍ଭମାନଙ୍କ ନିମନ୍ତେ କ'ଣ କଲେ । ଆମ୍ଭମାନଙ୍କ ନିମନ୍ତେ ତାହାଙ୍କର ପ୍ରେମ, ଆମ୍ଭମାନଙ୍କ ବୁଝିବାର ବାହାରେ । ତାହାଙ୍କର ମାର୍ଗ ଏଡ଼େ ମହାନ୍ ଓ ଉତ୍ତମ ଅଟେ ଯେ, ପ୍ରଶଂସାର ବାହାରେ ଅଟେ । ଏହା ଏକ ଉଚିତ୍ ସମୟ ହୋଇପାରେ ଏଠାରେ କିଛି ସମୟ ରହି ଈଶ୍ୱରଙ୍କ ସ୍ତୁତି କରିବା ।

ତାହାଙ୍କର କ୍ରୁଶବିଦ୍ଧ ହେବାର କାରଣ ହେଲା, ଆମ୍ଭମାନଙ୍କ ପାପ ନିମନ୍ତେ ବଳିଦାନ ହେବା । ସେ ଆପଣଙ୍କ ପାପ ନିମନ୍ତେ ଦଣ୍ଡ ପାଇଲେ, ବିଚାରିତ ହେଲେ ଓ ନିନ୍ଦିତ ହେଲେ । ଯାହା ଆପଣ କରିଛନ୍ତି ଓ କରିବେ ତାହା ନିମନ୍ତେ ଆମ୍ଭମାନଙ୍କର ପ୍ରଭୁ ଓ ଉଦ୍ଧାରକର୍ତ୍ତା ରୂପେ ପ୍ରତିଦିନ ଆମେ ତାହାଙ୍କର ଧନ୍ୟବାଦ ଓ ସ୍ତୁତି କରିବା ଆବଶ୍ୟକ ।

ଆମ୍ଭେମାନେ "ବାକ୍ୟ ପ୍ରାର୍ଥନା" କରିବାକୁ ଯାଉଅଛୁ । ବାକ୍ୟ ପ୍ରାର୍ଥନା ଯେଉଁଠି ପ୍ରତ୍ୟେକେ ଏକାଥରେ ଏକ ବାକ୍ୟକୁ ପ୍ରାର୍ଥନା କରନ୍ତି, ତାହାଙ୍କ ମନରେ ଯାହା ଆସିବ ସେଥିରେ ସେ ଈଶ୍ୱରଙ୍କୁ ପ୍ରକାଶ କରିବେ । ଆସନ୍ତୁ ସମସ୍ତେ ନତ ମସ୍ତକ ହୋଇ ଈଶ୍ୱରଙ୍କ ବିଷୟରେ ଚିନ୍ତା କରିବା । ପୃଥିବୀରେ ଥିବା ସମୟରେ ଯୀଶୁ କ'ଣ କଲେ, କ୍ରୁଶରେ ସେ କ'ଣ କଲେ, ତାହାଙ୍କର ଆଗମନ ବିଷୟରେ ଏବଂ ବର୍ତ୍ତମାନ ଆମ୍ଭମାନଙ୍କ ଜୀବନରେ ସେ କ'ଣ କରୁଅଛନ୍ତି, ତେବେ ଆସନ୍ତୁ ସେ ସମସ୍ତ ବିଷୟକୁ ବାକ୍ୟ ନିର୍ମାଣ କରି ଭାବନାକୁ ଈଶ୍ୱରଙ୍କ ସମ୍ମୁଖରେ ରଖିବା । ଉଦାହରଣ ନିମନ୍ତେ, "ପ୍ରିୟ ପିତା, ମୁଁ ତୁମକୁ ପ୍ରେମ କରେ କାରଣ ତୁମେ ମୋତେ ବଞ୍ଚାଇଲ । ପୁଣି ଅନ୍ୟ ବ୍ୟକ୍ତି ଅନ୍ୟ ଏକ ବାକ୍ୟକୁ କହିବ, "ପିତା ଈଶ୍ୱର, ତୁମେ ମୋ' ପ୍ରତି ଦୟାଳୁ ପିତା ଅଟ ।" ପ୍ରତ୍ୟେକ ବ୍ୟକ୍ତି ଯେମିତି ଆତ୍ମା ଚାଳନା କରନ୍ତି, ଯେତେଥର ଚାହେଁ ଏମିତି କରୁ । ଆମ୍ଭମାନଙ୍କ ହୃଦୟରେ କ'ଣ ଅଛି, ଏହା ସମୟ ଅଟେ ଖୋଲା ସମସ୍ତଙ୍କ ସମ୍ମୁଖରେ କହିବାର । ଯେତେ ହୋଇପାରେ କରୁଥାଆନ୍ତୁ । ଫେରେ ପ୍ରାର୍ଥନା ଅନୁରୋଧ ଆଡ଼କୁ ଯାଆନ୍ତୁ ଓ ପରସ୍ପର ନିମନ୍ତେ ପ୍ରାର୍ଥନା କରନ୍ତୁ ।

**ନେତା, ସେମାନଙ୍କ ସମୟ ଈଶ୍ୱରଙ୍କ ସହିତ ଏକାକୀ ପ୍ରତିଦିନ ବିତାଇବା ନିମନ୍ତେ ସ୍ତୁତି ପ୍ରଶଂସାର ସମୟ ଯୋଡ଼ିବାକୁ ସଦସ୍ୟମାନଙ୍କୁ ସ୍ମରଣ କରାଇ ଦିଅନ୍ତୁ । ସେମାନଙ୍କ ନିରୋଳା ସମୟ କେମିତି ବିତୁଛି, ପ୍ରତି ସପ୍ତାହରେ ପଚାରିବାକୁ ଭୁଲନ୍ତୁ ନାହିଁ । ଯାହାଙ୍କର ସମସ୍ୟା ଅଛି, ସେମାନଙ୍କୁ ଉତ୍ସାହିତ କରନ୍ତୁ ଓ ସେମାନଙ୍କ ଜୀବନରେ ଈଶ୍ୱରଙ୍କ କରିଥିବା କାର୍ଯ୍ୟକୁ କହିବା ନିମନ୍ତେ ସେମାନଙ୍କୁ ସମୟ ଦିଅନ୍ତୁ ।*

# ଖ୍ରୀଷ୍ଟରେ ଏକ ନୂତନ ଜୀବନର ଆରମ୍ଭ

## ଖ୍ରୀଷ୍ଟି ଏ. ବ୍ରାଉନର୍‌ଙ୍କ ଦ୍ୱାରା

## "ଖ୍ରୀଷ୍ଟଙ୍କର ପୁନଃରୁତ୍ଥାନ" - ଅଧ୍ୟାୟ - ୮

## ମାଥିଉ ୨୭

**"କାରଣ ସଦାପ୍ରଭୁ କହନ୍ତି, ତୁମ୍ଭମାନଙ୍କ ପକ୍ଷରେ ଆମ୍ଭେ ଯେ ସକଳ ସଙ୍କଳ୍ପ କରିଅଛୁ, ତାହା ଆମ୍ଭେ ଜାଣୁ, ତୁମ୍ଭମାନଙ୍କ ଅନ୍ତିମକାଳରେ ତୁମ୍ଭମାନଙ୍କୁ ଭରସା ଦେବା ନିମନ୍ତେ ସେସବୁ ଅମଙ୍ଗଳର ନୁହେଁ, ମଙ୍ଗଳର ସଙ୍କଳ୍ପ ଅଟେ ।" ଯିରିମିୟ ୨୯:୧୧**

### ପୁନଃବିଚାର

୧. ଯିଶାଇୟ ଭାବବାଦୀ କହିଲେ ଯେ, ଯୀଶୁ ଇମ୍ମାନୁୟେଲ କୁହାଯିବେ, ଅର୍ଥାତ୍ __________ ଈଶ୍ୱର ।"

୨. ଯୀଶୁ କହିଲେ କେବଳ __________ଙ୍କ ବିନା ଆଉ କେହି ହେଲେ ତାହାଙ୍କ ଆଗମନ ବିଷୟରେ ଜାଣନ୍ତି ନାହିଁ ।

୩. ଯୋହନ ପ୍ରାନ୍ତରରେ ଅନେକଙ୍କୁ ବାପ୍ତିସ୍ମ ଦେଲେ ଯେଉଁମାନେ ତାହାଙ୍କ __________ରୁ ମନଫେରଣ କଲେ ।

୪. ଯୀଶୁ ତିନିଥର __________ଙ୍କ __________କୁ ବ୍ୟବହାର କରି ଶୟତାନକୁ ଉତ୍ତର ଦେଲେ ।

୫. ଯଦି ଆମେ ଈଶ୍ୱରଙ୍କ ସାନ୍ନିଧରେ ବଢ଼ିବାକୁ ଚାହୁଁ ଓ ପରୀକ୍ଷାର ସମ୍ମୁଖୀନ ହେବାକୁ ଚାହୁଁ, ତେବେ ଆମେ __________ ତାହାଙ୍କ ସହିତ ସମୟ ବିତାଇବା ଆବଶ୍ୟକ ।

୬. ଯୀଶୁ ତାଙ୍କ ଶିଷ୍ୟମାନଙ୍କୁ __________ମାନଙ୍କ ଧରାଳୀ ହେବାକୁ ଆହ୍ୱାନ କଲେ ।

୭. ଯୀଶୁ ଆପଣା ଶିଷ୍ୟମାନଙ୍କୁ କହିଲେ __________ ପରି ଜ୍ଞାନୀ ଓ __________ ପରି ଅହିଂସୁକ ହୋଇ ତାହାଙ୍କ ନାମରେ ଯାଅ ।

୮. ପିତର ତିନିଥର ଯୀଶୁଙ୍କୁ କୟାଫାଙ୍କ ପ୍ରାଙ୍ଗଣରେ __________ କରି ବିଶ୍ୱାସଘାତ କଲେ ।

୯. ଯିହୁଦା __________ ଗୋଟି ରୌପ୍ୟମୁଦ୍ରାରେ ଯୀଶୁଙ୍କୁ ଯାଜକମାନଙ୍କ ହସ୍ତରେ ସମର୍ପଣ କରି ବିଶ୍ୱାସଘାତ କଲା ।

୧୦. ଯଦି ଆମେ ଅନୁତାପ କରିବା ତେବେ ଯୀଶୁ ଆମ୍ଭମାନଙ୍କର ପାପକୁ __________ କରିବେ ।

୧୧. ରୋମୀୟ ସୈନ୍ୟମାନେ ଯୀଶୁଙ୍କ ସହିତ କେଉଁ ପ୍ରକାର ବ୍ୟବହାର କଲେ ?

୧୨. ଯେତେବେଳେ ଯୀଶୁ କ୍ରୁଶରେ ହତ ହେଉଥିଲେ, ମହାଯାଜକମାନେ କ୍ରୁଶ ତଳେ ଆସି ଯୀଶୁଙ୍କର __________ କରୁଥିଲେ ।

୧୩. ଯେତେବେଳେ ଯୀଶୁ ମୃତ୍ୟୁବରଣ କଲେ, ସେତେବେଳେ ଅନେକ ଅଦ୍ଭୁତ କର୍ମ ହେଲା, ଯାହାକି ଅନେକ ମରିଥିବା ଲୋକମାନେ ଉଠିଲେ ଓ ଯିରୁଶାଲମ ନଗରକୁ __________ କଲେ ।

୧୪. ହାରାମାଥିୟାର ଯୋଷେଫ ଯୀଶୁଙ୍କର ଶରୀରକୁ __________ରେ ରଖିବାକୁ ନେଇଗଲା ।

ଯୀଶୁଙ୍କ ମୃତ୍ୟୁର ଆରଦିନ ପ୍ରଧାନଯାଜକ ଓ ଫାରୁଶୀମାନେ ଏକତ୍ର ପିଲାତଙ୍କୁ ଭେଟିଲେ ଓ ତାହାଙ୍କୁ କହିଲେ, ଯୀଶୁ ଭାବବାଣୀ କରିଛନ୍ତି କି ସେ ମୃତ୍ୟୁ ମଧ୍ୟରୁ ତିନିଦିନ ଉତ୍ତାରେ ପୁନଃଜୀବିତ ହେବେ, ଅତଏବ ସମାଧି ସୁରକ୍ଷିତ ହେବା ନିମନ୍ତେ ଆଜ୍ଞା କରନ୍ତୁ କି ତାହାଙ୍କର ଶରୀରକୁ କେହି ଯେପରି ଚୋରୀ କରି ନ ନିଏ । ପିଲାତ ସେମାନଙ୍କ କଥାରେ ସମ୍ମତ ହେଲେ ଓ କେତେକ ଲୋକ ସମାଧି ସ୍ଥାନକୁ ଯାଇ ସମାଧି ସ୍ଥାନର ମୁହଁରେ ଥିବା ପଥରକୁ ମୁଦ୍ରାଙ୍କ କରି ସମାଧି ସୁରକ୍ଷିତ କଲେ ଏବଂ ତାହାର ସୁରକ୍ଷିତ ପାଇଁ ସେମାନେ ପ୍ରହରୀ ଦଳ ମଧ୍ୟ ରଖିଲେ ।

ବିଶ୍ରାମବାର ଶେଷ ହେଲା ଉତ୍ତାରେ ସପ୍ତାହର ପ୍ରଥମ ଦିବସର ପ୍ରତ୍ୟୁଷରେ ମଗ୍‌ଦଲିନୀ ମରିୟମ ଓ ଅନ୍ୟ ମରିୟମ ସମାଧି ଦେଖିବାକୁ ଆସିଲେ । ଆଉ ଦେଖ ମହାଭୂମିକମ୍ପ ହେଲା ଓ ପଥର ଯାହା ଗୁମ୍ଫାର ପ୍ରବେଶ ଦ୍ୱାରରେ ରଖାଯାଇଥିଲା, ତାହା ଘୁଞ୍ଚାଯାଇଅଛି । ପ୍ରଭୁଙ୍କର ଜଣେ ସ୍ୱର୍ଗଦୂତ ସ୍ୱର୍ଗରୁ ଓହ୍ଲାଇ ଆସି ସେହି ପଥର ଖଣ୍ଡିକ ଗଡ଼ାଇ ଦେଇ ତାହା ଉପରେ ବସିଲେ । ସେହି ଦୂତଙ୍କର ବସ୍ତ୍ର ହିମ ପରି ଶୁଭ୍ରବର୍ଣ୍ଣ ଥିଲା । ପୁଣି ତାଙ୍କ ରୂପ ବିଜୁଳି ପରି ଥିଲା । ପୁଣି ତାଙ୍କ ଭୟରେ ପ୍ରହରୀମାନେ କମ୍ପମାନ ହୋଇ ମୃତବତ୍ ହେଲେ ।

କିନ୍ତୁ ଦୂତ ସ୍ତ୍ରୀ ଲୋକମାନଙ୍କୁ କହିଲେ ଭୀତ ନ ହେବାକୁ । "କାରଣ ତୁମ୍ଭେମାନେ ଯେ କ୍ରୁଶରେ ହତ ଯୀଶୁଙ୍କର ଅନ୍ୱେଷଣ କରୁଅଛ, ତାହା ମୁଁ ଜାଣେ । ସେ ଏଠାରେ ନାହାନ୍ତି । କାରଣ ସେ ଯେପରି କହିଥିଲେ, ସେହିପରି ଉଠିଅଛନ୍ତି । ଆସ, ସେ ଯେଉଁଠାରେ ଶୋଇଥିଲେ, ସେହି ସ୍ଥାନ ଦେଖ । ଆଉ ତୁମ୍ଭେମାନେ ତାହାଙ୍କର ଶିଷ୍ୟମାନଙ୍କୁ କୁହ, ସେ ମୃତମାନଙ୍କ ମଧ୍ୟରୁ ଉଠିଅଛନ୍ତି । ପୁଣି ଦେଖ, ସେ ତୁମ୍ଭମାନଙ୍କ ଆଗେ ଗାଲିଲୀକୁ ଯାଉଅଛନ୍ତି । ସେଠାରେ ତୁମ୍ଭେମାନେ ତାହାଙ୍କର ଦର୍ଶନ ପାଇବ । ଦେଖ, ମୁଁ ତୁମ୍ଭମାନଙ୍କୁ କହିଲି ।"

ଏଥିରେ ସେହି ସ୍ତ୍ରୀମାନେ ମହାନନ୍ଦରେ ସମାଧି ନିକଟରୁ ଶୀଘ୍ର ପ୍ରସ୍ଥାନ କରି ତାହାଙ୍କ ଶିଷ୍ୟମାନଙ୍କୁ ଶୀଘ୍ର ସମ୍ବାଦ ଦେବା ନିମନ୍ତେ ଦୌଡ଼ିଲେ । ସେମାନଙ୍କ ମାର୍ଗରେ ଯୀଶୁ ସେମାନଙ୍କୁ ସାକ୍ଷାତ କଲେ ଓ କହିଲେ, "ଆନନ୍ଦ କର" । ତହୁଁ ସେମାନେ ସେଠାରେ ରହିଲେ ଓ ଆସି ତାହାଙ୍କ ପାଦ ଧରି ତାହାଙ୍କୁ ପ୍ରଣାମ କଲେ । ଯୀଶୁ ସେହି ସ୍ତ୍ରୀମାନଙ୍କୁ କହିଲେ ଭାଇମାନଙ୍କୁ ଜଣାଅ ଗାଲିଲୀରେ ତାହାଙ୍କୁ ସାକ୍ଷାତ କରିବା ନିମନ୍ତେ ।

ସେହି ସମୟରେ ପ୍ରହରୀଦଳ ଉଠି ନଗରକୁ ଯାଇ ସେହି ସମସ୍ତ ଘଟଣାର ବିବରଣୀ ପ୍ରଧାନ ଯାଜକମାନଙ୍କୁ ଜଣାଇଲେ । ପ୍ରଧାନଯାଜକମାନେ ଏକତ୍ର ହୋଇ ମନ୍ତ୍ରଣା କଲାଉତ୍ତାରେ ସେହି ସୈନ୍ୟମାନଙ୍କୁ ବହୁତ ଟଙ୍କା ଦେଇ କହିଲେ, ତୁମ୍ଭେମାନେ ଯାଇ କହିବ, ଆମ୍ଭେମାନେ ଶୋଇଥିବା ସମୟରେ ତାହାର ଶିଷ୍ୟମାନେ ରାତିରେ ଆସି ତାହାକୁ ଚୋରି କରି ନେଇଗଲେ । ଆଉ

ପ୍ରଧାନଯାଜକ ପ୍ରତିଜ୍ଞା କରି କହିଲେ, ଏକଥା ଯଦି ପିଲାତ ଜାଣିବେ, ତାହାହେଲେ ଆମ୍ଭେମାନେ ତାଙ୍କୁ ବୁଝାଇ ତୁମକୁ ସମସ୍ୟାରୁ ମୁକ୍ତ କରିବା । ସେଥିରେ ସେମାନେ ଟଙ୍କା ନେଇ ଅନେକ ବର୍ଷ ପର୍ଯ୍ୟନ୍ତ ଯିରୁଶାଲମରେ ମିଥ୍ୟା କଥା କହି ଚାଲିଲେ ।

ଆଉ ଶିଷ୍ୟମାନେ ଗାଲିଲୀକୁ ଯାଇ ଯୀଶୁ ଯେଉଁ ବିଶେଷ ପର୍ବତ ବିଷୟରେ କହିଥିଲେ, ସେହି ପର୍ବତକୁ ଗଲେ । ସେ ସେମାନଙ୍କ ପାଖକୁ ଆସିଲେ ଓ ସେମାନେ ତାହାଙ୍କୁ ଦେଖି ପ୍ରଣାମ କଲେ । ମାତ୍ର କେହି କେହି ସନ୍ଦେହ କଲେ । ଆଉ ଯୀଶୁ ସ୍ୱର୍ଗକୁ ଯିବାପୂର୍ବେ ସେମାନଙ୍କୁ ଶେଷ କଥା କହିଲେ, "ସ୍ୱର୍ଗ ଓ ପୃଥିବୀର ସମସ୍ତ ଅଧିକାର ମୋତେ ପ୍ରଦତ୍ତ ହୋଇଅଛି । ଅତଏବ, ତୁମ୍ଭେମାନେ ଯାଇ ସମସ୍ତ ଜାତିର ଲୋକଙ୍କୁ ପିତା, ପୁତ୍ର ଓ ପବିତ୍ରଆତ୍ମାଙ୍କ ନାମରେ ବାପ୍ତିସ୍ମ ଦେଇ, ମୁଁ ତୁମ୍ଭମାନଙ୍କୁ ଯେଉଁ ଯେଉଁ ଆଜ୍ଞା ଦେଇଅଛି, ସେହିସବୁ ପାଳନ କରିବାକୁ ଶିକ୍ଷା ଦେଇ ସେମାନଙ୍କୁ ଶିଷ୍ୟ କର, ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା, ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।" ଆମେନ୍ ।

## ମୌଖିକ ପ୍ରଶ୍ନ

୧. କାହିଁକି ଫାରୂଶୀମାନେ ଯୀଶୁଙ୍କ ସମାଧି ସ୍ଥାନରେ ପ୍ରହରୀମାନଙ୍କୁ ରଖିଲେ ?
୨. କେଉଁ ଦୁଇଜଣ ସ୍ତ୍ରୀ ସମାଧିସ୍ଥଳକୁ ଦେଖିବାକୁ ଆସିଥିଲେ ?
୩. ଯେତେବେଳେ ସେହି ସ୍ତ୍ରୀମାନେ ସେଠାକୁ ଗଲେ, ସେମାନେ କ'ଣ ଦେଖିଲେ ?
୪. ସ୍ୱର୍ଗଦୂତ ସେମାନଙ୍କୁ କ'ଣ କହିଲେ ?
୫. ପ୍ରହରୀମାନଙ୍କର କ'ଣ ହେଲା ?
୬. ସ୍ୱର୍ଗଦୂତଙ୍କର ଦର୍ଶନ ପରେ ପ୍ରହରୀମାନେ କେଉଁଠାକୁ ଗଲେ ?
୭. ପ୍ରଧାନଯାଜକମାନଙ୍କ ଦ୍ୱାରା ପ୍ରହରୀମାନଙ୍କୁ କ'ଣ ଦିଆଗଲା ?
୮. ସ୍ତ୍ରୀମାନେ ଶିଷ୍ୟମାନଙ୍କୁ ସାକ୍ଷାତ କରିବାକୁ ଯିବା ସମୟରେ କାହାକୁ ଦେଖିଲେ ?
୯. ଯୀଶୁ ଶିଷ୍ୟମାନଙ୍କୁ କେଉଁ ସ୍ଥାନରେ ତାହାଙ୍କୁ ଭେଟିବାକୁ କହିଲେ ?
୧୦. ସ୍ୱର୍ଗକୁ ଯିବା ପୂର୍ବେ ଯୀଶୁ ଆପଣା ଶିଷ୍ୟମାନଙ୍କୁ ପର୍ବତରେ କେଉଁ ଆଜ୍ଞା ଦେଲେ ?
୧୧. ବର୍ତ୍ତମାନଠାରୁ ଯୁଗାନ୍ତ ପର୍ଯ୍ୟନ୍ତ ସଙ୍ଗେ ସଙ୍ଗେ ରହିବାକୁ ଯୀଶୁ କାହା ସହିତ ପ୍ରତିଜ୍ଞା କଲେ ?

# “ଆତ୍ମିକ ସତ୍ୟ” - ଅଧ୍ୟାୟ - ୮

## ମାଥିଉ ୨୮

୧. <u>ଯୀଶୁଙ୍କ ସମାଚାର ସମସ୍ତ ଲୋକଙ୍କୁ କୁହଯିବ ।</u> ଏହା ଈଶ୍ୱର ଯିଏ ଆପଣଙ୍କ ହୃଦୟରେ କାର୍ଯ୍ୟ କରୁଅଛନ୍ତି ଅନ୍ୟମାନଙ୍କୁ ତାହାଙ୍କର ସମାଚାର ଦେବା ନିମନ୍ତେ ବଳ ଓ ଇଚ୍ଛାକୁ ଦେଉଅଛନ୍ତି । ଖ୍ରୀଷ୍ଟଙ୍କ ପ୍ରେମ ବିଷୟରେ କହିବାକୁ ଅନେକ ମାଧ୍ୟମ ରହିଛି । ଗୋଟିଏ ଉତ୍ତମ ମାଧ୍ୟମ ହେଲା, ଗୋଟିଏ ଲୋକ କିମ୍ୱା ଦଳକୁ ତାହାଙ୍କର ଜୀବନର କାହାଣୀ ଦ୍ୱାରା ଆଗେଇ ନିଅନ୍ତୁ । ଆପଣଙ୍କ ବିଶ୍ୱାସକୁ ବାଣ୍ଟିବା ନିମନ୍ତେ ଆପଣ ସାତ ସପ୍ତାହ ଅଧ୍ୟୟନ “ଯୀଶୁଙ୍କର ସୁସମାଚାର”ର ସହାୟତା ଦେଇପାରିବେ । ଚତୁର୍ଥ ଅଧ୍ୟାୟଠାରୁ, ଏକ ଦଳରୂପେ, ଈଶ୍ୱର ଯେଉଁମାନଙ୍କୁ ଆମ୍ଭମାନଙ୍କ ହୃଦୟରେ ଦେଇଛନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କରୁଅଛୁ । ଏହି ଲୋକମାନଙ୍କୁ ଆପଣଙ୍କ ଜୀବନରେ ଘଟିଥିବା ପରିବର୍ତ୍ତନକୁ କହିବାର ଆପଣଙ୍କ ପାଖେ ଏକ ସୁଯୋଗ ଅଛି । ଯଦି ନୁହେଁ, ଏହି ସପ୍ତାହରେ ଆପଣ ତାହା କରନ୍ତୁ ।

- ଆପଣ ତାଙ୍କ ପାଖକୁ ଯାଇ ଏହା କୁହନ୍ତୁ ନାହିଁ କି ସେ କେତେ ଭୟଙ୍କର ଲୋକ, ଯଦି ସେ ଅନୁତାପ କରନ୍ତି ନାହିଁ, ତେବେ ଈଶ୍ୱର ତାଙ୍କୁ ଅଲିଭା ଅଗ୍ନିକୁଣ୍ଡରେ ନିକ୍ଷେପ କରିବେ । ଏକ ପ୍ରେମ ଶୈଳୀରେ ଆପଣ ଆପଣଙ୍କ ମିତ୍ରଙ୍କ ପାଖକୁ ଯାଆନ୍ତୁ ।
- ଆପଣଙ୍କ ସହିତ ଏକ କମ୍ ସମୟର ବାଇବଲ ଅଧ୍ୟୟନ ନିମନ୍ତେ ସେମାନଙ୍କୁ ନିମନ୍ତ୍ରଣ କରନ୍ତୁ । ସେମାନଙ୍କୁ କୁହନ୍ତୁ ଯେ, ଆପଣ ବାଇବଲ ବିଷୟରେ ଶିଖୁଅଛନ୍ତି ଓ ଚାହୁଁଛନ୍ତି । ସେମାନେ ମଧ୍ୟ ଯଦି ଇଚ୍ଛା ପ୍ରକାଶ କରନ୍ତି ଖ୍ରୀଷ୍ଟଙ୍କ ଜୀବନ ବିଷୟରେ ସାତ ସପ୍ତାହ ପର୍ଯ୍ୟନ୍ତ ଶିଖିବାକୁ ।
- ଯେବେ ଆପଣ ତାଙ୍କ ପାଖକୁ ଯିବେ, ଆପଣଙ୍କ ସହିତ ଜଣେ ସାଥୀକୁ ନିଅନ୍ତୁ । ହୋଇପାରେ ଆପଣଙ୍କ ବାଇବଲ ଅଧ୍ୟୟନର ଦଳରୁ ଜଣଙ୍କୁ, କିମ୍ୱା ଆପଣ ଗୀର୍ଜାରେ ମିଶିଥିବା ଜଣଙ୍କୁ । ଆପଣଙ୍କ ବାଇବଲ ଅଧ୍ୟୟନରେ ନେତା ଆପଣଙ୍କ ସହିତ ଯିବାକୁ ଚାହୁଁଥାନ୍ତି ।
- ଯେବେ ଆପଣ ଯିବେ, ସେହି ବ୍ୟକ୍ତିଙ୍କ ସହିତ, ତାହାଙ୍କ ଜୀବନରେ ଘଟୁଥିବା ବିଷୟ ବିଷୟରେ କଥା ହେବାରେ ସମୟ ବିତାନ୍ତୁ । ସେମାନଙ୍କ ପରିବାରର ସଦସ୍ୟଙ୍କୁ ସାକ୍ଷାତ କରନ୍ତୁ; ସେମାନଙ୍କ ଆବଶ୍ୟକତା ବିଷୟରେ ଶୁଣନ୍ତୁ । ସେମାନଙ୍କ ନିମନ୍ତେ ପ୍ରାର୍ଥନା କରନ୍ତୁ, ତାହାଙ୍କ ଚାକିରୀ ନିମନ୍ତେ ଓ ପରିବାର ନିମନ୍ତେ ଓ ସେମାନଙ୍କ ଗୃହରେ ଶାନ୍ତି ଆସିବା ନିମନ୍ତେ ଈଶ୍ୱରଙ୍କୁ ପ୍ରାର୍ଥନା କରନ୍ତୁ ।
- ଖ୍ରୀଷ୍ଟଙ୍କ ଜନ୍ମର ପ୍ରଥମ କାହାଣୀରୁ ଆରମ୍ଭ କରନ୍ତୁ । ପ୍ରଶ୍ନ ପଚାରିବା ନିମନ୍ତେ ସେମାନଙ୍କୁ ଅନୁମତି ଦିଅନ୍ତୁ । ଯଦି ଆପଣ ଉତ୍ତର ଜାଣିନାହାନ୍ତି, ତେବେ ଠିକ୍ ଅଛି । ଆପଣ କେବଳ କୁହନ୍ତୁ ଯେ ଆପଣ ବାଇବଲ ଅଧ୍ୟୟନର ନେତାଙ୍କୁ ପଚାରିବେ, କାରଣ ଆପଣ ଜାଣିନାହାନ୍ତି । ପୁଣି ଆସନ୍ତା ସପ୍ତାହରେ ଆପଣ ତାହାର ଉତ୍ତର ଆଣିବେ ।
- ଏକ ଘଣ୍ଟାରୁ ଅଧିକ ତାଙ୍କ ଗୃହରେ ରୁହନ୍ତୁ ନାହିଁ । ମନେରଖନ୍ତୁ, ଏତା ଏକ ସ୍ୱଳ୍ପ ବାଇବଲ ଅଧ୍ୟୟନ ସମୟ ।
- ସେହି ସପ୍ତାହର ପ୍ରତିଦିନ ଓ ତହିଁପରେ ପ୍ରତି ସପ୍ତାହ, ଏହି ବ୍ୟକ୍ତିଙ୍କ ପାଇଁ ଓ ତାଙ୍କ ପରିବାର ନିମନ୍ତେ ପ୍ରାର୍ଥନା କରନ୍ତୁ । ସେମାନଙ୍କ ନିମନ୍ତେ ପ୍ରାର୍ଥନା କରିବାକୁ ଆପଣଙ୍କ ଦଳର ସଦସ୍ୟଙ୍କୁ ସାମିଲ ହେବାକୁ କୁହନ୍ତୁ ।

**ମନେରଖନ୍ତୁ :** ଯେମିତି କାହାକୁ ସୁସ୍ଥ କରିବା ନିମନ୍ତେ କିମ୍ୱା ଭୂତକୁ ଛଡ଼ାଇବା ନିମନ୍ତେ ଆମ୍ଭମାନଙ୍କର ଶକ୍ତି ନାହିଁ । ଲୋକମାନଙ୍କୁ ସେମାନଙ୍କ ଖ୍ରୀଷ୍ଟଙ୍କ ପ୍ରତି ଆବଶ୍ୟକତାକୁ ନେଇ ବିଶ୍ୱାସ କରାଇବା ଆମ୍ଭମାନଙ୍କର କୌଣସି ଶକ୍ତି ନାହିଁ । ଯାହାଙ୍କର ଶକ୍ତି ଅଛି ସେ ହେଉଛନ୍ତି ପବିତ୍ରଆତ୍ମା ଯିଏ ଆମ୍ଭମାନଙ୍କ ଭିତରେ ଅଛନ୍ତି । ଲୋକମାନଙ୍କ ରୋଗରୁ ସୁସ୍ଥ କରିବାକୁ ତାହାଙ୍କ ପାଖେ ଶକ୍ତି ଅଛି ଏବଂ ସେ ହେଉଛନ୍ତି ସେହି ବ୍ୟକ୍ତି ଯିଏ ଜଣେ ବ୍ୟକ୍ତିଙ୍କ ଜୀବନରୁ ତାହାର ପାପର ବନ୍ଧନକୁ ମୁକ୍ତ କରିପାରନ୍ତି ଓ ସେମାନଙ୍କୁ ଖ୍ରୀଷ୍ଟଙ୍କ ନିକଟକୁ ଅନୁତାପରେ ଆଣନ୍ତି । ଆମ୍ଭମାନଙ୍କ କର୍ତ୍ତବ୍ୟ ହେଲା ସେମାନଙ୍କୁ କହିବା ଓ ପ୍ରାର୍ଥନା କରିବା ।

ହୋଇପାରେ ଏହା ଏପରି କି ଆପଣ ଏମିତି ଏକ ପରିସ୍ଥିତିରେ ଅଛନ୍ତି, ଆପଣ ସାତ ସପ୍ତାହର ବାଇବଲ ଅଧ୍ୟୟନ କରିବାର ସୁଯୋଗ ନାହିଁ, କିନ୍ତୁ ସେମାନଙ୍କୁ ଯୀଶୁଖ୍ରୀଷ୍ଟଙ୍କ ବିଷୟରେ କହିବାକୁ ଚାହାନ୍ତି ।

**କ'ଣ କରିବାକୁ ହେବ :**

- ଖ୍ରୀଷ୍ଟଙ୍କର କାହାଣୀ, ଯାହା ଆପଣ ଭଲ ସ୍ମରଣ କରିଛନ୍ତି, ତାହା ସେମାନଙ୍କୁ କୁହନ୍ତୁ । ସେମାନଙ୍କୁ ତାହାଙ୍କର ଜନ୍ମ, ବାପ୍ତିସ୍ମ, ଜୀବନ, ଅଦ୍ଭୁତକର୍ମ, ପ୍ରେମ, ମନଫେରଣର ବାକ୍ୟ, ଧରାପଡ଼ିବା, ମୃତ୍ୟୁ ଓ ପୁନଃରୁତ୍ଥାନ ବିଷୟରେ କୁହନ୍ତୁ । ଏହା ବିଶେଷକରି ଗୁରୁତ୍ୱପୂର୍ଣ୍ଣ ଅଟେ ଯଦି ସେହି ବ୍ୟକ୍ତିଙ୍କର କୌଣସି ଖ୍ରୀଷ୍ଟିୟ ପୃଷ୍ଠଭୂମି ନ ଥାଏ ।
- ସେମାନଙ୍କୁ କୁହନ୍ତୁ କି ଯୀଶୁଙ୍କ ସମୟରେ ମଧ୍ୟ, ଯେଉଁ ପ୍ରକାରେ ଆମେ ଈଶ୍ୱରଙ୍କ ସମ୍ମୁଖରେ ଭୁଲ୍ କରିଅଛୁ, ସେହିପ୍ରକାର ଲୋକ ଥିଲେ; ଯଦିବା ଆମେ ଭଲ ଲୋକ ଅଟୁ, ଏହାର ଅର୍ଥ ଆମ୍ଭେମାନେ ସମସ୍ତେ ପାପ କରିଅଛୁ । ପାପର କେତେକ ଉଦାହରଣ ସେମାନଙ୍କୁ ଦିଅନ୍ତୁ : ମିଥ୍ୟା କହିବା, ଚୋରି କରିବା, ଘୃଣା କରିବା, ଈର୍ଷା କରିବା, ବ୍ୟଭିଚାର କରିବା ଇତ୍ୟାଦି ।
- ସେମାନଙ୍କୁ କୁହନ୍ତୁ କି ବାଇବଲରେ ଯେମିତି ଈଶ୍ୱର ଲୋକମାନଙ୍କୁ କ୍ଷମା କରିଅଛନ୍ତି, ସେମିତି ସେ ଆପଣଙ୍କୁ ମଧ୍ୟ କ୍ଷମା କରିଅଛନ୍ତି,ଯେତେବେଳେ ଆପଣ ପାପରୁ ଅନୁତାପ କଲେ ।
- ଖ୍ରୀଷ୍ଟଙ୍କ ନିକଟରେ ଆପଣଙ୍କ ଜୀବନ ବିଷୟରେ ଅଳ୍ପ ବିବରଣ କରନ୍ତୁ, ଯେଉଁ ସମୟରେ ଆପଣ ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବା ଆରମ୍ଭ କଲେ ଓ ସେହି ସମୟଠାରୁ ଖ୍ରୀଷ୍ଟରେ ଏହି ଜୀବନ ପର୍ଯ୍ୟନ୍ତ (ଆପଣଙ୍କ ସାକ୍ଷ୍ୟ) ।

- ବାଇବଲର ଏକ ଅତି ଗୁରୁତ୍ୱପୂର୍ଣ୍ଣ ବାକ୍ୟଟିକୁ ଥରେ ପଢ଼ନ୍ତୁ କିମ୍ବା ଘୋଷନ୍ତୁ, ଯୋହନ ୩:୧୬, କୁହଯାଏ, "କାରଣ ଈଶ୍ୱର ଜଗତକୁ ଏଡ଼େ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଦାନ କଲେ, ଯେପରି ଯେ କେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତ ଜୀବନ ପ୍ରାପ୍ତ ହୁଏ ।"
- ପଚାରନ୍ତୁ, ଯଦି ସେହି ବ୍ୟକ୍ତିଜଣକ ମଧ ପାପରୁ ମନଫେରାଇବେ, ଖ୍ରୀଷ୍ଟଙ୍କୁ ବିଶ୍ୱାସ କରିବେ ଓ ସେ ଦେଉଥିବା କ୍ଷମାକୁ ଗ୍ରହଣ କରିପାରିବେ ।
- କୁହନ୍ତୁ ବିଶ୍ୱାସ କରିବା ଅର୍ଥ ଆପଣଙ୍କ ଜୀବନକୁ ଖ୍ରୀଷ୍ଟଙ୍କ ପାଖକୁ ଆଣିବା । ଏହା ହେଉଛି ତାହାଙ୍କ ଉପରେ ଭରସା ରଖିବା ଓ ଆପଣଙ୍କର ଜୀବନକୁ ତାହାଙ୍କୁ ଅର୍ପଣ କରିବା ।
- ଯଦି ସେମାନେ "ହଁ" କହନ୍ତି, ତେବେ ସେମାନଙ୍କ ଜୀବନକୁ ଈଶ୍ୱରଙ୍କୁ ଅର୍ପଣ କରି, ସେମାନଙ୍କୁ ଏକ ଛୋଟ ପ୍ରାର୍ଥନା କରିବାକୁ ସାହାଯ୍ୟ କରନ୍ତୁ ।
- ଯଦି ସେମାନେ "ନା" କହନ୍ତି, ତେବେ ସେମାନଙ୍କୁ କୁହନ୍ତୁ, ଯଦି ସେମାନେ ଅନୁମତି ଦିଅନ୍ତି ଆପଣ ସେମାନଙ୍କ ନିମନ୍ତେ କ୍ଷଣକ ପାଇଁ ପ୍ରାର୍ଥନା କରିବେ । ପରେ ପ୍ରାର୍ଥନା କରନ୍ତୁ କି ପ୍ରଭୁ ସେମାନଙ୍କୁ ତାହାଙ୍କର ସତ୍ୟକୁ ବୁଝିବାକୁ ସାହାଯ୍ୟ କରନ୍ତୁ ।

*ରୁହନ୍ତୁ ଏବଂ ଦଳଭାବେ ଅନ୍ୟଙ୍କୁ ଖ୍ରୀଷ୍ଟଙ୍କ ବିଷୟରେ କହିବାକୁ ଶିଖନ୍ତୁ । ଦୁଇଜଣଭାବେ ବିଭକ୍ତ କରନ୍ତୁ ପୁଣି ପ୍ରତିଜଣ ସଂପୂର୍ଣ୍ଣ ବିଷୟକୁ ପ୍ରସ୍ତୁତ କରି କହୁ ।

ସେହିପ୍ରକାର ଅଭ୍ୟାସ ପରେ, ଆପଣ ଭାବିପାରନ୍ତି, "ଏହା ଅସମ୍ଭବ । ମୁଁ କେବେହେଲେ କାହାକୁ ଖ୍ରୀଷ୍ଟଙ୍କ ବିଷୟରେ କହିପାରିବି ନାହିଁ ।" ଏହି ଅଧ୍ୟୟନର ଶେଷ ସତ୍ୟ ବିଷୟରେ ଭାବନ୍ତୁ :

୨. "ଆଉ ଦେଖ, ଯୁଗାନ୍ତ ପର୍ଯ୍ୟନ୍ତ ସଦାସର୍ବଦା, ମୁଁ ତୁମ୍ଭମାନଙ୍କ ସଙ୍ଗେ ସଙ୍ଗେ ଅଛି ।" ବାଇବଲ ଶିକ୍ଷା ଦିଏ, ଯେଉଁ କ୍ଷଣରେ ଆମେ ଖ୍ରୀଷ୍ଟଙ୍କୁ ଗ୍ରହଣ କରୁ, ଈଶ୍ୱରଙ୍କ ପବିତ୍ର ଆତ୍ମା ଆସି ଆମ୍ଭମାନଙ୍କ ଜୀବନରେ ବାସ କରନ୍ତି । ହୋଇପାରେ ଆପଣ ତାହାକୁ ଅନୁଭବ କରିନାହାନ୍ତି, କିନ୍ତୁ ସେ ଆପଣ ଜୀବନରେ କାମ ଆରମ୍ଭ କରିସାରିଛନ୍ତି (ଯୋହନ ୧୪:୭) ।

➤ ସେ ସେହି ବ୍ୟକ୍ତି ଯିଏ ଆମ୍ଭମାନଙ୍କୁ ପ୍ରତିଦିନ ଈଶ୍ୱରଙ୍କ ସହିତ ଏକାକୀ ସମୟ ବିଷୟରେ ଶିକ୍ଷା ଦିଅନ୍ତି (ଯୋହନ ୧୪:୨୬) ।

➤ ସେ ସେହି ବ୍ୟକ୍ତି ଯେବେ ଆମେ ଈଶ୍ୱରଙ୍କ ଅବାଧ ହେଉ ତ ଆମ୍ଭମାନଙ୍କୁ ତିକ୍ତ ଅନୁଭବ କରିବାରେ ସାହାଯ୍ୟ କରନ୍ତି । ସେ ସେହି ବ୍ୟକ୍ତିଜଣକ ଯିଏ ପ୍ରଥମ ଥର କରି ତାହାଙ୍କୁ ବୁଝିବାରେ ଆମକୁ ସମର୍ଥ କରନ୍ତି, କି ଆମ୍ଭେମାନେ ପାପୀ ଓ ଆମ୍ଭମାନଙ୍କ ଜୀବନରେ ଖ୍ରୀଷ୍ଟଙ୍କ କ୍ଷମା ଆବଶ୍ୟକ କରୁ (ଯୋହନ ୧୬:୮-୧୧) ।

➤ ସେ ହେଉଛନ୍ତି ସେହି ଯିଏ ଆମ୍ଭମାନଙ୍କୁ ଜ୍ଞାନ ଦିଅନ୍ତି ଓ ଆମ୍ଭମାନଙ୍କ ଜୀବନରେ ତାହାଙ୍କ ସିଦ୍ଧ ଇଚ୍ଛାରେ ଆଗେଇ ନିଅନ୍ତି (ଯୋହନ ୧୬:୧୩) ।

➤ ଯେବେ ଆମେ ଦୁଃଖିତ, ସେ ଆମ୍ଭମାନଙ୍କୁ ସାନ୍ତ୍ୱନା ଦିଅନ୍ତି (ପ୍ରେରିତ ୯:୩୧) । ବିଶେଷ ବରଦାନରେ ସେ ଆମ୍ଭମାନଙ୍କୁ ସାମର୍ଥ୍ୟ ଦିଅନ୍ତି ଯଦ୍ୱାରା ଆମେ ଯାହା ସ୍ୱପ୍ନରେ ସୁଦ୍ଧା ଭାବି ନ ଥାଉ ତାହା କରିଥାଉ । ଖ୍ରୀଷ୍ଟଙ୍କ ବିଷୟରେ କହିବାକୁ ସେ ଆମ୍ଭମାନଙ୍କୁ ବାକ୍ୟ ଦିଅନ୍ତି (୧ କରିନ୍ଥୀୟ ୧୨) ।

ଆମେ ଭାବିଥାଉ କି, ଯେମିତି ଆମକୁ ହେବା ଆବଶ୍ୟକ ସେମିତି ଖ୍ରୀଷ୍ଟଙ୍କର ଜଣେ ବିଶ୍ୱାସୀ ମୁଁ କେବେହେଲେ ହୋଇପାରିବି ନାହିଁ । ଆଉ ଭାବିଥାଉ, ଈଶ୍ୱରଙ୍କ ଆଜ୍ଞା ମାନିବା ଅସମ୍ଭବ ଅଟେ । ସତ ଏହା କି ! ଏହା ସତ ଅଟେ । ଖ୍ରୀଷ୍ଟଙ୍କୁ ଅନୁକରଣ କରିବାରେ, ଆମେ କିଛି କରିପାରିବୁ ନାହିଁ, କିନ୍ତୁ ଈଶ୍ୱର କରିପାରନ୍ତି ପବିତ୍ର ଆତ୍ମାଙ୍କ ଦ୍ୱାରା ଯିଏ ଆମ୍ଭମାନଙ୍କ ଜୀବନରେ ବାସ କରନ୍ତି ।

ଖ୍ରୀଷ୍ଟଙ୍କ ବିଷୟରେ ଅନ୍ୟଙ୍କୁ କହିବା ଏହା ରହସ୍ୟ ଅଟେ; ଭୟ ବିନା ଜୀବନ ବିତାଇବା ଏହା ହେଉଛି ରହସ୍ୟ; ପ୍ରତିଦିନ ଉତ୍ତମ ନିଷ୍ପତ୍ତି ନେବାର ଏହା ହେଉଛି ରହସ୍ୟ । ଯେତେବେଳେ ଆମେ ବିଶ୍ୱର ସୃଷ୍ଟିକର୍ତ୍ତାଙ୍କୁ ଆମ ଜୀବନରେ ପ୍ରବେଶ କରିବାକୁ ଅନୁମତି ଦେଉ, ସେ ଆମ୍ଭମାନଙ୍କୁ ତାହାଙ୍କ ନିତ୍ୟ ଉପସ୍ଥିତିର ଦାନ ଦିଅନ୍ତି । ପବିତ୍ର ଆତ୍ମାଙ୍କ ଉପସ୍ଥିତି, ଆମ୍ଭମାନଙ୍କର ବଳ ଓ ଶକ୍ତିର ଉତ୍ସ ଅଟେ । ଏହା ଏକ ଆନନ୍ଦର ବିଷୟ । କାରଣ ବାଇବଲ ଆମ୍ଭମାନଙ୍କୁ ଶିକ୍ଷା ଦିଏ ଯେ, ଆମ ପ୍ରତ୍ୟେକଙ୍କ ଜୀବନ ପ୍ରତି ଈଶ୍ୱରଙ୍କ ପାଖେ ଏକ ସୁନ୍ଦର ଯୋଜନା ଅଛି, ଅତୁଳନୀୟ ବିଚାର ଓ ଏକ ସୁନ୍ଦର ଉଦ୍ଦେଶ୍ୟ ଅଛି । ଆସନ୍ତୁ ଏହି ଅଧ୍ୟୟନକୁ ଯିରିମିୟ ୨୯:୧୧-୧୩ ଥିବା ବିଶେଷ ପ୍ରତିଜ୍ଞା ସହିତ ସମାପ୍ତ କରୁ ।

**"କାରଣ ସଦାପ୍ରଭୁ କହନ୍ତି, ତୁମ୍ଭମାନଙ୍କ ପକ୍ଷରେ ଆମ୍ଭେ ଯେସକଳ ସଂକଳ୍ପ କରିଅଛୁ, ତାହା ଆମ୍ଭେ ଜାଣୁ । ତୁମ୍ଭମାନଙ୍କ ଅନ୍ତିମକାଳରେ ତୁମ୍ଭମାନଙ୍କୁ ଭରସା ଦେବା ନିମନ୍ତେ ସେସବୁ ଅମଙ୍ଗଳର ନୁହେଁ, ମଙ୍ଗଳର ଅଟେ । ପୁଣି ତୁମ୍ଭେମାନେ ଆମ୍ଭଙ୍କୁ ଆହ୍ୱାନ କରିବ ଓ ଯାଇ ଆମ୍ଭ ନିକଟରେ ପ୍ରାର୍ଥନା କରିବ, ତହିଁରେ ଆମ୍ଭେ ତୁମ୍ଭମାନଙ୍କ କଥାରେ ମନଯୋଗ କରିବା । ଆଉ ତୁମ୍ଭେମାନେ ଆମ୍ଭଙ୍କୁ ଅନ୍ୱେଷଣ କରିବ ଓ ସର୍ବାନ୍ତଃକରଣ ସହିତ ଆମ୍ଭଙ୍କୁ ଖୋଜିଲେ ଆମ୍ଭର ଉଦ୍ଦେଶ୍ୟ ପାଇବ ।"**

**ଈଶ୍ୱର ଆପଣଙ୍କୁ ଆଶୀର୍ବାଦ ଦିଅନ୍ତୁ, ଯେମିତି ନିରନ୍ତର ଆପଣ ତାହାଙ୍କୁ ଜାଣନ୍ତି ଓ ଅନ୍ୱେଷଣ କରନ୍ତି !**